ବର୍ଷ-୨୬, ସଂଖ୍ୟା-୨୫୫
ଭୁବନେଶ୍ୱର
ସେପ୍ଟେମ୍ବର, ୨୨, ୨୦୨୬ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 255
Bhubaneswar
September, 22, 2026, Tuesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

୪ ବର୍ଷ ପରେ ମୃଣାଳଙ୍କ ଫିଲ୍ମ



# ବାତ୍ୟା ଭୟ ଟଳିଲା, ୧୧ ଜିଲ୍ଲାରେ ବର୍ଷିବ

ଭୁବନେଶ୍ୱର, ୨୧।୯ (ମହାଭାରତ): ଦକ୍ଷିଣ-ଉତ୍ତର ବଙ୍ଗୋପସାଗରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ବଡବାତ୍ୟାର ରୂପ ନେବ ନାହିଁ, ବରଂ ଗଭୀର ଅବପାତର ରୂପ ନେଇ ପ୍ରବଳ ବର୍ଷାହେବ। ଏଣୁ ଆଗାମୀ ୨/୩ଦିନ ମଧ୍ୟରେ ଦକ୍ଷିଣାଞ୍ଚଳର ୧୧ଟି ଜିଲ୍ଲା ନିମନ୍ତେ ପ୍ରଶାସନ ପକ୍ଷରୁ ଆଗୁଆ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି।

ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଆଜି ଅନୁଷ୍ଠିତ ସମୀକ୍ଷା ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଅଧ୍ୟକ୍ଷତା କରିଥିଲେ। ଆଭାସୀ ମାଧ୍ୟମରେ ଯୋଗଦେଇ ଥିବା ଜିଲ୍ଲାପାଳ ଏବଂ ଜିଲ୍ଲା ପ୍ରଶାସନର ଅନ୍ୟ ବରିଷ୍ଠ ଅଧିକାରୀମାନଙ୍କ ସହିତ ଆଲୋଚନା କରି ଜିଲ୍ଲାରେ ପ୍ରସ୍ତୁତି ସଂପର୍କରେ ମୁଖ୍ୟ ଶାସନ ସଚିବ ପଚାରି ବୁଝିଥିଲେ । ସମୀକ୍ଷା ପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଲେ ବର୍ତ୍ତମାନ ପରିପ୍ରେକ୍ଷୀରେ ବାତ୍ୟାର ସମ୍ଭାବନା ନାହିଁ। ଦକ୍ଷିଣାଞ୍ଚଳ ଜିଲ୍ଲାମାନଙ୍କରେ ଲଘୁଚାପଜନିତ ପ୍ରବଳ ବର୍ଷାର ସମ୍ଭାବନା ରହିଛି । ଏହା ସତ୍ତ୍ୱେ ଶତ ପ୍ରତିଶତ ପ୍ରସ୍ତୁତି ଓ ସଜାଗ ରହିବାକୁ ସେ ସଂପୃକ୍ତ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି ।



ଭୁବନେଶ୍ୱରସ୍ଥିତ ଭାରତୀୟ ପାଣିପାଗ ବିଭାଗ ଆଞ୍ଚଳିକ କେନ୍ଦ୍ର ନିର୍ଦ୍ଦେଶିକା ଡକ୍ଟର ମନୋରମା ମହାନ୍ତି କହିଛନ୍ତି, ବର୍ତ୍ତମାନ ରାଜ୍ୟରେ ପାଣିପାଗ ସ୍ଥିତି, ସମ୍ଭାବ୍ୟ ବର୍ଷା ଓ ଆଗାମୀ ଦିନଗୁଡ଼ିକର ପୂର୍ବାନୁମାନ ସମ୍ପର୍କରେ ସୂଚନା ଦେଇଥିଲେ । ବଙ୍ଗୋପସାଗରର ପୂର୍ବ କେନ୍ଦ୍ରୀୟ ଏବଂ ସଂଲଗ୍ନ ପଶ୍ଚିମକେନ୍ଦ୍ରୀୟ ଅଞ୍ଚଳରେ ରହିଥିବା ସୁସ୍ପଷ୍ଟ ଲଘୁଚାପ କ୍ଷେତ୍ର ଆଗାମୀ ୨୪ ଘଣ୍ଟାରେ ଅବପାତରେ ଏବଂ ପରବର୍ତ୍ତୀ ୨୪ ଘଣ୍ଟାରେ ଗଭୀର ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି। ଏହା ପଶ୍ଚିମ, ଉତ୍ତରପଶ୍ଚିମ ଦିଗକୁ ଗତି କରି ଆସନ୍ତା ୨୩ ତାରିଖ ସକାଳେ ଉତ୍ତର ଆନ୍ଧ୍ରପ୍ରଦେଶ, ଦକ୍ଷିଣ ଓଡ଼ିଶା ଉପକୂଳ ନିକଟରେ ପହଞ୍ଚିବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ବିଶେଷ କରି ଦକ୍ଷିଣ ଓଡ଼ିଶାର ପ୍ରାୟ ୧୧ଟି ଜିଲ୍ଲାରେ ୨୨ରୁ ବର୍ଷା ଆରମ୍ଭ ହୋଇ ୨୪ ତାରିଖ ପର୍ଯ୍ୟନ୍ତ ଗଭୀର ଅବପାତର ସମ୍ଭାବନା ରହିଛି। ସମୁଦ୍ରକୂଳ ଅଞ୍ଚଳରେ ସେହି ସମୟରେ ୪୫-୫୫ କିଲୋମିଟର ଏବଂ କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ପ୍ରାୟ ୭୦ କିମି. ବେଗରେ ପବନ ବହିବାର ସମ୍ଭାବନା ଅଛି।

ଏସଆରସିଙ୍କ ପକ୍ଷରୁ କୁହାଯାଇଛି , ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ପାଇଁ ସମସ୍ତ ବନ୍ୟାବାତ୍ୟା ଆଶ୍ରୟସ୍ଥଳୀ ଗୁଡ଼ିକରେ ବିଦ୍ୟୁତ୍ ବ୍ୟବସ୍ଥା ଓ ଆନୁଷଙ୍ଗିକ ସୁବିଧା ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଓଡ୍ରାଫ୍ ଏବଂ ଏନଡିଆରଏଫ ଟିମ୍ ମୁତୟନ ପାଇଁ ପଦକ୍ଷେପ ନିଆଯାଇଛି । ଏସଆରସିଙ୍କ କାର୍ଯ୍ୟାଳୟର କଣ୍ଟ୍ରୋଲ ରୁମ୍ ୨୪ ଘଣ୍ଟିଆ କାର୍ଯ୍ୟକ୍ଷମ ରହିବ। ଉପକୂଳବର୍ତ୍ତୀ ଅଞ୍ଚଳରେ ମଧ୍ୟ ଆବଶ୍ୟକ ସତର୍କତା ଓ ପ୍ରସ୍ତୁତି ନିଶ୍ଚିତ କରାଯିବ। ସମସ୍ତ ମତ୍ସ୍ୟଜୀବୀଙ୍କୁ ଆଜିଠାରୁ ୨୪ ତାରିଖ ପର୍ଯ୍ୟନ୍ତ ମାଛ ଧରିବା ପାଇଁ ସମୁଦ୍ର ମଧ୍ୟକୁ ନଯିବାକୁ ପରାମର୍ଶ ଦିଆଯାଇଛି।

ସମ୍ଭାବ୍ୟ ବାତ୍ୟା ଓ ବର୍ଷାକୁ ନେଇ ବଡ ସୂଚନା ଦେଇଛି ଭାରତୀୟ ପାଣିପାଗ ବିଭାଗ। ଆସନ୍ତା ୨୩ ଓ ୨୪ ତାରିଖରେ ଓଡିଶାରେ ପ୍ରବଳ ବର୍ଷାର ଆଶଙ୍କା ଥିବା ପୂର୍ବାନୁମାନ କରିଛନ୍ତି ବିଭାଗର ନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର।ତାଙ୍କ କହିବା କଥା ଯେ ୧୯ ତାରିଖରେ ଉତ୍ତର ଆଣ୍ଡାମାନ ସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଧୀରେଧୀରେ ପଶ୍ଚିମ ଉତ୍ତର ଦିଗରେ ଗତି କରିବାରେ ଲାଗିଛି। ଆଜି(ସୋମବାର) ସନ୍ଧ୍ୟା ସୁଦ୍ଧା ଏହା ଅବପାତରେ ପରିଣତ ହୋଇପାରେ। ଧୀରେଧୀରେ ଏହା ଗଭୀର ଅବପାତ ରୂପ ନେବ। ଏହାର ପ୍ରଭାବରେ ୨୩ ଓ ୨୪ ତାରିଖରେ ଓଡିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ସେ କହିଛନ୍ତି, "ପୁରୀରୁ ଦକ୍ଷିଣକୁ ଥିବା ଜିଲ୍ଲାଗୁଡିକ ସମ୍ଭାବ୍ୟ ଗଭୀର ଅବପାତରେ ସବୁଠାରୁ ବେଶୀ ପ୍ରଭାବିତ ହେବେ। ୨୨ ତାରିଖ ସନ୍ଧ୍ୟାରୁ ଘଣ୍ଟାପ୍ରତି ୫୫ରୁ ୬୫ କିମି ବେଗରେ ପବନ ବହିପାରେ। ଆଉ ୨୩ ତାରିଖ ରାତିରୁ ୨୪ ତାରିଖ ସକାଳ ମଧ୍ୟରେ ଗଭୀର ଅବପାତ ଦକ୍ଷିଣ ଓଡିଶା ଉପକୂଳ ଅତିକ୍ରମ କରିବ। ତେଣୁ ୨୩ ଓ ୨୪ ତାରିଖରେ କିଛି ସ୍ଥାନରେ ଅତ୍ୟନ୍ତ ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି।୨୫ ତାରିଖ ବେଳକୁ ଆଭ୍ୟନ୍ତରୀଣ ଓଡିଶାରେ ମଧ୍ୟ ଅଧିକ ବର୍ଷା ହେବ। ଏପରିକି ୨୦ ସେମି ପର୍ଯ୍ୟନ୍ତ ବର୍ଷା ହେବାର ଆଶଙ୍କା ରହିଛି। ଏଥିଯୋଗୁ ତଳିଆ ଅଞ୍ଚଳ ଜଳମଗ୍ନ ହୋଇପାରେ। ତଳିଆ ଅଞ୍ଚଳର ସହରୀ ବନ୍ୟା ଆଶଙ୍କାକୁ ମଧ୍ୟ ଏଡାଇ ଦିଆଯାଇ ନପାରେ।" ପ୍ରବଳ ବର୍ଷା ହେବାକୁ ଥିବାରୁ ନଦୀର ଜଳସ୍ତର ବିବା ସମ୍ଭାବନା ରହିଛି । ଆଉ ସମୁଦ୍ର ଅଶାନ୍ତ ହୋଇପାରେ। ତେଣୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଯିବାକୁ ମନା କରିଛନ୍ତି ଆଇଏମଡି ମହାନିର୍ଦ୍ଦେଶକ ଶ୍ରୀ ମହାପାତ୍ର। ଏଥିପାଇଁ ସେ ସମସ୍ତଙ୍କୁ ସତର୍କ ରହିବାକୁ ମଧ୍ୟ ପରାମର୍ଶ ଦେଇଛି।

## ଶିକ୍ଷକମାନଙ୍କ ସମସ୍ୟା

# ରାଜ୍ୟ ସରକାରଙ୍କୁ ରିପୋର୍ଟ ଦେଲେ ଅଶୋକ ତ୍ରିପାଠୀ କମିଟି

ଭୁବନେଶ୍ୱର, ୨୧।୯ (ମହାଭାରତ): ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ରାଜ୍ୟର ପ୍ରାଥମିକ, ଉଚ୍ଚ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକ ମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଗଠିତ କମିଟି ଏହାର ରିପୋର୍ଟ ପ୍ରଦାନ କରିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ଏହି କମିଟି ୨୦୨୫ ଡିସେମ୍ବର ୬ ତାରିଖରେ ଗଠିତ ହୋଇଥିଲା ଏବଂ ୨୦୨୬ ଫେବୃଆରୀ ୩ ତାରିଖରେ ପୁର୍ନଗଠିତ ହୋଇଥିଲା । ଆଜି ଏହି କମିଟି ତା'ର ରିପୋର୍ଟ ପ୍ରଦାନ କରିଛି । ଏହି ସୁପାରିଶ ଗୁଡିକ ଉପରେ ଅନୁଧ୍ୟାନ କରାଯାଇ ଉପଯୁକ୍ତ ନିଷ୍ପତ୍ତି ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।



ବୈଠକର ସୂଚନା ଅନୁଯାୟୀ ଏହି କମିଟି ନିକଟରେ ରାଜ୍ୟର ବିଭିନ୍ନ ବର୍ଗର ଶିକ୍ଷକମାନଙ୍କର ୧୦୪ଟି ସଂଘ କମିଟିକୁ ଭେଟିଛନ୍ତି । କମିଟି ଏହି ଦାବୀ ସମ୍ପର୍କରେ ୯୦ଟି ବୈଠକ ଅନୁଷ୍ଠିତ କରିଛନ୍ତି ଏବଂ ସରକାରଙ୍କୁ ୭୯ଟି ରିପୋର୍ଟ ପ୍ରଦାନ କରିଛନ୍ତି। ବୈଠକରେ କମିଟିର ବିଭିନ୍ନ ସୁପାରିଶ ସମ୍ପର୍କରେ ଅଧ୍ୟକ୍ଷ ଶ୍ରୀ ଅଶୋକ ତ୍ରିପାଠୀ ଏବଂ ସହ-ଅଧ୍ୟକ୍ଷ ଶ୍ରୀ ସୁଦର୍ଶନ ନାୟକ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଉପସ୍ଥାପନ କରିଥିଲେ । ଏହି ବୈଠକରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଅର୍ଥ ବିଭାଗ ପ୍ରମୁଖ ସଚିବ ଏବଂ ଉଚ୍ଚଶିକ୍ଷା ଓ ବିଦ୍ୟାଳୟ ଗଣଶିକ୍ଷା ବିଭାଗର ସଚିବମାନେ ଉପସ୍ଥିତ ଥିଲେ। କମିଟିର ଅନ୍ୟ ସଦସ୍ୟ ଶାନ୍ତନୁ କୁମାର ସାହୁ, ମନୋରଞ୍ଜନ ମିଶ୍ର ଏବଂ ସଂଯୋଜକ ସଦସ୍ୟ ସନାତନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

# ଆଜି ବିଧାନସଭାର ମୌସୁମୀ ଅଧିବେଶନ

## ସହଯୋଗ ଲୋଡିଲେ ସରକାର, ଏମଏମଡିଆର ଓ ମହାନଦୀ ପ୍ରସଙ୍ଗରେ ଆରପାର୍ ମୁଡରେ ବିରୋଧୀ !

ଭୁବନେଶ୍ୱର, ୨୧।୯ (ମହାଭାରତ): ଆସନ୍ତାକାଲିଠୁ ଆରମ୍ଭ ହେବାକୁ ଯାଉଛି ଓଡିଶା ବିଧାନସଭାର ମୌସୁମୀ ଅଧିବେଶନ। ଏହି ସ୍ୱଳ୍ପକାଳୀନ ଅଧିବେଶନକୁ ଶାନ୍ତିପୂର୍ଣ୍ଣ ଓ ସୁରୁଖୁରୁରେ ପରିଚାଳନା କରିବା ନିମନ୍ତେ ବାଚସ୍ପତି ସୁରମା ପାଢୀଙ୍କ ଅଧ୍ୟକ୍ଷତାରେ ଆଜି ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବାଚସ୍ପତି ଶ୍ରୀମତୀ ପାଢୀ ସବୁ ଦଳର ସହଯୋଗ ଲୋଡିଛନ୍ତି।

ବୈଠକ ପରେ ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୁସ୍ଥ ସଂସଦୀୟ ପରମ୍ପରା ରକ୍ଷା ଓ ଜନହିତକର ପ୍ରସଙ୍ଗରେ ଗଠନମୂଳକ ଓ ଅର୍ଥପୂର୍ଣ୍ଣ ଆଲୋଚନା ପାଇଁ ସମସ୍ତ ରାଜନୈତିକ ଦଳର ସକାରାତ୍ମକ ସହଯୋଗ ଲୋଡିଛନ୍ତି। ତାଙ୍କ ସରକାର ରାଜ୍ୟବାସୀଙ୍କ ସର୍ବାଙ୍ଗୀନ କଲ୍ୟାଣ ତଥା ଏକ ସମୃଦ୍ଧ ଓ ବିକଶିତ ଓଡିଶା ଗଠନ ପାଇଁ ସହମତି ଏବଂ ସହଯୋଗ ଭିତ୍ତିରେ କାର୍ଯ୍ୟ କରିବାକୁ ଦୃ ପ୍ରତିବଦ୍ଧ ବୋଲି କହିଛନ୍ତି।

ସେହିପରି ସରକାରଙ୍କ ଆଭିମୁଖ୍ୟ ଓ କାର୍ଯ୍ୟକ୍ରମ ସ୍ପଷ୍ଟ କରି ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି ଯେ, ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକରେ ବିଧାନସଭା ଅଧିବେଶନର ସୁପରିଚାଳନା ପାଇଁ ଆଲୋଚନା ହେଲା। ବିରୋଧୀ ଦଳ ଏମଏମଡିଆର ଆକ୍ଟ ସଂଶୋଧନର ପ୍ରସଙ୍ଗ ଉଠାଇଛନ୍ତି ତାହା ଉପରେ ବାଚସ୍ପତି ବିଚାର କରିବେ। ଯାହାବି ପ୍ରସଙ୍ଗ ବିରୋଧୀ ଦଳ ଉଠାଇବେ ଆମେ ଆଲୋଚନା ପାଇଁ ପ୍ରସ୍ତୁତ ଅଛୁ। ତେବେ ଅଧିବେଶନରେ କେଉଁ ବିଲ୍ ଆସିବ ସେସମ୍ପର୍କରେ ବିଧାନସଭାର କାର୍ଯ୍ୟପରାମର୍ଶଦାତା କମିଟି ବିଚାର କରିବେ। ଏବେସୁଦ୍ଧା ୬ଟି ବିଲର ନୋଟିସ୍ ଆସିଛି ବୋଲି ସେ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ସରକାରଙ୍କ ଆଭିମୁଖ୍ୟକୁ ସହଜରେ ଗ୍ରହଣ କରିବା ମୁଡରେ ନାହିଁ ବିରୋଧୀ ବିଜେଡି। ବୈଠକ ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି ଯେ, ଆଜି ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ଚିରାଚରିତ ଢଙ୍ଗରେ ସର୍ବଦଳୀୟ ବୈଠକ ହୋଇଛି। ବିଧାନସଭା କେମିତି ଚାଲିବ ସେନେଇ ଆଲୋଚନା କଲେ। ଆମେ କିନ୍ତୁ ଏମଏମଡିଆର ଆକ୍ଟ ସଂଶୋଧନ କଥା ଉଠାଇଲୁ, ଓଡିଶାର ଯାହା କ୍ଷତି ହୋଇଛି ସେନେଇ ଆଲୋଚନା କରାଯାଉ, ନଚେତ୍ ଧନ୍ୟବାଦ ଦେଇ ଆଲୋଚନା କରାଯାଉ। ଆମେ ଅପେକ୍ଷା ବି କରିଛୁ। ନହେଲେ ତା'ପରେ ଦଳ ଯାହା ନିଷ୍ପତ୍ତି ନେବ ସେହି ଅନୁଯାୟୀ ଆମେ କାର୍ଯ୍ୟ କରିବୁ। ଗୃହ ଚାଲିବାରେ ସହଯୋଗ କରିବୁ କି ନାହିଁ ତାହା ଆମ ଦଳ ନିଷ୍ପତ୍ତି ନେବ ବୋଲି ସେ କହିଛନ୍ତି।



ସେହିପରି କଂଗ୍ରେସ ମଧ୍ୟ ଜନସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗରେ ପଛଘୁଂଚା ଦେବନାହିଁ ବୋଲି ସ୍ପଷ୍ଟ କରିଛି। ବୈଠକ ପରେ କଂଗ୍ରେସ ବିଧାୟକ ଅଶୋକ ଦାସ କହିଛନ୍ତି ଯେ, ବିଧାନସଭାକୁ ସୁରୁଖୁରୁରେ ଚଳାଇବାକୁ ବାଚସ୍ପତି କହିଛନ୍ତି। ଆମେ ରାଜ୍ୟବାସୀଙ୍କ ସ୍ୱାର୍ଥ ପାଇଁ ଯେଉଁ ପ୍ରସ୍ତାବ ଦେଉଛୁ ତାକୁ ଆଲୋଚନା ପାଇଁ କହିଛୁ। ଏମଏମଡିଆର ଆକ୍ଟ ଓ ପାଠ୍ୟପୁସ୍ତକ ତ୍ରୁଟିକୁ ଆଲୋଚନା ପାଇଁ ଆମେ କହିଛୁ। ଆମେ ଏ ପ୍ରସଙ୍ଗକୁ ଜୋରଦାର ଢଙ୍ଗରେ ଉଠାଇବୁ ଓ ଏହାକୁ ଆଲୋଚନାକୁ ନେବାକୁ ଦାବି କରିବୁ। ଏଥିସହିତ ରାଜ୍ୟ ସରକାରଙ୍କ ବାରମ୍ବାର ବିବୃତି ସତ୍ତ୍ୱେ ମହାନଦୀ ଜଳ ବିବାଦର ସ୍ଥାୟୀ ସମାଧାନ ନହେବା ପ୍ରସଙ୍ଗକୁ ମଧ୍ୟ କଂଗ୍ରେସ ଜୋରଦାର ଭାବେ ଉଠାଇବ ବୋଲି ସେ ଦୋହରାଇଛନ୍ତି।

ଆଜିର ସର୍ବଦଳୀୟ ବୈଠକରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ, ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ, ସଂସଦୀୟ ବ୍ୟାପାର ମନ୍ତ୍ରୀ ଶ୍ରୀ ମହାଲିଙ୍ଗ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସମେତ ବିଜେଡି ବିଧାୟକ ଦଳର ଉପନେତା ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ବିଜେଡି ମୁଖ୍ୟ ସଚେତକ ଶ୍ରୀମତୀ ମଲ୍ଲିକ, ଉପମୁଖ୍ୟ ସଚେତକ ପ୍ରତାପ କେଶରୀ ଦେବ ଓ କଂଗ୍ରେସ ବିଧାୟକ ଶ୍ରୀ ଦାସ ଉପସ୍ଥିତ ଥିଲେ। ଏହି ସର୍ବଦଳୀୟ ବୈଠକରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଓ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଯୋଗ ଦେଇନଥିଲେ।

ସୂଚନାଯୋଗ୍ୟ, ଆସନ୍ତାକାଲିଠୁ ଅକ୍ଟୋବର ୩ ତାରିଖ ପର୍ଯ୍ୟନ୍ତ ବିଧାନସଭାର ସ୍ୱଳ୍ପକାଳୀନ ମୌସୁମୀ ଅଧିବେଶନରେ ମୋଟ ୯ଟି କାର୍ଯ୍ୟଦିବସ ରହିଛି। ଚଳିତ ଅଧିବେଶନ କାଳରେଗୃହରେ ସରକାର ଛଅଟି ଗୁରୁତ୍ୱପୂର୍ଣ୍ଣ ବିଲ୍ ଆଣିବାକୁ ପ୍ରସ୍ତୁତ ଥିବାବେଳେ ବିରୋଧୀ ବିଜେଡି ଓ କଂଗ୍ରେସ ବିଭିନ୍ନ ସମ୍ବେଦନଶୀଳ ପ୍ରସଙ୍ଗରେ ଶାସକ ଦଳକୁ କାଠଗଡାରେ ଠିଆ କରିବାକୁ ସଜବାଜ ହୋଇଛନ୍ତି।

କେନ୍ଦ୍ର ସରକାରଙ୍କ ଏମଏମଡିଆର ଆକ୍ଟ ସଂଶୋଧନକୁ ନେଇ ଗୃହରେ ସ୍ୱତନ୍ତ୍ର ସଂକଳ୍ପ ପାରିତ କରିବା ପାଇଁ ଉଭୟ ବିରୋଧୀ ବିଜେଡି ଓ କଂଗ୍ରେସ ଜୋରଦାର ଦାବି କରିଛି। ସେହିପରି ଦୀର୍ଘଦିନ ଧରି ଲାଗି ରହିଥିବା ମହାନଦୀ ଜଳ ବିବାଦର ସ୍ଥାୟୀ ସମାଧାନ ନହେବା, ବିଦ୍ୟାଳୟ ପାଠ୍ୟପୁସ୍ତକରେ ତ୍ରୁଟି, ଦୁଇ ହଜାର ଟଙ୍କାରୁ ଅଧିକ ୟୁପିଆଇ କାରବାର ଉପରେ ସମ୍ଭାବ୍ୟ ଶୁଳ୍କ ଧାର୍ଯ୍ୟ, ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି, ଚାଷୀ ସମସ୍ୟା ଓ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ବିରୋଧୀ ସରକାରଙ୍କୁ ଘେରିବାକୁ ପୂରା ପ୍ରସ୍ତୁତ ହୋଇ ରହିଛନ୍ତି। ଆଜି ସନ୍ଧ୍ୟାରେ ବିଜେଡିର ବିଧାୟକ ଦଳ ବୈଠକ ବସିବ ଓ ଦଳ ବିଧାନସଭା ଅଧିବେଶନ ପାଇଁ ରଣନୀତିକୁ ଚୂଡାନ୍ତ ରୂପ ଦେବ ବୋଲି ଜଣାପଡିଛି। ସରକାର ସମସ୍ତ ଆଲୋଚନା ପାଇଁ ପ୍ରସ୍ତୁତ ବୋଲି କହୁଥିବାବେଳେ ବିରୋଧୀଙ୍କ ଆକ୍ରମଣାତ୍ମକ ଆଭିମୁଖ୍ୟ ଚଳିତ ମୌସୁମୀ ଅଧିବେଶନକୁ ସରଗରମ କରିବାର ସମ୍ଭାବନା ରହିଛି।

# ୧୦୫ ଥର ସିସିଟିଭିରେ କଏଦ ହୋଇଛି ରାମ ମନ୍ଦିର ଚାନ୍ଦା ଚୋରି

ଅଯୋଧ୍ୟା, ୨୧।୯ ((ମହାଭାରତ)): ଅଯୋଧ୍ୟାର ରାମ ମନ୍ଦିର ଚାନ୍ଦା ଚୋରି ଘଟଣାକୁ ନେଇ ଆସିଛି ନୂଆ ତଥ୍ୟ। ମନ୍ଦିରକୁ ଶ୍ରଦ୍ଧାଳୁମାନେ ଦେଇଥିବା ଚାନ୍ଦା ବା ଦକ୍ଷିଣା ଚୋରି ହେବାର ଦୃଶ୍ୟ ୧୦୫ ଥର ସେଠାରେ ଲାଗିଥିବା ସିସିଟିଭିରେ କଏଦ ହୋଇଛି। ସୋମବାର ସୁପ୍ରିମକୋର୍ଟଙ୍କୁ ଏପରି ତଥ୍ୟ ମିଳିଛି। ରାମ ମନ୍ଦିର ଚାନ୍ଦା ଚୋରି ଘଟଣାର ତଦନ୍ତ କରୁଥିବା ଏସ୍ଆଇଟି ପ୍ରସ୍ତୁତ କରିଥିବା ରିପୋର୍ଟରେ ମଧ୍ୟ ଏହି ତଥ୍ୟ ରହିଛି। ଏହାକୁ ଆଧାର କରି ଆଜି ସିଲିସିଟର ଜେନେରାଲ ତୁଷାର ମେହଟା ଏହି ସୂଚନା ଦେଇଛନ୍ତି। ସଲିସିଟର ଜେନେରାଲ ତୁଷାର ମେହଟା କୋର୍ଟଙ୍କୁ ଅବଗତ କରାଇଛନ୍ତି ଯେ ଏସ୍ଆଇଟି ଆରମ୍ଭ କରିଥିବା ତଦନ୍ତ ଏବେ ଶେଷ ପର୍ଯ୍ୟାୟରେ ରହିଛି। ସେପ୍ଟେମ୍ବର ୨୫ ସୁଦ୍ଧା ଚାର୍ଜଶିଟ ଦାଖଲ ହେବ। ଏହା ଶୁଣି ଚାର୍ଜଶିଟ ଅନୁସାରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମାଜିଷ୍ଟ୍ରେଟଙ୍କୁ କହିଛନ୍ତି ସର୍ବୋଚ୍ଚ ଅଦାଲତ।

ରାମ ମନ୍ଦିର ଚାନ୍ଦା ଚୋରି ସହ ଜଡିତ ମାମଲାର ଶୁଣାଣି କରିବା ସମୟରେ ସୁପ୍ରିମକୋର୍ଟ ଏସ୍ଆଇଟିର ଷ୍ଟାଟସ ରିପୋର୍ଟକୁ ସମୀକ୍ଷା କରିଛନ୍ତି। ଶୁଣାଣି ବେଳେ ଘଟଣାରେ କେତେ ଜଣ ଗିରଫ ହୋଇଛନ୍ତି ଓ କ'ଣ ସବୁ ତଥ୍ୟ ସଂଗ୍ରହ କରାଯାଇଛି, ସେ ବିବାଦରେ କୁହାଯାଇଛି। ଏଥିସହ ଉପଲବ୍ଧ ଥିବା ପ୍ରମାଣ ମଧ୍ୟ କୋର୍ଟଙ୍କ ଆଗରେ ଉପସ୍ଥାପନ ହୋଇଛି। ସିସିଟିଭି ଫୁଟେଜ, ସାକ୍ଷୀଙ୍କ ବୟାନ ଓ ଅନ୍ୟ ତଥ୍ୟ ମଧ୍ୟ କୋର୍ଟଙ୍କୁ ଦିଆଯାଇଛି।

କେମିତି ସିସିଟିଭି ଫୁଟେଜ ଓ ଅନ୍ୟ ଯାଞ୍ଚରୁ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇଥିଲା, ସେକଥା ସୁପ୍ରିମକୋର୍ଟଙ୍କୁ ରିପୋର୍ଟ ଜରିଆରେ ଜଣାଇ ଦିଆଯାଇଛି। କୋର୍ଟ ମଧ୍ୟ ସବୁ ତଥ୍ୟକୁ ରେକର୍ଡ କରିଛନ୍ତି। ରିପୋର୍ଟରେ ଆହୁରି କୁହାଯାଇଛି ଯେ ମୂଲ୍ୟବାନ ଜିନିଷର ରସିଦକୁ ସଫ୍ଟୱେୟାର ଦ୍ୱାରା ବାହାର କରାଯାଇଛି ଓ ସବୁ ଜିନିଷ ଏସ୍ବିଆଇ ଲକରେ ରଖାଯାଇଛି। ସିସିଟିଭିରେ ଚାନ୍ଦା ଚୋରି ଘଟଣା ୧୦୫ ଥର ରେକର୍ଡ ହୋଇଛି। ଆବେଦନକାରୀ ଶୁଣାଣି ବେଳେ ଏସ୍ଆଇଟିର କପି ମାଗିଥିଲେ। କିନ୍ତୁ ସୁପ୍ରିମକୋର୍ଟ ଏହାକୁ ଗ୍ରହଣ କରି ନାହାନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ଖଣ୍ଡପୀଠଙ୍କ କହିବା କଥା ଯେ ଏହି ମାମଲା ସେସନ୍ସ ଜଜଙ୍କ ହାତରୁ ସୁପ୍ରିମକୋର୍ଟ ଆଣିବାକୁ ଚାହୁଁ ନାହାନ୍ତି। କିନ୍ତୁ ଘଟଣାର ଯଦି ଅଧିକ ତଦନ୍ତ ଆବଶ୍ୟକ, ତା'ହେଲେ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇପାରିବେ ବୋଲି ମଧ୍ୟ ସେ ସ୍ପଷ୍ଟ କରିଛନ୍ତି। ଜୁନ ୧୩ରେ ଉତ୍ତର ପ୍ରଦେଶ ସରକାର ଲକ୍ଷ୍ନୌ ଡିଭିଜନାଲ କମିଶନର ବିଜୟ ବିଶ୍ୱାସ ପନ୍ତଙ୍କ ନେତୃତ୍ୱରେ ଚାନ୍ଦା ଚୋରି ଘଟଣାର ତଦନ୍ତ ପାଇଁ ୩ ଜଣିଆ ଏସ୍ଆଇଟି ଗଠନ କରିଥିଲେ। ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ପୂର୍ବରୁ ଏସ୍ଆଇଟି ଗଠନ ହୋଇସାରିଥିଲା।

# ଆଫଗାନିସ୍ତାନ ଉପରେ ପାକିସ୍ତାନର ଏୟାରଷ୍ଟ୍ରାଇକ, ୨୮ ମୃତ

ନୂଆଦିଲ୍ଲୀ, ୨୧।୯ : ଦୁଇ ପଡଶୀ ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ପୁଣି ତୀବ୍ର ହୋଇଛି ବିବାଦ। ପାକିସ୍ତାନ ପକ୍ଷରୁ ଆଫଗାନିସ୍ତାନ ଉପରେ ହୋଇଛି ଏୟାର ଷ୍ଟ୍ରାଇକ। ଏଥିରେ ୨୮ ଜଣ ପ୍ରାଣ ହରାଇଛନ୍ତି। ପାକିସ୍ତାନ ଏୟାର ଷ୍ଟ୍ରାଇକ ସମ୍ପର୍କରେ ସୂଚନା ଦେବା ସହ ଆଫଗାନିସ୍ତାନ ସୀମାନ୍ତରେ ଥିବା ଆତଙ୍କୀ ଆଡ୍ଡାକୁ ଧ୍ୱଂସ କରାଯାଇଥିବା ଦାବି କରିଛି। ଏଥିସହ ମୃତକ ୨୮ ଜଣ ଆତଙ୍କବାଦୀ ବୋଲି କହିଛି ଇସଲାମାବାଦ। ପାକିସ୍ତାନର କହିବା କଥା ଶୁକ୍ରବାର କୋହାଟ ସ୍ଥିତ ଗୋଟିଏ ମସଜିଦରେ ଆତ୍ମଘାତୀ ହମଲା ହୋଇଥିଲା। ଏହାର ପ୍ରତିଶୋଧ ନେବାକୁ ଏପରି ଏୟାର ଷ୍ଟ୍ରାଇକ କରାଯାଇଛି। ଏପରି କାର୍ଯ୍ୟାନୁଷ୍ଠାନ କୋହାଟ ଓ ହଙ୍ଗୁ ଜିଲ୍ଲାରେ ସୁନିଶ୍ଚିତ ଗୁପ୍ତ ସୂଚନା ଉପରେ ଆଧାରିତ ସ୍ଥଳ ଅଭିଯାନ ପରେ ନିଆଯାଇଛି। ଆତଙ୍କବାଦୀ ସଂଗଠନଗୁଡିକର ସୁରକ୍ଷିତ ଠିକଣା ବନିଥିବା ସ୍ଥାନଗୁଡିକ ଉପରେ ଏୟାର ଷ୍ଟ୍ରାଇକ ହୋଇଥିବା ପାକିସ୍ତାନ ଦାବି କରିଛି।

## ଏସ୍ଆଇଆର ଚୂଡାନ୍ତ ଭୋଟର ତାଲିକା

# ରାଜ୍ୟରେ ୩.୧୬ ଲକ୍ଷ ଭୋଟର, ବାଦ୍ ପଡିଲେ ୨୦ ଲକ୍ଷ ଭୋଟର

ଭୁବନେଶ୍ୱର, ୨୧।୯ (ମହାଭାରତ): ରାଜ୍ୟରେ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ (ଏସଆଇଆର-୨୦୨୬) ପ୍ରକ୍ରିୟା ଶେଷ ହେବା ପରେ ଆଜି ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି। ରାଜ୍ୟରେ ମୋଟ ୨୦ ଲକ୍ଷ ୧୨ହଜାର ୫୫୭ଜଣ(୬.୦୩%) ଭୋଟର ଚୂଡାନ୍ତ ତାଲିକାରୁ ବାଦ୍ ପଡିଥିବାବେଳେ ଏବେ ରାଜ୍ୟରେ ମୋଟ ୩କୋଟି ୧୬ଲକ୍ଷ ୩୨ହଜାର ୭୫୪ଜଣ ଭୋଟର ରହିଛନ୍ତି। ଚଳିତ ଏସଆଇଆର ପ୍ରକ୍ରିୟାରେ ମୋଟ ପ୍ରାୟ ୫୮ଲକ୍ଷ ଭୋଟରଙ୍କୁ ନିର୍ବାଚନ କମିଶନ ନୋଟିସ୍ ଜାରି କରିଥିଲେ।

ଆଜି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର ଏସ୍ ଗୋପାଳନଙ୍କ ଦ୍ୱାରା ଚୂଡାନ୍ତ ଭୋଟର ତାଲିକା ଜାରି ହୋଇଛି । ମୋଟ ଭୋଟରଙ୍କ ମଧ୍ୟରେ ୧ କୋଟି ୬୧ ଲକ୍ଷ ୩୦ ହଜାର ୩୧୯ ଜଣ ପୁରୁଷ, ୧ କୋଟି ୫୪ ଲକ୍ଷ ୯୯ ହଜାର ୬୬୧ ଜଣ ମହିଳା ଓ ୨୭୭୪ ଜଣ ତୃତୀୟ ଲିଙ୍ଗୀ ଭୋଟର ସାମିଲ ଅଛନ୍ତି। ଏହାସହ ରାଜ୍ୟରେ ଲିଙ୍ଗ ଅନୁପାତ ୯୬୧କୁ ବୃଦ୍ଧି ପାଇଛି ଓ ଭୋଟର-ଜନସଂଖ୍ୟା ଅନୁପାତ ୬୭.୦୫ ପ୍ରତିଶତ ରହିଛି। ମତଦାନ କେନ୍ଦ୍ରଗୁଡିକର ପୁନର୍ଗଠନ ପରେ ରାଜ୍ୟରେ ବୁଥ୍ ସଂଖ୍ୟା ୪୫୨୫୦କୁ ବୃଦ୍ଧି ପାଇଛି। ଭୋଟର ତାଲିକାକୁ ସ୍ୱଚ୍ଛ ଓ ତ୍ରୁଟିମୁକ୍ତ କରିବା ପାଇଁ ନିର୍ବାଚନ କମିଶନଙ୍କ ପକ୍ଷରୁ ଏସଆଇଆର ପ୍ରକ୍ରିୟାରେ ପ୍ରାୟ ୫୮ ଲକ୍ଷ ୩୬ହଜାର ୩୯୨ଜଣ ଭୋଟରଙ୍କୁ ନୋଟିସ୍ ଜାରି କରାଯାଇଥିଲା ଓ ଗଣନା ଫର୍ମ ଫେରି ନପାଇବାରୁ ୨୦ ଲକ୍ଷ ୧୨ହଜାର ୫୫୭ଜଣ ଭୋଟରଙ୍କୁ ତାଲିକାରୁ ସିଧାସଳଖ ବାଦ୍ ଦିଆଯାଇଛି।

ଜୁଲାଇ ୫ତାରିଖରେ ଜାରି ଚିଠା ଭୋଟର ତାଲିକାରେ ଭୋଟ ୩କୋଟି ୧୩ଲକ୍ଷ ୮୭ହଜାର ୦୩୪ଜଣ ଭୋଟର ଥିବାବେଳେ ସେପ୍ଟେମ୍ବର ୧୭ତାରିଖ ପର୍ଯ୍ୟନ୍ତ ସଂଶୋଧନ ପ୍ରକ୍ରିୟା ପରେ ରାଜ୍ୟରେ ମୋଟ୍ ଭୋଟର ସଂଖ୍ୟା୩ କୋଟି ୧୬ ଲକ୍ଷ ୩୨ ହଜାର ୭୫୪ରେ ପହଂଚିଛି। ଯାହା ଆଜି ନିର୍ବାଚନ କମିଶନଙ୍କ ପକ୍ଷରୁ ଜାରି ଚୂଡାନ୍ତ ଭୋଟର ତାଲିକାରୁ ସ୍ପଷ୍ଟ ହୋଇଛି।



ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର ଏସ୍ ଗୋପାଳନ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଦେଇଥିବା ତଥ୍ୟ ଅନୁସାରେ, ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶରେ ୨୦୨୬ ଜୁଲାଇ ୧କୁ ଯୋଗ୍ୟତା ତାରିଖ ଭାବେ ଧାର୍ଯ୍ୟ କରି ଏହି ସ୍ୱତନ୍ତ୍ର ସଂଶୋଧନ କାର୍ଯ୍ୟକ୍ରମ(ଏସଆଇଆର) ହାତକୁ ନିଆଯାଇଥିଲା। ଏହି ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ୨୦୨୬ ମଇ ୧୭ ସୁଦ୍ଧା ରାଜ୍ୟରେ ମୋଟ ଭୋଟର ସଂଖ୍ୟା ୩ କୋଟି ୩୩ ଲକ୍ଷ ୯୯ ହଜାର ୫୯୧ ଥିଲା। ମାତ୍ର ପ୍ରଥମ ପର୍ଯ୍ୟାୟରେ ବିଏଲଓମାନଙ୍କ ମାଧ୍ୟମରେ ଘରେ ଘରେ ଗଣନା ଫର୍ମ ବଣ୍ଟନ କରାଯିବା ପରେ ୯୩.୯୭% ଅର୍ଥାତ୍ ୩ କୋଟି ୧୩ ଲକ୍ଷ ୮୭ ହଜାର ୩୪ଟି ଫର୍ମ ଫେରି ଆସିଥିଲା। ବାକି ୬.୦୩ ପ୍ରତିଶତ ଅର୍ଥାତ୍ ୨୦ ଲକ୍ଷ ୧୨ ହଜାର ୫୫୭ ଜଣଙ୍କ ଫର୍ମ ଫେରି ନଆସିବାରୁ ସେମାନଙ୍କୁ ଚିଠା ତାଲିକାରୁ ବାଦ୍ ଦିଆଯାଇଥିଲା ।ବାଦ୍ ପଡିଥିବା ଏହି ୨୦.୧୨ଲକ୍ଷ ଭୋଟରଙ୍କ ମଧ୍ୟରୁ ୮ ଲକ୍ଷ ୩୨ ହଜାର ୫୪୪ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୮ ଲକ୍ଷ ୮ହଜାର ୨୦୫ ଜଣ ସ୍ଥାନାନ୍ତରିତ, ୧ଲକ୍ଷ ୯୯ ହଜାର ୨୪୯ ଜଣ ଅନୁପସ୍ଥିତ, ୧ଲକ୍ଷ ୫୮ହଜାର ୧୧୮ ଜଣ ନକଲି ବା ଡୁପ୍ଲିକେଟ୍ ଓ ୧୪୪୪୧ ଜଣ ଅନ୍ୟାନ୍ୟ କାରଣ ପାଇଁ ଚିହ୍ନଟ ହୋଇଥିଲେ। ଜୁଲାଇ ୫ ତାରିଖରେ ୩ କୋଟି ୧୩ ଲକ୍ଷ ୮୭ ହଜାର ୩୪ ଜଣଙ୍କୁ ନେଇ ଚିଠା ତାଲିକା ପ୍ରକାଶ ପାଇବା ପରେ ଆରମ୍ଭ ହୋଇଥିଲା ଯାଂଚ ଓ ନୋଟିସ୍ ପର୍ଯ୍ୟାୟ। ଏଥିରେ ୧୨ ଲକ୍ଷ ୯୮ ହଜାର ୭୭୯ ଜଣ ଅନମ୍ୟାପଡ ଭୋଟର ଓ ୪୫ ଲକ୍ଷ ୩୭ ହଜାର ୬୧୩ ଜଣଙ୍କ ତଥ୍ୟରେ ତ୍ରୁଟି ଦେଖାଯିବାରୁ ମୋଟ୍ ୫୮ ଲକ୍ଷ ୩୬ ହଜାର ୩୯୨ ଜଣଙ୍କୁ ନୋଟିସ୍ ଜାରି କରାଯାଇଥିଲା। ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଓ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀମାନେ ପ୍ରତ୍ୟେକ କ୍ଷେତ୍ରରେ କଡା ଶୁଣାଣି କରିବା ସହ ଦସ୍ତାବିଜ୍ ଯାଂଚ କରିଥିଲେ। ଦାବି ଓ ଆପତ୍ତି ଅଭିଯୋଗ ଅବଧି ମଧ୍ୟରେ ୨ ଲକ୍ଷ ୫୫ ହଜାର ୯୯୬ଟି ଆବେଦନ ଆସିଥିବାବେଳେ ଶୁଣାଣି ପରେ ୨୪୦୭୦ ଜଣ ଅଯୋଗ୍ୟ ପ୍ରମାଣିତ ହୋଇଥିଲେ ଏବଂ ଫର୍ମ-୭ ଜରିଆରେ ୨୦୭୦୭ ଜଣଙ୍କୁ ମିଶାଇ ମୋଟ ୪୪୭୭୭ ଜଣଙ୍କ ନାମ ବାଦ୍ ପଡିଥିଲା ।ସେହିପରି ନୂତନ ଭାବେ ଫର୍ମ-୬, ୬ଏ ଓ ୮ ମାଧ୍ୟମରେ ୨ ଲକ୍ଷ ୯୦ ହଜାର ୪୯୭ ଜଣଙ୍କ ନାମ ଯୋଡା ଯାଇଥିଲା, ଯାହାଫଳରେ ଚିଠା ତାଲିକା ତୁଳନାରେ ମୋଟ୍ ୨ ଲକ୍ଷ ୪୫ ହଜାର ୭୨୦ ଜଣ ବୃଦ୍ଧି ପାଇ ଚୂଡାନ୍ତ ଭୋଟର ସଂଖ୍ୟା ୩,୧୬,୩୨,୭୫୪ରେ ପହଂଚିଛି। ଏଥିରେ ସେନା ଓ ସୁରକ୍ଷା ବାହିନୀରେ ଥିବା ସେବା ଭୋଟରଙ୍କ ସଂଖ୍ୟା ୪୬୮୧୬ ରହିଛି। ଏହି ଚୂଡାନ୍ତ ଭୋଟର ତାଲିକା ସମସ୍ତ ବୁଥ୍, ସରକାରୀ ନିର୍ବାଚନ କାର୍ଯ୍ୟାଳୟ ତଥା ନିର୍ବାଚନ କମିଶନ ଓ ସିଇଓଙ୍କ ୱେବସାଇଟରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଉପଲବ୍ଧ କରାଯାଇଛି, ଯେଉଁଠାରେ ନାଗରିକମାନେ ନିଜ ନାମ ଯାଂଚ କରି ଆବଶ୍ୟକ ସଂଶୋଧନ ପାଇଁ ଆବେଦନ କରିପାରିବେ ଓ ନିର୍ବାଚନ ଅଧିକାରୀଙ୍କ ନିଷ୍ପତ୍ତି ବିରୋଧରେ ଆଇନ ଅନୁଯାୟୀ ଜିଲ୍ଲାପାଳ କିମ୍ବା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଅପିଲ କରିପାରିବେ ବୋଲି କୁହାଯାଇଛି।

## ପ୍ରସ୍ତୁତ କରନ୍ତୁ ଗୋଟା ରସୁଣ ଚିକେନ ଲଟପଟ



**ଆବଶ୍ୟକୀୟ ସାମଗ୍ରୀ:**ଚିକେନ, ପିଆଜ, ରସୁଣ ପାଖୁଡ଼ା, ଲୁଣ, ହଳଦୀ, ଲଙ୍କା ଗୁଣ୍ଡ, ରିଫାଇଲ ତେଲ, ଗରମ ମସଲା।

**ପ୍ରସ୍ତୁତ ପ୍ରଣାଳୀ:** ପ୍ରଥମେ ଚିକେନରେ ଲୁଣ, ହଳଦୀ ପକେଇ ଭଲ ଭାବରେ ଗୋଳାଇ ରଖନ୍ତୁ। କରେଇରେ ତେଲ ଗରମ କରି ପିଆଜ ପକାଇ ଭାଜି ରଖନ୍ତୁ। ପିଆଜ ଅଳ୍ପ ଭାଜି ହୋଇଗଲା ପରେ ଲୁଣ ହଳଦୀ ଗୋଳା ଚିକେନ୍ ପକାଇ କଷନ୍ତୁ। ଚିକେନ ଅଳ୍ପ କଷି ହୋଇଗଲେ ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ, ସ୍ୱାଦ ଅନୁସାରେ ଲୁଣ, ଗରମ ମସଲା, ଗୋଟା ରସୁଣ ପକାଇ ଘାଣ୍ଟନ୍ତୁ। ଚିକେନରେ ମସଲା ଭଲ ଭାବେ ମିଶି ଯିବା ପରେ ଘୋଡ଼ଣୀ ଘୋଡ଼ାଇ ଦିଅନ୍ତୁ। ପ୍ରତି ୪ରୁ ୫ ମିନିଟ୍ ବ୍ୟବଧାନରେ ଚିକେନକୁ ଗୋଳାଇ ଦିଅନ୍ତୁ। ଏହାପରେ ପ୍ରସ୍ତୁତ ହୋଇଯିବ ଗୋଟା ରସୁଣ ଚିକେନ ଲଟପଟ।

ଖବର

# ସୂର୍ଯ୍ୟାସ୍ତ ପରେ କେଉଁ କାର୍ଯ୍ୟ ବର୍ଜନୀୟ



ହିନ୍ଦୁ ଧର୍ମରେ ଶାସ୍ତ୍ର ଅନୁଯାୟୀ କେତୋଟି କାର୍ଯ୍ୟ ସୂର୍ଯ୍ୟାସ୍ତ ପରେ କରିବା ଉଚିତ ନୁହେଁ। ପୌରାଣିକ ମାନ୍ୟତା ଅନୁଯାୟୀ, ଜ୍ୟୋତିଷ ଶାସ୍ତ୍ରରେ ଏପରି କେତେକ କଥା ବର୍ଣ୍ଣନା କରାଯାଇଛି, ଯାହାକୁ ବର୍ତ୍ତମାନ ସମୟରେ ମଧ୍ୟ ଲୋକେ ପାଳନ କରିଥାଆନ୍ତି। ସନ୍ଧ୍ୟା ପରେ କରୁଥିବା ଏହି ବର୍ଜନୀୟ କାର୍ଯ୍ୟ କରିବା ଦ୍ୱାରା ମା'ଲକ୍ଷ୍ମୀ କ୍ରୋଧ କରିବା ସହ ଜୀବନରେ ବହୁ ବାଧାବିଘ୍ନ ମଧ୍ୟ ସୃଷ୍ଟି ହୋଇଥାଏ। ଏହାସହ ସେହି ସମସ୍ତ ବର୍ଜନୀୟ କାର୍ଯ୍ୟ ନକରିବାର କିଛି ବୈଜ୍ଞାନିକ କାରଣ ମଧ୍ୟ ରହିଛି।

ମାନ୍ୟତା ଅନୁଯାୟୀ, ରାତିରେ ଲୁଗା ସଫା କରିବା ଉଚିତ ନୁହେଁ। ରାତିରେ ଲୁଗା ଧୋଇ ବାହାରେ ଶୁଖାଇବା ଦ୍ୱାରା ଏଥିରେ ନକାରାତ୍ମକ ଶକ୍ତି ପ୍ରବେଶ କରିଥାଏ। ବ୍ୟକ୍ତିଙ୍କ ଉପରେ କୁପ୍ରଭାବ ପଡ଼ିଥାଏ। ଏହାସହ ସକାଳ ସମୟରେ ସୂର୍ଯ୍ୟଙ୍କ କିରଣରେ ଲୁଗା ଶୁଖିବା ଦ୍ୱାରା ଏଥିରେ ଥିବା ଜୀବାଣୁ ମଧ୍ୟ ନଷ୍ଟ ହୋଇଥାଆନ୍ତି। ରାତିରେ କ୍ଷୀର ହେଉ ଅଥବା ଅନ୍ୟ ଖାଦ୍ୟପଦାର୍ଥ ଏହାକୁ ଘୋଡେଇ ରଖିବା ଉଚିତ। ଏହାକୁ ଫ୍ରିଜରେ ରଖିଲେ ମଧ୍ୟ ଘୋଡ଼େଇ ରଖିବା ଉଚିତ। ଖାଦ୍ୟ ଖୋଲା ରହିଲେ ଏଥିରେ ନକାରାତ୍ମକ ଶକ୍ତି ପ୍ରବେଶ କରିଥାଏ ବୋଲି ମାନ୍ୟତା ରହିଛି। ବୈଜ୍ଞାନିକ କାରଣ ଅନୁଯାୟୀ, ଖାଦ୍ୟ ଖୋଲା ରହିବା ଦ୍ୱାରା ଏଥିରେ ଧୂଳି ଓ ଅନ୍ୟାନ୍ୟ କ୍ଷୁଦ୍ର ଜୀବାଣୁ ପ୍ରବେଶ କରିବା ଦ୍ୱାରା ବିଭିନ୍ନ ରୋଗ ମଧ୍ୟ ହୋଇଥାଏ। ମାନ୍ୟତା ଅନୁଯାୟୀ, ସୂର୍ଯ୍ୟାସ୍ତ ପରେ ସ୍ନାନ କରିବା ପରେ ମଥାରେ ତିଳକ ଲଗାଇବା ଉଚିତ ନୁହେଁ। ଏହାସହ ଏହାର ବୈଜ୍ଞାନିକ କାରଣ ହେଉଛି ରାତିରେ ଶୋଇବା ସମୟରେ ଏହି ତିଳକ ଅଜାଣତରେ ଆଖି ପଡ଼ିଲେ ଚକ୍ଷୁ ପାଇଁ ଏହା କ୍ଷତିକାରକ ହୋଇଥାଏ। ରାତିରେ କ୍ଷୀର ପିଇବା ସମୟରେ ଏଥିରେ ସାମାନ୍ୟ କେସର କିମ୍ବା ହଳଦୀ ମିଶାଇ ପିଅନ୍ତୁ। ଖାଲି କ୍ଷୀର ପିଇବା ଦ୍ୱାରା ଥଣ୍ଡା ଜନିତ ସମସ୍ୟା ସହ କାଶ ମଧ୍ୟ ହୋଇଥାଏ। ବାରମ୍ବାର ଦେହ ଖରାପ ହୋଇ ଶୋଇ ରହିଲେ ମା'ଲକ୍ଷ୍ମୀ ଅସନ୍ତୁଷ୍ଟ ହୋଇଥାଆନ୍ତି। ଏହାସହ ସୂର୍ଯ୍ୟାସ୍ତ ପରେ ଭୁଲରେ ମଧ୍ୟ ମହିଳା ହୁଅନ୍ତୁ ଅଥବା ପୁରୁଷ କେଶ କାଟିବା ଉଚିତ ନୁହେଁ। ଏପରି କରିବା ଦ୍ୱାରା ମା'ଲକ୍ଷ୍ମୀ କ୍ରୋଧ କରିବା ସହ ନକାରାତ୍ମକ ଶକ୍ତି ମଧ୍ୟ ପ୍ରବେଶ କରିଥାଏ।

## ପଖାଳର ଔଷଧୀୟ ଗୁଣ



ପଖାଳ ପିତ୍ତ ନାଶକ । ଗଇଁ ପଖାଳ ଖାଇ ତା ତୋରାଣି ମୁନ୍ଦେ ପିଇଦେଲେ କୋଷ୍ଠ କାଠିନ୍ୟ, ଅଗ୍ନୀମାନ୍ଦ୍ୟ, ଅଜୀର୍ଣ୍ଣ ଓ ପେଟବ୍ୟଥା ଆଦି ନିବାରିତ ହୋଇଥାଏ । ବାଧିକି ଥିବା ଲୋକର ପଥ୍ୟ ଭାବେ ଏହା ବ୍ୟବହାର କରା ଯାଇଥାଏ । ହାଣ୍ଡି କାଞ୍ଜିଦ୍ୱାରା ପେଟ ଥଣ୍ଡା ରହେ। ପିତ୍ତ ରୋଗ ବିସୂଚିକା, ଅତିସାର ଇତ୍ୟାଦିରେ ପଖାଳ ତୋରାଣି ଅତ୍ୟନ୍ତ ପ୍ରଶମନକାରୀ ଓ ଉପକାରୀ ଅଟେ । ମୂତ୍ରକୃଚ୍ଛ ରେ ପଖାଳ ଉପକାରୀ ଅଟେ। କଫ ପ୍ରଧାନ ରୋଗରେ ବାସି ପଖାଳ ଦେବା ଉଚିତ ନୁହେଁ । ପିତ୍ତ ଆଉ ବାତ ରୋଗଗୁଡ଼ିକରେ ସ୍ଥାନ ବିଶେଷରେ ପଖାଳ ଦିଆଯାଇ ପାରିବ। ଆସାମ କୃଷି ବିଶ୍ୱବିଦ୍ୟାଳୟର ମଧୁମିତା ବରୁଆ ଓ ଗୁଣଜିତ ଗୋସ୍ୱାମୀଙ୍କ ଦ୍ୱାରା କରାଯାଇଥିବା ଏକ ଗବେଷଣା ଅନୁସାରେ ୧୦୦ଗ୍ରାମ ଭାତରେ ମାତ୍ର ୩.୪ମିଲି ଗ୍ରାମ ଲୌହ ରହିଥାଏ। କିନ୍ତୁ ୧୨ଘଣ୍ଟା ପଖାଳ ହେଲା ପରେ ଲୌହ ପରିମାଣ ୭୩.୯୧ମିଲି ଗ୍ରାମକୁ ବଢ଼ି ଯାଇଥାଏ । ସେହିପରି ସୋଡ଼ିଅମ ୪୭୫ ମିଲି ଗ୍ରାମରୁ କମି ୩୦୩ମିଲି ଗ୍ରାମ, ପୋଟାସିଅମ ୮୩୯ମିଲି ଗ୍ରାମ ଓ କ୍ୟାଲ୍ସିଅମ ୨୧ମିଲି ଗ୍ରାମରୁ ବଢ଼ି ୮୫୦ମିଲି ଗ୍ରାମ ହୋଇ ଯାଇଥାଏ। ସାଧା ଭାତରେ ଥିବା ଫାଇଟିକ ଏସିଡ଼ ଓ ଓଲିଗୋସାକାରାଇଡ଼ସ୍ ଯୋଗୁ ଏହାକୁ ହଜମ କରିବାରେ ଅସୁବିଧା ହୋଇଥାଏ କିନ୍ତୁ ପଖାଳ ହେବା ପରେ ଏ ଅସୁବିଧା ଦୂର ହୋଇ, ହଜମ କ୍ରିୟା ସହଜ ହୋଇଥାଏ।

# ବାବା ଧବଳେଶ୍ୱର





ବାବା ଧବଳେଶ୍ୱରଙ୍କ ପୌରାଣିକ କାହାଣୀ କଟକ ନିକଟସ୍ଥ ମହାନଦୀ ଗର୍ଭରେ ଥିବା ପ୍ରସିଦ୍ଧ ଶୈବପୀଠ ସହ ଜଡ଼ିତ ଏକ ଅତ୍ୟନ୍ତ ଚମତ୍କାର ପୌରାଣିକ ଓ କିମ୍ବଦନ୍ତୀ ଆଧାରିତ କାହାଣୀ ରହିଛି। ଥରେ ଜଣେ ଚୋର ଗୋଟିଏ ଗାଁରୁ କଳା ରଙ୍ଗର ବାଛୁରୀଟିଏ ଚୋରି କରି ନେଉଥିଲା। ଗ୍ରାମବାସୀମାନେ ତାକୁ ଗୋଡ଼ାଇବାରୁ ସେ ପ୍ରାଣ ଭୟରେ ମହାନଦୀ ମଧ୍ୟରେ ଥିବା ଦ୍ୱୀପର ଶିବ ମନ୍ଦିର ଭିତରେ ପଶି ଆଶ୍ରୟ ନେଲା। ଗ୍ରାମବାସୀମାନେ ମନ୍ଦିର ବାହାରେ ଅପେକ୍ଷା କରି ରହିଲେ। ଚୋରଟି ନିରୁପାୟ ହୋଇ ଭଗବାନ ଶିବଙ୍କୁ ଆକୁଳ ପ୍ରାର୍ଥନା କଲା। 'ହେ ପ୍ରଭୁ! ମୁଁ ଅପରାଧୀ, କିନ୍ତୁ ଆଜି ଆପଣଙ୍କ ଶରଣାପନ୍ନ। ମୋତେ ଏହି କ୍ରୋଧିତ ଗ୍ରାମବାସୀଙ୍କ ଦାଉରୁ ରକ୍ଷା କରନ୍ତୁ।' ଭକ୍ତର କାକୁତି-ମିନତି ଶୁଣି ଦୟାଳୁ ଶିବଜୀ ଜଣେ ସନ୍ନ୍ୟାସୀ ବେଶରେ ମନ୍ଦିରରୁ ବାହାରି ଆସି ଗ୍ରାମବାସୀଙ୍କୁ ପଚାରିଲେ। ଗ୍ରାମବାସୀମାନେ କହିଲେ ଯେ ଜଣେ ଚୋର କଳା ବାଛୁରୀଟିଏ ଚୋରି କରି ଏହି ମନ୍ଦିର ଭିତରେ ଲୁଚିଛି। ସନ୍ନ୍ୟାସୀଜଣକ ମନ୍ଦିର ଭିତରକୁ ଯାଇ ବାଛୁରୀଟିକୁ ବାହାରକୁ ଆଣିଲେ। ସମସ୍ତେ ଦେଖିବାକୁ ପାଇଲେ ଯେ ବାଛୁରୀଟି କଳା ନୁହେଁ, ବରଂ ସମ୍ପୂର୍ଣ୍ଣ ଧଳା (ଧବଳ) ରଙ୍ଗର। ଏହା ଦେଖି ଗ୍ରାମବାସୀମାନେ ନିଜର ଭୁଲ୍ ବୁଝିପାରି ଫେରିଗଲେ। ଏହାପରେ ସନ୍ନ୍ୟାସୀ ଅନ୍ତର୍ଦ୍ଧାନ ହୋଇଗଲେ। ଚୋରଟି ବୁଝିପାରିଲା ଯେ ସ୍ୱୟଂ ଭଗବାନ ଶିବ ହିଁ ତାକୁ ରକ୍ଷା କରିବା ପାଇଁ କଳା ବାଛୁରୀକୁ ଧଳା କରିଦେଲେ। ପ୍ରଭୁଙ୍କର ଏହି ଅଲୌକିକ ମହିମା ପାଇଁ କଳା (ଶ୍ୟାମ) ରୁ ଧଳା (ଧବଳ) କରିଥିବାରୁ ପ୍ରଭୁଙ୍କ ନାମ 'ଧବଳେଶ୍ୱର' (ଧବଳ + ଈଶ୍ୱର) ହେଲା। ସେହିଦିନଠାରୁ ସେହି ଚୋରଟି ପାପପଥ ଛାଡ଼ି ପ୍ରଭୁଙ୍କ ସେବାରେ ନିଜ ଜୀବନ ଉତ୍ସର୍ଗ କଲା। ପଦ୍ମ ପୁରାଣର କଥା : ପଦ୍ମ ପୁରାଣ ଅନୁସାରେ, ଦେବରାଜ ଇନ୍ଦ୍ର ନମୁଚି ନାମକ ଅସୁରକୁ ବଧ କରିଥିଲେ। ନମୁଚି ବ୍ରାହ୍ମଣ ଥିବାରୁ ଇନ୍ଦ୍ରଙ୍କୁ ବ୍ରହ୍ମହତ୍ୟା ପାପ ଲାଗିଥିଲା।

ଏହି ପାପରୁ ମୁକ୍ତି ପାଇବା ପାଇଁ ଇନ୍ଦ୍ର ଦେବ ମହାନଦୀ ଗର୍ଭରେ ଥିବା ଏହି ପବିତ୍ର ଦ୍ୱୀପରେ ଶିବଲିଙ୍ଗ ସ୍ଥାପନ କରି ଜଳ ଓ ପଦ୍ମ ପୁଷ୍ପରେ ପ୍ରଭୁ ଶିବଙ୍କର କଠୋର ଆରାଧନା କରିଥିଲେ। ପ୍ରଭୁ ଶିବ ପ୍ରସନ୍ନ ହୋଇ ଇନ୍ଦ୍ରଙ୍କୁ ବ୍ରହ୍ମହତ୍ୟା ପାପରୁ ମୁକ୍ତ କରିଥିଲେ। ତେବେ ବଡ଼ଓଷା: କାର୍ତ୍ତିକ ମାସର ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ତିଥିରେ ବାବା ଧବଳେଶ୍ୱରଙ୍କ ପୀଠରେ ପ୍ରସିଦ୍ଧ 'ବଡ଼ଓଷା' ପାଳିତ ହୁଏ। ଏହି ଦିନ ପ୍ରଭୁଙ୍କୁ ବିଶେଷ 'ଗଜଭୋଗ' ଓ 'ତରଣ' ଅର୍ପଣ କରାଯାଏ। ଧବଳେଶ୍ୱର ଅବତାର: ମାନ୍ୟତା ଅଛି ଯେ କାର୍ତ୍ତିକ ପଞ୍ଚୁକ ସମୟରେ ପ୍ରଭୁ ଧବଳେଶ୍ୱରଙ୍କୁ ଦର୍ଶନ କଲେ ଏବଂ ଓଷା ପାଳନ କଲେ ସମସ୍ତ ମନସ୍କାମନା ପୂରଣ ହୁଏ ଓ ପାପ କ୍ଷୟ ହୁଏ।

# ଧର୍ମାତ୍ମାଙ୍କ ଘରେ ବିଷ୍ଣୁ ଓ ଲକ୍ଷ୍ମୀ ବାସ କରନ୍ତି



ବିଭୁସେନ ଉଦାର ଏବଂ ପ୍ରଜାବତ୍ସଳ ରାଜା ଥିଲେ । ସେ ରାଜ୍ୟର ଶିଳ୍ପକାରଙ୍କ ଆର୍ଥିକ ଦୁର୍ଦ୍ଦଶା ଦେଖି ଏକ ବଜାର ପ୍ରତିଷ୍ଠା କଲେ । ସେ ଘୋଷଣା କରାଇଲେ ଯେ ସନ୍ଧ୍ୟା ପର୍ଯ୍ୟନ୍ତ ଯେଉଁ କଳାକୃତି ବିକ୍ରି ହେବନି, ସେ ନିଜେ ସେହି ମୂର୍ତ୍ତି ସବୁ କିଣିନେବେ । ଦିନେ ବଜାରରେ ସବୁ ମୂର୍ତ୍ତି ବିକ୍ରି ହୋଇଗଲା । କେବଳ ଗୋଟିଏ ମୂର୍ତ୍ତି ବାକି ରହିଲା । ସେଇଟି ଥିଲା ଅଲକ୍ଷ୍ମୀଙ୍କ ମୂର୍ତ୍ତି । ଶିଳ୍ପକାର ତା'କୁ ନେଇ ରାଜାଙ୍କ ପାଖରେ ପହଞ୍ଚିଲା । ମନ୍ତ୍ରୀ ରାଜାଙ୍କ ପାଖରେ ଥିଲେ । ସେ ରାଜାଙ୍କୁ ପରାମର୍ଶ ଦେଲେ ଯେ ଅଲକ୍ଷ୍ମୀ ମୂର୍ତ୍ତି କିଣିଲେ ରାଜ ଉଆସରୁ ଲକ୍ଷ୍ମୀ ଛାଡ଼ିଯିବାର ସମ୍ଭାବନା ରହିଛି । କିନ୍ତୁ ରାଜା ନିଜ ବଚନରେ ବାନ୍ଧି ହୋଇ ରହିଥିଲେ । ଏଣୁ ସେ ମୂର୍ତ୍ତିଟିକୁ କିଣି ନେଲେ । ସାରା ଦିନର କାର୍ଯ୍ୟରୁ ନିବୃତ ହୋଇ ରାଜା ଯେତେବେଳେ ଶୋଇବାକୁ ଗଲେ ସେ କାହାର କ୍ରନ୍ଦନ ଶୁଣିବାକୁ ପାଇଲେ । ରାଜା ଦେଖିଲେ, ବେଶ୍ ମୂଲ୍ୟବାନ ବସ୍ତ୍ର-ଆଭୂଷଣ ପରିହିତା ଜଣେ ସୁସଜ୍ଜିତ ସ୍ତ୍ରୀ କାନ୍ଦୁଛନ୍ତି । ରାଜା ଏହାର କାରଣ ପଚାରିବାରୁ ସେ କହିଲେ, ମୁଁ ଲକ୍ଷ୍ମୀ । ଆଜି ଆପଣ ଅଲକ୍ଷ୍ମୀଙ୍କ ମୂର୍ତ୍ତି ଆଣି ମୋର ଅପମାନ କରିଛନ୍ତି । ଆପଣ ସେହି ମୂର୍ତ୍ତିକୁ ବାହାରକୁ ବାହାର କରି ଦିଅନ୍ତୁ । ନଚେତ୍ ମୁଁ ଏହି ଉଆସ ଛାଡ଼ି ଚାଲିଯିବି । ରାଜା କହିଲେ, ମୁଁ ସେପରି କରିପାରିବି ନାହିଁ । କାରଣ ମୁଁ ବଚନରେ ବାନ୍ଧି ହୋଇ ରହିଛି । ଏହାପରେ ଦେବୀ ଲକ୍ଷ୍ମୀ ଚାଲିଗଲେ । ରାଜା ନିଜ ଶୟନ କକ୍ଷ ଆଡ଼କୁ ଯିବା ସମୟରେ ପଛରୁ କିଏ ଡାକିବା ଭଳି ଶୁଣାଗଲା । ରାଜା ପଛକୁ ବୁଲି ଚାହିଁବାରୁ ଭଗବାନ ବିଷ୍ଣୁ ଛିଡ଼ା ହୋଇଥିଲେ । ସେ କହିଲେ, ରାଜନ୍ ଆପଣ ମୋ ପତ୍ନୀଙ୍କ ଅପମାନ କରିଛନ୍ତି । ଏଣୁ ମୁଁ ମଧ୍ୟ ଉଆସ ଛାଡ଼ି ଚାଲିଯାଉଛି । ରାଜା ଭଗବାନ ବିଷ୍ଣୁଙ୍କ କଥା ମଧ୍ୟ ଶୁଣିଲେ ନାହିଁ । ସେ ନିଜ ଶୟନ କକ୍ଷ ଆଡ଼କୁ ଫେରିବାକୁ ବାହାରନ୍ତେ ଏକ ଉଜ୍ଜ୍ୱଳ ଆଲୋକ ଦେଖାଗଲା । ରାଜା କହିଲେ, ଆପଣ ବି ରାଜଭବନ ଛାଡ଼ି ଯିବାକୁ ଚାହୁଁଥିଲେ, ଯାଇପାରନ୍ତି । କିନ୍ତୁ ଏକ ଶବ୍ଦ ଶୁଣାଗଲା-ମୁଁ ଧର୍ମରାଜ, ମୁଁ କିପରି ଏହି ଉଆସ ଛାଡ଼ିଯିବି । ସେହି ରାତିରେ ରାଜା ଏକ ସ୍ୱପ୍ନ ଦେଖିଲେ, ଲକ୍ଷ୍ମୀ ଓ ନାରାୟଣ ରାଜାଙ୍କୁ କହୁଥିଲେ ଯେଉଁଠି ଧର୍ମ ରହିଛି, ସେହିଠାରେ ଆମ ଠିକଣା ଅଛି । ରାଜା ନିଜ ବଚନବଦ୍ଧତା ଏବଂ ପ୍ରଜାକଲ୍ୟାଣ ଧର୍ମ ପାଳନ କାରଣରୁ ଆମର ହୃଦୟ ଜିଣିପାରିଛନ୍ତି । ଆମେ ପୁଣି ଥରେ ରାଜନଅରକୁ ଫେରୁଛୁ ।

# ସପ୍ତସ୍ୱର ପ୍ରଦାନକାରୀ ଦେବୀ ସରସ୍ୱତୀ

ମା' ସରସ୍ୱତୀଙ୍କୁ ବିଦ୍ୟା, ସଙ୍ଗୀତ ଏବଂ ବୁଦ୍ଧିର ଦେବୀ କୁହାଯାଏ । ସରସ୍ୱତୀ ସମସ୍ତ ସନ୍ଦେହ ନିବାରଣ କରି ବୁଦ୍ଧି ପ୍ରଦାନ କରିଥାନ୍ତି । ତାଙ୍କର ଉପାସନା ସମସ୍ତ ସିଦ୍ଧି ପ୍ରଦାନ କରିଥାଏ । ଦେବୀ



ସରସ୍ୱତୀଙ୍କୁ ସଂଗୀତଶାସ୍ତ୍ରର ଅଧିଷ୍ଠାତ୍ରୀ ଦେବୀ କୁହାଯାଏ । ତାଳ, ସ୍ୱର, ଲୟ, ରାଗ-ରାଗିଣୀ ଆଦି ଦେବୀ ସରସ୍ୱତୀ ହିଁ ସଂସାରକୁ ପ୍ରଦାନ କରିଥାନ୍ତି । ସାତ ପ୍ରକାରର ସ୍ୱର ସହିତ ଦେବୀ ସରସ୍ୱତୀଙ୍କୁ ସ୍ମରଣ କରାଯାଇଥାଏ । ସେଥିପାଇଁ ଦେବୀଙ୍କୁ ସ୍ୱରାତ୍ମିକା ମଧ୍ୟ କୁହାଯାଇଥାଏ । ସପ୍ତବିଦ୍ଧ ସ୍ୱର ଜ୍ଞାନ ପ୍ରଦାନ କରୁଥିବା କାରଣରୁ ତାଙ୍କ ନାମ ସରସ୍ୱତୀ ହୋଇଛି । ବୀଣାବାଦିନୀ ସରସ୍ୱତୀ ସଂଗୀତମୟ ଜୀବନ ଜିଇଁବା ଲାଗି ପ୍ରେରଣା ପ୍ରଦାନ କରିଥାନ୍ତି। ବୀଣା ବଜାଇବା ଦ୍ୱାରା ଶରୀର ଏକପ୍ରକାର ସ୍ଥିର ହୋଇଯାଇଥାଏ । ଏଥିରେ ଶରୀରର ପ୍ରତ୍ୟେକ ଅଙ୍ଗ ସମାଧି ଅବସ୍ଥାକୁ ଚାଲିଆସିଥାଏ । ସାମବେଦର ସମସ୍ତ ବିଧି-ବିଧାନ କେବଳ ବୀଣାର ସ୍ୱର ଉପରେ ଆଧାରିତ । ସରସ୍ୱତୀ ଦେବୀ ସର୍ବଦା ଧଳାରଙ୍ଗର ବସ୍ତ୍ର ଧାରଣ କରିଥାନ୍ତି । ଏହାର ଅର୍ଥ ହେଉଛି, ସେ ସତ୍ତ୍ୱଗୁଣ ସମ୍ପନ୍ନ ଦେବୀ । ଦେବୀ ଭାଗବତରେ ଥିବା ବର୍ଣ୍ଣନା ଅନୁଯାୟୀ, ଦେବୀ ସରସ୍ୱତୀଙ୍କୁ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଆଦି ତିନି ଦେବତା ପୂଜା କରିଥାନ୍ତି । ଦେବୀ ସରସ୍ୱତୀଙ୍କ ହାତରେ ପଦ୍ମ ଶୋଭା ପାଇଥାଏ । ଏହା ନିରପେକ୍ଷ ଜୀବନ ଜିଇଁବା ଲାଗି ପ୍ରେରଣା ଦେଇଥାଏ । ହାତରେ ପୁସ୍ତକ ସମସ୍ତ ଜ୍ଞାନ ଜାଣିବା ଲାଗି ପ୍ରେରଣା ଦେଇଥାଏ । ଲେଖକ କବି, ସଙ୍ଗୀତକାର ସମସ୍ତେ ଦେବୀ ସରସ୍ୱତୀଙ୍କୁ ବନ୍ଦନା କରିଥାନ୍ତି । ଦେବୀ ସରସ୍ୱତୀଙ୍କ ଉପାସନା ଦ୍ୱାରା ଶରୀରରେ ଅଦ୍ଭୁତ ଶକ୍ତି ସଞ୍ଚରିତ ହୋଇଥାଏ । ମାତା ରୋଗ, ଶୋକ, ଚିନ୍ତା ଏବଂ ମନରେ ରହିଥିବା ବିକାର ଦୂର ହୋଇଥାଏ । ବୀଣାଧାରିଣୀ ସରସ୍ୱତୀଙ୍କ ପୂଜା ମାନବ କଲ୍ୟାଣ ଜୀବନଦର୍ଶନ ଉପରେ ଆଧାରିତ । ଯାଜ୍ଞବଲ୍କ୍ୟ ବାଣୀ ସ୍ତୋତ୍ର, ବଶିଷ୍ଠ ସ୍ତୋତ୍ର ଆଦିରେ ସରସ୍ୱତୀଙ୍କ ଉପାସନା ବିଧି ବର୍ଣ୍ଣିତ । ପୁରାଣରେ ଆଉ ଏକ ଦୃଷ୍ଟାନ୍ତ ରହିଛି । କୁମ୍ଭକର୍ଣ୍ଣର ତପସ୍ୟାରେ ସନ୍ତୁଷ୍ଟ ହୋଇ ବ୍ରହ୍ମଦେବ ପ୍ରକଟ ହେଲେ । ସେ କେବଳ ଭୋଜନ କରିବା ଲାଗି ବର ମାଗିଲା । ବ୍ରହ୍ମଦେବ ଭାବିଲେ, ଯଦି ଏକ ମୂଢ଼ କେବଳ ଖାଇଚାଲିବ, ଦିନେ ଦୁନିଆରୁ ସବୁ ସରିଯିବ । ଏହାପରେ ସେ ସରସ୍ୱତୀଙ୍କୁ ସ୍ମରଣ କଲେ । ଦେବୀ ସରସ୍ୱତୀ କୁମ୍ଭକର୍ଣ୍ଣର ବୁଦ୍ଧି ବିକୃତ କରିଦେଲେ । ଏହାର ପରିଣାମ ସ୍ୱରୂପ କୁମ୍ଭକର୍ଣ୍ଣ ୬ ମାସ ନିଦ୍ରା ଏବଂ ୬ ମାସ ଭୋଜନ ପାଇଁ ବର ମାଗିଲା । ଏହିପରି ମାତା ସରସ୍ୱତୀ ରାକ୍ଷସ କୁମ୍ଭକର୍ଣ୍ଣର ମୃତ୍ୟୁର ବାଟ କରିଦେଲେ ।

# ଆମ ସାଥୀ ହ୍ୱାଟ୍ସଆପରେ ମିଳିବ ୧୪ ପୋଲିସ ସେବା

**ଭୁବନେଶ୍ୱର,୨୧।୯ (ମହାଭାରତ):** ପୋଲିସ ତରଫରୁ ପ୍ରଦାନ କରାଯାଉଥିବା ବିଭିନ୍ନ ଜରୁରୀ ସେବା ପ୍ରାପ୍ତି ନିମନ୍ତେ ପୋଲିସ ଥାନା କିମ୍ବା ସମ୍ପୃକ୍ତ କାର୍ଯ୍ୟାଳୟକୁ ଯିବାର ଆବଶ୍ୟକତା ପଡିବ ନାହିଁ । ପୋଲିସ ସେବା ବ୍ୟବସ୍ଥାକୁ ଅଧିକ ସରଳ, ଦ୍ରୁତ, ସ୍ୱଚ୍ଛ, ନାଗରିକ-କେନ୍ଦ୍ରିକ ଓ ତ୍ୱରିତ ସେବା ଯୋଗାଇ ଦେବାକୁ ଓଡିଶା ପୋଲିସ ଏକ ଅଭିନବ ପଦକ୍ଷେପ ଗ୍ରହଣ କରିଛି। ଏଣିକି ଘରେ ବସି 'ଆମ ସାଥୀ' ହ୍ୱାଟ୍ସଆପ୍ ବଟ୍ ମାଧ୍ୟମରେ ସାଧାରଣ ଲୋକମାନେ ୧୪ଟି ପୋଲିସ-ନାଗରିକ ସେବା ପାଇପାରିବେ। ଡିଜିପି ଶ୍ରୀ ବିନୟତୋଷ ମିଶ୍ର ଶୁକ୍ରବାର ଡିଜିପି କ୍ୟାମ୍ପ ଅଫିସ୍, ଭୁବନେଶ୍ୱରରେ ଏହି ସେବାର ଶୁଭାରମ୍ଭ କରିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ୨୫ ଡିସେମ୍ବର ୨୦୨୫, ସୁଶାସନ ଦିବସ ଅବସରରେ 'ଆମ ସାଥୀ' ହ୍ୱାଟ୍ସଆପ୍ ବଟ୍ ର ଶୁଭାରମ୍ଭ କରିଥିଲେ। ଏହା ମାଧ୍ୟମରେ ବିଭିନ୍ନ ସରକାରୀ ସେବା ଲୋକଙ୍କ ନିକଟରେ ପହଂଚାଇବାକୁ ଲକ୍ଷ୍ୟ ରଖାଯାଇଛି ।




ଓଡ଼ିଶା ସରକାରଙ୍କ ସେଂଟର ଫର ମର୍ଡନାଇଜିଂ ଗର୍ଭନମେଂଟ ଇନିସିଏଟିଭ୍ (ସିଏମଜିଆଇ), ଏସସିଆରବି, ଓଡ଼ିଶା ପୋଲିସ ଏବଂ ମେଟା ଇଣ୍ଡିଆ (ହ୍ୱାଟସ୍ଆପ୍)ର ସହଭାଗିତାରେ 'ଆମ ସାଥୀ' ୟୁନିଫାଏଡ୍ ହ୍ୱାଟ୍ସଆପ୍ ବଟ୍ ଜନ ସାଧାରଣଙ୍କ ସେବା ଉଦ୍ଦେଶ୍ୟରେ ବିକଶିତ କରାଯାଇଛି। ଓଡ଼ିଶା ସରକାରଙ୍କ ନାଗରିକ-କେନ୍ଦ୍ରିକ ଡିଜିଟାଲ୍ ସୁଶାସନ ପଦକ୍ଷେପ ଅଧୀନରେ 'ଆମ ସାଥୀ ୟୁନିଫାଏଡ୍ ହ୍ୱାଟ୍ସଆପ୍ ବଟ୍'ରେ ଏହି ସେବାଗୁଡ଼ିକୁ ଯୋଡ଼ାଯାଇଛି।ଷ୍ଟେଟ୍ କ୍ରାଇମ୍ ରେକର୍ଡସ୍ ବ୍ୟୁରୋ (ଏସସିଆରବି), ଓଡ଼ିଶା ପୋଲିସ ପକ୍ଷରୁ ଏଥିପାଇଁ ଆବଶ୍ୟକୀୟ ବୈଷୟିକ ସମନ୍ୱୟ ସମ୍ପୂର୍ଣ୍ଣ କରାଯାଇଛି।

ଗୃହ ବିଭାଗର ୟୁନିଫାଏଡ୍ ପ୍ଲାଟଫର୍ମର ଓଆରଟିପିଏସଏ ଅଧୀନରେ ୧୪ଟି ପୋଲିସ-ନାଗରିକ ସେବା ଏବେ 'ଆମ ସାଥୀ' ସହ ସମନ୍ୱିତ ହୋଇଛି।ନାଗରିକମାନେ ଏହି ବ୍ୟବସ୍ଥା ମାଧ୍ୟମରେ ଘରେ ବସି ଆବଶ୍ୟକୀୟ ପୋଲିସ ସେବା ପାଇଁ ଆବେଦନ କରିପାରିବେ। ଆବଶ୍ୟକ ତଥ୍ୟ ଓ ଦଲିଲ୍ ଦାଖଲ କରିବା ସହ ଆବେଦନର ସ୍ଥିତି ମଧ୍ୟ ଜାଣିପାରିବେ। ଯେଉଁ ସେବାରେ ଡିଜିଟାଲ୍ ଦଲିଲ୍ ପ୍ରଦାନର ବ୍ୟବସ୍ଥା ରହିଛି, ସେଠାରେ ଅନୁମୋଦିତ ଦଲିଲ୍ ମଧ୍ୟ ହ୍ୱାଟ୍ସଆପ୍ ରେ ପାଇପାରିବେ।

ହ୍ୱାଟ୍ସଆପ୍‌ରେ ମିଳିବାକୁ ଥିବା ପୋଲିସ ସେବାଗୁଡିକ ହେଲା ୧. ଚରିତ୍ର ପ୍ରମାଣପତ୍ର, ୨. ବରିଷ୍ଠ ନାଗରିକ ପଞ୍ଜୀକରଣ ,୩. କର୍ମଚାରୀ ସତ୍ୟାପନ ,୪. ହଜିଯାଇଥିବା ସମ୍ପତି/ଦଲିଲ୍ ସମ୍ପର୍କିତ ରିପୋର୍ଟ ,୫. ଲାଉଡ୍‌ସ୍ପିକର୍ ଅନୁମତି ପାଇଁ ଏନଓସି , ୬. ଭଡ଼ାଟିଆ/ପିଜି ସତ୍ୟାପନ , ୭. ହଜିଯାଇଥିବା ସମ୍ପତି ପଞ୍ଜୀକରଣ , ୮. ନିଖୋଜ ବ୍ୟକ୍ତି ସମ୍ପର୍କିତ ସୂଚନା ଓ ପଞ୍ଜୀକରଣ ,୯. ଅଭିଯୋଗ ପଞ୍ଜୀକରଣ ,୧୦. କର୍ମଚାରୀ/ଘରୋଇ ସହାୟକ ନିଯୋଜନ ସତ୍ୟାପନ ,୧୧. କାର୍ଯ୍ୟକ୍ରମ/ପ୍ରଦର୍ଶନ ପାଇଁ ଅନୁମତି , ୧୨. ଧାରଣା/ଧର୍ମଘଟ ପାଇଁ ଅନୁମତି, ୧୩. ଏଫଆଇଆରର ନକଲ ପ୍ରଦାନ ଏବଂ ୧୪. ସଡ଼କ ଦୁର୍ଘଟଣା/ଚୋରି ଯାନବାହନ/ଚୋରି ମାମଲା ସମ୍ପର୍କିତ ଫାଇନାଲ ଫର୍ମର ନକଲ ପ୍ରଦାନ।

କିପରି ବ୍ୟବହାର କରିବେ 'ଆମ ସାଥୀ'

୧. 'ଆମ ସାଥୀ'ର ହ୍ୱାଟ୍ସଆପ୍ ନମ୍ବର ୯୪୩୭୨୯୨୦୦୦ ମୋବାଇଲ୍ ?ରେ ପଞ୍ଜିକୃତ କରି 'ହାଏ' ଲେଖି ପଠାନ୍ତୁ।୨. ଭାଷା ଚୟନ ପରେ ଉପଲବ୍ଧ ପୋଲିସ ସେବାଗୁଡ଼ିକର ତାଲିକା ଦେଖାଯିବ। ଆବଶ୍ୟକ ସେବା ଚୟନ କରନ୍ତୁ।୩. ସେବା ଅନୁଯାୟୀ ଆବଶ୍ୟକ ତଥ୍ୟ ଓ ଦଲିଲ୍ ହ୍ୱାଟ୍ସଆପ୍ ମାଧ୍ୟମରେ ଦାଖଲ କରନ୍ତୁ।୪. ତଥ୍ୟ ଓ ଦଲିଲ୍ ଦାଖଲ ପରେ ଆବେଦନଟି ସମ୍ପୃକ୍ତ ପୋଲିସ କାର୍ଯ୍ୟାଳୟ/କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଯିବ। ଏକ ରେଫରେନ୍ସ/ଆବେଦନ ନମ୍ବର ମିଳିବ। ୫. ରେଫରେନ୍ସ/ଆବେଦନ ନମ୍ବର ବ୍ୟବହାର କରି ହ୍ୱାଟ୍ସଆପ୍‌ରେ ଆବେଦନର ସ୍ଥିତି ଜାଣିପାରିବେ।୬. ପ୍ରକ୍ରିୟା ସମାପ୍ତ ପରେ, ଯେଉଁ ସେବାରେ ଡିଜିଟାଲ୍ ଦଲିଲ୍ ପ୍ରଦାନର ସୁବିଧା ରହିଛି, ସେଠାରେ ଅନୁମୋଦିତ ଦଲିଲ୍ ହ୍ୱାଟ୍ସଆପ୍ ମାଧ୍ୟମରେ ପାଇପାରିବେ।

### ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଭାଙ୍ଗିବା ଘଟଣା

# ସ୍ଥିତି ଅନୁଧ୍ୟାନ କଲା ବିଜେଡି

**ଭୁବନେଶ୍ୱର,୨୧।୯ (ମହାଭାରତ):** ଜଗତସିଂହପୁର ଜିଲ୍ଲାର ଏରସମା ବ୍ଲକ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତର ଶିଆଳି ବେଳାଭୂମି ନିକଟରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିକୁ ଦୁର୍ବୃତ୍ତ ମାନେ ଭାଙ୍ଗି ଦେଇଛନ୍ତି । ଉକ୍ତ ଘଟଣାକୁ ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଜଗତସିଂହପୁର ଜିଲ୍ଲା ସଭାପତି ତଥା ପୂର୍ବତନ ବିଧାୟକ ଶ୍ରୀ ପ୍ରଶାନ୍ତ ମୁଦୁଲିଙ୍କ ନେତୃତ୍ୱରେ ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ଘଟଣାସ୍ଥଳକୁ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି । ପ୍ରବାଦ ପୁରୁଷଙ୍କ ପ୍ରତି ଏହି ଅସମ୍ମାନକୁ ଦୃଢ଼ ନିନ୍ଦା କରିଥିଲେ । ଜଗତସିଂହପୁର ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ଦୋଷୀ ମାନଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଥିଲେ ପ୍ରତିନିଧି ମଣ୍ଡଳୀ । କର୍ତ୍ତୃପକ୍ଷ ତୁରନ୍ତ ମୂର୍ତ୍ତି ପୁନଃସ୍ଥାପନ କରିବାକୁ ଅନୁରୋଧ କରିଥିଲେ ।

ଶ୍ରୀ ପ୍ରଶାନ୍ତ ମୁଦୁଲି କହିଥିଲେ ଯେ, ମହାନ ବରପୁତ୍ର ବିଜୁ ବାବୁଙ୍କ ପ୍ରତି ଅସମ୍ମାନ ଆଦୌ ଗ୍ରହଣୀୟ ନୁହେଁ । ଏହା ଓଡ଼ିଆ ଜାତିର ସ୍ୱାଭିମାନ ଏବଂ ଓଡ଼ିଆ ଅସ୍ମିତା ପ୍ରତି ଅପମାନ । ଶିଆଳି ବେଳାଭୂମି ରାଜ୍ୟର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳ । ବେଳାଭୂମିକୁ ବୁଲିବାକୁ ଆସୁଥିବା ପର୍ଯ୍ୟଟକମାନେ ଉକ୍ତ ଘଟଣା ଦେଖି ମର୍ମାହତ ହେଉଛନ୍ତି । ପ୍ରବାଦ ପୁରୁଷ, ମହାନ ଜନନାୟକ, ଓଡ଼ିଶାର ବରପୁତ୍ର ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଭାଙ୍ଗିବା ଅତ୍ୟନ୍ତ ନିନ୍ଦନୀୟ । ବିଜୁ ବାବୁ କେବଳ ପ୍ରତିମୂର୍ତ୍ତୀରେ ସୀମିତ ନାହାଁନ୍ତି, ସେ ପ୍ରତିଟି ଓଡ଼ିଆଙ୍କ ହୃଦୟରେ ରହିଛନ୍ତି । ଉକ୍ତ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ଭାରତବର୍ଷ ଯେଉଁ ବ୍ୟକ୍ତିତ୍ୱଙ୍କୁ ନେଇ ଗର୍ବ ଅନୁଭବ କରେ, ତାଙ୍କ ପ୍ରତିମୂର୍ତ୍ତିକୁ ଭାଙ୍ଗିବା ହୀନମନ୍ୟତର ପରିଚୟ । ଉକ୍ତ ଘଟଣା ନେଇ ସ୍ଥାନୀୟ ସରପଞ୍ଚ ଥାନାରେ ଅଭିଯୋଗ କରିଛନ୍ତି । କିନ୍ତୁ ଦୁଃଖ ଓ ପରିତାପର ବିଷୟ ଯେ, ଅଭିଯୋଗର ୨୪ ଘଣ୍ଟା ବିତି ଯାଇଥିଲେ ସୁଦ୍ଧା ପ୍ରଶାସନ ଚୁପ ହୋଇ ବସି ରହିଛି । ରାଜ୍ୟରେ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି ।

# ଦିନରେ ଲଣ୍ଠନ ଦେଖାଉଛନ୍ତି ବିଜେପି ସରକାର

**ଭୁବନେଶ୍ୱର,୨୧।୯ (ମହାଭାରତ):** ଓଡ଼ିଶାରେ ପୁଞ୍ଜିନିବେଶକୁ ନେଇ ଯେଉଁ ଗୋଲାପୀ ଚିତ୍ର ରାଜ୍ୟବାସୀଙ୍କ ସମ୍ମୁଖରେ ପରସା ଯାଉଛି, ତା'ର ବାସ୍ତବତାକୁ ନେଇ ପ୍ରଶ୍ନ କରିଛି ଓଜେସି । ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଓଜେସି ମିଡିଆ ସେଲ୍ ଅଧ୍ୟକ୍ଷ ପ୍ରଶାନ୍ତ ଶତପଥୀ କହିଥିଲେ ଯେ, ମୁଖ୍ୟମନ୍ତ୍ରୀଙ୍କର ନିବେଶ ଆଣିବା ପାଇଁ ଦୁବାଇ ଗସ୍ତ ଏବଂ ୨ ଲକ୍ଷ ୧୦ ହଜାର କୋଟିର ଚୁକ୍ତିନାମା ସହିତ ୮ ଲକ୍ଷ ୬୮ ହଜାର ନିଯୁକ୍ତିର ସୁଯୋଗ ସାଧାରଣରେ ସନ୍ଦେହ ସୃଷ୍ଟି କରୁଛି । ବିଗତ ଦୁଇ ବର୍ଷ ଭିତରେ ଡବଲ ଇଞ୍ଜିନ ସରକାରଙ୍କର ଦାବି ମୁତାବକ ଉତ୍କର୍ଷ ଓଡ଼ିଶା ବ୍ୟାନର ତଳେ ୮୯୦ ପ୍ରକଳ୍ପ ଏବଂ ୨୦ ଲକ୍ଷ ୯୦ ହଜାର କୋଟିର ନିବେଶର ସତ୍ୟତା ସରକାରଙ୍କ ଦାବି ଠାରୁ ସଂପୂର୍ଣ୍ଣ ଭିନ୍ନ । ବାସ୍ତବତା ହେଉଛି, ବିଗତ ୨ବର୍ଷ ୩ ମାସ ଭିତରେ ମାତ୍ର ୧ ଲକ୍ଷ ୭୮ ହଜାର କୋଟି ଟଙ୍କାର ୫୬ଟି ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ହୋଇଛି ଯାହାକି ସମୁଦାୟ ପ୍ରକଳ୍ପ ରାଶି ୨୦ ଲକ୍ଷ ୯୦ ହଜାର କୋଟିର ମାତ୍ର ୧୧ ପ୍ରତିଶତ ଅଟେ, ଫ ଉକ୍ତ ପ୍ରକଳ୍ପରେ ୧୨ ଲକ୍ଷ ୯୦ ହଜାର ନିଯୁକ୍ତି ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ଆଜିର ଦିନରେ ମାତ୍ର ୩୧ ହଜାର ୬୬୮ ଜଣ ନିଯୁକ୍ତି ପାଇଛନ୍ତି । ସରକାରଙ୍କ ଦାବି ମୁତାବକ ୨୦୨୯ ମସିହା ସୁଦ୍ଧା ଓଡ଼ିଶାକୁ ପ୍ରତ୍ୟେକ୍ଷ ବିଦେଶୀ ପୁଞ୍ଜି ନିବେଶ ୨ ବିଲିୟନ ଡଲାର ଆସିବାକୁ ଥିବାବେଳେ ବାସ୍ତବତା ହେଉଛି, ମାତ୍ର ୩୯ କୋଟିର ବିଦେଶୀ ପୁଞ୍ଜି ନିବେଶ ଆସିଛି । ମୁଖ୍ୟମନ୍ତ୍ରୀ, ଖାଣ୍ଟି ଦେଶୀ କମ୍ପାନୀ ଆଦାନୀ ସହିତ ଶିକ୍ଷାୟନ ନିମନ୍ତେ ଚୁକ୍ତିନାମା ସ୍ୱାକ୍ଷରିତ କରିବା ପାଇଁ ଭୁବନେଶ୍ୱର ଛାଡ଼ି ଶହ ଶହ କୋଟି ଖର୍ଚ୍ଚ କରି ଦୁବାଇ ଯିବା କାହା ସ୍ୱାର୍ଥରେ ବୋଲି ପ୍ରଶ୍ନ କରିଛି ଓଜେସି । ଦୁବାଇରେ ଯେଉଁ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି, ତାହା ଭୁବନେଶ୍ୱରରେ ଜୁଲାଇ ୨୦୨୬ରେ ଆଦାନୀ ଏବଂ ଆଇଏଚସି ସହିତ ହୋଇଥିବା ଚୁକ୍ତିନାମାର ଏକ ପରିବର୍ଦ୍ଧିତ ରୂପ ଏବଂ ଏଥିପାଇଁ ସେଠାରେ ନିବେଶକ ସମ୍ମିଳନୀ ନାଁରେ ସାଧାରଣ ଜନତାଙ୍କ କୋଟି କୋଟି ଅର୍ଥ ଶ୍ରାଦ୍ଧ କରିବା କେତେଦୂର ଯଥାର୍ଥ ? ଶ୍ରୀ ଶତପଥୀ ମୁଖ୍ୟମନ୍ତ୍ରୀଙ୍କ ପାଖରେ ନିର୍ଦ୍ଦିଷ୍ଟ ଦାବି ଉପସ୍ଥାପନ କରି କହିଛନ୍ତି ଯେ, ମହାରାଷ୍ଟ୍ର ଢାଞ୍ଚାରେ ଓଡ଼ିଶାରେ ଘରୋଇ କମ୍ପାନୀ ଗୁଡ଼ିକରେ ଅତିକମରେ ୭୦ ପ୍ରତିଶତ ଓଡ଼ିଆଙ୍କୁ କର୍ମନିଯୁକ୍ତିର ସୁଯୋଗ ଦିଆଯାଉ।

# ରାଜସ୍ୱ ପର୍ଷଦ ୱେବସାଇଟ୍ ଓ ଜର୍ଣ୍ଣାଲର ଶୁଭାରମ୍ଭ

**ଭୁବନେଶ୍ୱର,୨୧।୯ (ମହାଭାରତ):** ରାଜସ୍ୱ ପ୍ରଶାସନକୁ ଅଧିକ ସ୍ୱଚ୍ଛ, ସୁଗମ, ସୁସଂଗଠିତ ଓ ନାଗରିକମୁଖୀ କରିବା ଦିଗରେ ଏକ ଉଲ୍ଲେଖନୀୟ ପଦକ୍ଷେପ ସ୍ୱରୁପ ଶୁକ୍ରବାର ରାଜସ୍ୱ ପର୍ଷଦ, ଓଡ଼ିଶାର ନୂତନ ୱେବସାଇଟ୍ ଏବଂ ତ୍ରୈମାସିକ ଜର୍ଣ୍ଣାଲର ଶୁଭାରମ୍ଭ କରାଯାଇଛି । ରାଜସ୍ୱ ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ ଏହି ନୂତନ ୱେବସାଇଟ୍ ଓ ଜର୍ଣ୍ଣାଲର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ରାଜସ୍ୱ ପର୍ଷଦର ସଦସ୍ୟ ଶ୍ରୀ ସତ୍ୟବ୍ରତ ସାହୁ, ରାଜସ୍ୱ ପର୍ଷଦର ସଚିବ ଶ୍ରୀ ଲକ୍ଷ୍ମୀକାନ୍ତ ସେଠୀ ତଥା ରାଜସ୍ୱ ପ୍ରଶାସନର ବରିଷ୍ଠ ଅଧିକାରୀ, ବିଭିନ୍ନ ବିଭାଗର ଅଧିକାରୀବୃନ୍ଦ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ, ଏହି ଦୁଇଟି ପଦକ୍ଷେପ କେବଳ ଏକ ନୂତନ ୱେବସାଇଟ୍ କିମ୍ବା ଏକ ନୂତନ ପ୍ରକାଶନର ଆରମ୍ଭ ନୁହେଁ ; ବରଂ ରାଜସ୍ୱ ପ୍ରଶାସନରେ ପ୍ରଯୁକ୍ତି, ସୂଚନା ଓ ନ୍ୟାୟିକ ଜ୍ଞାନକୁ ଅଧିକ ବ୍ୟାପକ ଭାବେ ଉପଲବ୍ଧ କରାଇବାର ଏକ ନୂତନ ଅଧ୍ୟାୟ। ରାଜସ୍ୱ ପର୍ଷଦ, ଓଡ଼ିଶାର ଏକ ଦୀର୍ଘ ଓ ଗୌରବମୟ ପ୍ରଶାସନିକ ଐତିହ୍ୟ ରହିଛି। ରାଜ୍ୟର ରାଜସ୍ୱ



ପ୍ରଶାସନର ବିକାଶ ସହିତ ଏହି ପ୍ରତିଷ୍ଠାନର ଭୂମିକା ଗଭୀର ଭାବେ ଜଡ଼ିତ ।ଜମି, ଭୂ-ଅଭିଲେଖ, ଅଧିକାର, ରାଜସ୍ୱ ଆଇନ ଓ ଜମିଜମା ସମ୍ବନ୍ଧୀୟ ବିବାଦର ସମାଧାନ କ୍ଷେତ୍ରରେ ରାଜସ୍ୱ ପର୍ଷଦ ଏକ ଗୁରୁତ୍ୱପୂର୍ଣ୍ଣ ଶୀର୍ଷ ପ୍ରତିଷ୍ଠାନ ଭାବେ ନିଜର ଦାୟିତ୍ୱ ନିର୍ବାହ କରି ଆସିଛି। ଏହି ପରିପ୍ରେକ୍ଷୀରେ ଆଗାମୀ ଦିନରେ ରାଜସ୍ୱ ପ୍ରଶାସନକୁ ଅଧିକ କ୍ରିୟାଶୀଳ କରିବା ଦିଗରେ ତଥା ଜମିଜମା ସମ୍ବନ୍ଧୀୟ ମାମଲା ଗୁଡ଼ିକର ତ୍ୱରିତ ସମାଧାନ ସୁନିଶ୍ଚିତ କରିବା ନିମନ୍ତେ ରାଜସ୍ୱ ପର୍ଷଦଙ୍କ ଆବଶ୍ୟକ ଭିତିଭୂମି ସୁଦୃଢ଼ୀକରଣ ଏବଂ ପର୍ଯ୍ୟାପ୍ତ ମାନବସମ୍ବଳ ବ୍ୟବସ୍ଥା ନିମନ୍ତେ ରାଜସ୍ୱ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ।

ଏଥିସହିତ ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ ରାଜସ୍ୱ ମାମଲାର ତ୍ୱରିତ ବିଚାର ଏବଂ ଫଇସଲା ନିମନ୍ତେ ରାଜସ୍ୱ ପର୍ଷଦଙ୍କ ନିରନ୍ତର ପ୍ରୟାସକୁ ପ୍ରଶଂସା କରିଥିଲେ। ରାଜସ୍ୱ ପ୍ରଶାସନକୁ କ୍ରିୟାଶୀଳ କରିବା ଦିଗରେ ରାଜସ୍ୱ ପର୍ଷଦର ବିଭିନ୍ନ ଆବଶ୍ୟକତା ପୂରଣ କରିବା ଦିଗରେ ଗୁରୁତ୍ୱାରୋପ କରିବା ସହ ନିକଟରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭୂସମ୍ପତିର ସୁରକ୍ଷା ଏବଂ ପୁନରୁଦ୍ଧାର ଦିଗରେ ରାଜସ୍ୱ ପର୍ଷଦଙ୍କ ତ୍ୱରିତ, ନିରପେକ୍ଷ ଏବଂ ସକରାତ୍ମକ ନିଷ୍ପତି ନିମନ୍ତେ ସାଧୁବାଦ ଜଣାଇଥିଲେ। ସେହିପରି ନୂତନ ପ୍ରକାଶିତ ଜର୍ଣ୍ଣାଲ୍ ରାଜସ୍ୱ ବିଭାଗର ବିଭିନ୍ନସ୍ତରରେ ଅଧିକାରୀଗଣ ନିୟମିତ ଅଧ୍ୟୟନ କରିବା ଦିଗରେ ଗୁରୁତ୍ୱାରୋପ କରି ଏହି ଜର୍ଣ୍ଣାଲର ମାର୍ଗଦର୍ଶନରେ ରାଜସ୍ୱ ପ୍ରଶାସନିକ ବ୍ୟବସ୍ଥା ଆହୁରି ସୁଦୃଢ଼ ହେବ ବୋଲି ମନ୍ତ୍ରୀ ଆଶାବ୍ୟକ୍ତ କରିଥିଲେ। ସେହିପରି ସଦସ୍ୟ, ରାଜସ୍ୱ ପର୍ଷଦ ଶ୍ରୀ ସତ୍ୟବ୍ରତ ସାହୁ କହିଥିଲେ ଯେ, ରାଜସ୍ୱ ପର୍ଷଦର ପ୍ରଶାସନିକ ଐତିହ୍ୟ ସହିତ ଆଧୁନିକ ପ୍ରଯୁକ୍ତିର ସମନ୍ୱୟର ଏକ ନୂତନ ଆରମ୍ଭର ଫଳପ୍ରସୂ ପରିଣାମ ଆଜିର ନୂତନ ୱେବସାଇଟର ଶୁଭାରମ୍ଭ କ୍ଷ ନୂତନ ୱେବସାଇଟ୍ ମାଧ୍ୟମରେ ରାଜସ୍ୱ ପର୍ଷଦର ବିଭିନ୍ନ କାର୍ଯ୍ୟକଳାପ, ଶାଖା ଓ ବିଭାଗ ସମ୍ପର୍କରେ ଆବଶ୍ୟକ ସୂଚନାକୁ ଏକ ସୁସଂଗଠିତ ଡିଜିଟାଲ୍ ମଂଚରେ ଉପଲବ୍ଧ କରାଯାଇଛି।

# ଓଏସ୍ଏସ୍ଏଫ୍ ଯବାନଙ୍କ ପାଇଁ ଏସ୍‌ବିଆଇ-ଓଡ଼ିଶା ପୋଲିସ ଏମ୍ଓୟୁ

**ଭୁବନେଶ୍ୱର,୨୧।୯ (ମହାଭାରତ):** ଓଡ଼ିଶା ସ୍ପେଶାଲ୍ ଷ୍ଟ୍ରାଇକିଂ ଫୋର୍ସ (ଓଏସ୍ଏସ୍ଏଫ୍) ଯବାନମାନଙ୍କୁ ଅତିରିକ୍ତ ସୁବିଧା ଓ ସୁରକ୍ଷା ଯୋଗାଇଦେବା ପାଇଁ ଓଡ଼ିଶା ପୋଲିସର ଅପରେସନ୍ସ ୱିଙ୍ଗ୍ ଓ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ମଧ୍ୟରେ ଏକ ବୁଝାମଣାପତ୍ର (ଏମ୍ଓୟୁ) ସ୍ୱାକ୍ଷର ହୋଇଛି। ଭୁବନେଶ୍ୱରସ୍ଥିତ ଅପରେସନ୍ସ ମୁଖ୍ୟାଳୟରେ ଏହି ଏମ୍ଓୟୁ ସ୍ୱାକ୍ଷର କରାଯାଇଥିଲା। କାର୍ଯ୍ୟକ୍ରମରେ ନକ୍ସଲ ବିରୋଧୀ ଅଭିଯାନର ଡିଜିପି ଶ୍ରୀ ସଞ୍ଜୀବ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏସ୍‌ବିଆଇକୁ ଧନ୍ୟବାଦ ଜଣାଇଥିଲେ। ସେ କହିଥିଲେ ଯେ, ଦୁର୍ଗମ ଅଂଚଳରେ କଠିନ ପରିସ୍ଥିତିରେ ଦାୟିତ୍ୱ ତୁଲାଉଥିବା ଓଏସ୍ଏସ୍ଏଫ୍ ଯବାନମାନଙ୍କ ପାଇଁ ଏହି ସୁବିଧାଗୁଡ଼ିକ ଉପଯୋଗୀ ହେବ। ଏହା ଯବାନମାନଙ୍କ ମନୋବଳ ବଢ଼ାଇବ।




ସରକାରଙ୍କ ପକ୍ଷରୁ ମିଳୁଥିବା ସୁବିଧା ବ୍ୟତୀତ ଏଗୁଡ଼ିକ ଅତିରିକ୍ତ ସୁବିଧା ଭାବେ ମିଳିବ ।ଓଡ଼ିଶା ପୋଲିସ ପକ୍ଷରୁ ଆଇଜିପି (ଅପରେସନ)ଡ. ଦୀପକ କୁମାର ଏବଂ ଏସ୍‌ବିଆଇ ପକ୍ଷରୁ ଡିଜିଏମ୍ ଶ୍ରୀ ଆଶିଷ କୁମାର ମିଶ୍ର ଏମ୍ଓୟୁରେ ସ୍ୱାକ୍ଷର କରିଥିଲେ। ବର୍ତ୍ତମାନ ରାଜ୍ୟର ୪ଟି ଓଏସ୍ଏସ୍ଏଫ୍ ବାଟାଲିୟନ୍‌ରେ ପ୍ରାୟ ୪,୦୦୦ ପୂର୍ବତନ ସେନା ଓ ସିଏପିଏଫ୍ ? ଯବାନ କାର୍ଯ୍ୟରତ ଅଛନ୍ତି। ସେମାନେ ବିଭିନ୍ନ ଅଂଚଳରେ, ବିଶେଷକରି ନକ୍ସଲ ବିରୋଧୀ ଅଭିଯାନରେ ନିୟୋଜିତ ଅଛନ୍ତି। ଏହି ଏମ୍ଓୟୁ ଅନୁଯାୟୀ, ଓଏସ୍ଏସ୍ଏଫ୍ ଯବାନମାନେ ଏସ୍‌ବିଆଇର କର୍ପୋରେଟ୍ ସାଲାରୀ ପ୍ୟାକେଜ୍ ?ରେ ବିଭିନ୍ନ ସୁବିଧା ପାଇବେ। ଏଥିରେ ୫୦ ଲକ୍ଷ ଟଙ୍କାର ଦୁର୍ଘଟଣା ବୀମା, ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଏୟାର୍ ଆମ୍ବୁଲାନ୍ସ ଖର୍ଚ୍ଚ, ସନ୍ତାନଙ୍କ ଉଚ୍ଚଶିକ୍ଷା ପାଇଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହାୟତା ଏବଂ ପ୍ଲାଷ୍ଟିକ୍ ସର୍ଜରୀ ପାଇଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁବିଧା ରହିଛି। ଏହାସହ ପରିବାର ସଦସ୍ୟଙ୍କ ପାଇଁ 'ରିଷ୍ଟେ ଆକାଉଂଟ', ବ୍ୟକ୍ତିଗତ ଋଣ ଏବଂ ବାର୍ଷିକ ୧,୯୯୯ ଟଙ୍କା ପ୍ରିମିୟମ୍‌ରେ ୫ ଲକ୍ଷ ଟଙ୍କାର ଇଚ୍ଛାଧୀନ ସ୍ୱାସ୍ଥ୍ୟ ବୀମା ଭଳି ସୁବିଧା ମଧ୍ୟ ମିଳିବ। କାର୍ଯ୍ୟକ୍ରମରେ ଏସ୍ଓଜି କମାଣ୍ଡାଂଟ ଶ୍ରୀ ଲୋଚନ ପଶାୟତ, ଓଏସ୍ଏସ୍ଏଫ୍ ର ଭାରପ୍ରାପ୍ତ କମାଣ୍ଡାଂଟ ଶ୍ରୀ ରାମଚନ୍ଦ୍ର ପ୍ରଧାନଙ୍କ ସମେତ ଓଏସ୍ଏସ୍ଏଫ୍ ଓ ଏସ୍‌ବିଆଇର ଅଧିକାରୀମାନେ ଉପସ୍ଥିତ ଥିଲେ।

# ଏଚ୍‌ଏଆଇ ହୋଟେଲିୟର୍ସ କନକ୍ଲେଭ ରୋଡ୍ ମ୍ୟାପ ପ୍ରସ୍ତୁତ

**ଭୁବନେଶ୍ୱର,୨୧।୯ (ମହାଭାରତ):** ହୋଟେଲ ଆସୋସିଏସନ ଅଫ ଇଣ୍ଡିଆ (ଏଚ୍‌ଏଆଇ) ଆଜି ନୂଆଦିଲ୍ଲୀସ୍ଥିତ ତାଜ ପାଲେସରେ ୭ମ ଏଚ୍‌ଏଆଇ ହୋଟେଲିୟର୍ସ କନକ୍ଲେଭର ଆୟୋଜନ କରିଛି। ଏହି କାର୍ଯ୍ୟକ୍ରମରେ ନୀତି ନିର୍ଦ୍ଧାରକ, ପର୍ଯ୍ୟଟନ କର୍ତ୍ତୃପକ୍ଷ, ଆତିଥେୟତା କ୍ଷେତ୍ରର ନେତୃବୃନ୍ଦ ଏବଂ ଶିଳ୍ପ ସହଯୋଗୀମାନେ ଏକତ୍ରିତ ହୋଇ ଭାରତର ଭିଜନ ୨୦୪୭ରେ ପର୍ଯ୍ୟଟନ ଓ ଆତିଥେୟତା କ୍ଷେତ୍ର କିପରି ଅଧିକ ଯୋଗଦାନ ଦେଇପାରିବ, ସେ ନେଇ ଆଲୋଚନା କରିଥିଲେ। କେନ୍ଦ୍ର ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ୍ ଏହି କନକ୍ଲେଭକୁ ଉଦ୍‌ଘାଟନ କରିଥିଲେ। "ଆତିଥେୟତାର ପୁନର୍ଗଠନ" ବିଷୟବସ୍ତୁ ଆଧାରରେ ଆୟୋଜିତ ଏହି କନକ୍ଲେଭରେ ଆତିଥେୟତା କ୍ଷେତ୍ରକୁ ସ୍ଥାୟୀ ଭାବେ ସଂପ୍ରସାରିତ କରିବା ଏବଂ




ଭାରତ ଭିଜନ ୨୦୪୭ରେ ଏକ ବୃହତ୍ ଭୂମିକା ଗ୍ରହଣ କରିବା ପାଇଁ ଆବଶ୍ୟକ ହେଉଥିବା ଗଠନମୂଳକ ପରିବର୍ତ୍ତନ ଉପରେ ସମୀକ୍ଷା କରାଯାଇଥିଲା। ଏହା ସହିତ ନିବେଶ, ଭିତିଭୂମି, ନିଯୁକ୍ତି, ଆଂଚଳିକ ବିକାଶ ଏବଂ ନୀତିଗତ ସୁଧାର ଭଳି ବିଷୟ ଉପରେ ମଧ୍ୟ ବିସ୍ତୃତ ଆଲୋଚନା ହୋଇଥିଲା।

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ନୂଆଦିଲ୍ଲୀରେ ଆୟୋଜିତ ଏହି ୭ମ ହୋଟେଲିୟର୍ସ କନକ୍ଲେଭ ପାଇଁ ହୋଟେଲ ଆସୋସିଏନ ଅଫ ଇଣ୍ଡିଆକୁ ଶୁଭେଚ୍ଛାବାର୍ତ୍ତା ପଠାଇଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ, ଏହି ଶିଳ୍ପ ଭାରତର "ଅତିଥି ଦେବୋ ଭବ" ପରମ୍ପରାକୁ ଆଗେଇ ନେଉଛି। ଉନ୍ନତ ସଂଯୋଗୀକରଣ ଓ ଭିତିଭୂମି ମାଧ୍ୟମରେ ନୂତନ ଗନ୍ତବ୍ୟସ୍ଥଳ ଗୁଡ଼ିକ ଉନ୍ମୋଚିତ ହେଉଛି ଏବଂ ଧାର୍ମିକ ଓ ଆଧ୍ୟାତ୍ମିକ ପରିପ୍ରଦକ୍ଷିଣ (ସର୍କିଟ), ସାହସିକ, ୱେଲନେଓ ଏବଂ ବିବାହ ପର୍ଯ୍ୟଟନ ବ୍ୟବସାୟ, ନିଯୁକ୍ତି ଓ ଆର୍ଥିକ ପ୍ରଗତି ପାଇଁ ନୂତନ ସୁଯୋଗ ସୃଷ୍ଟି କରୁଛି ବୋଲି ପ୍ରଧାନମନ୍ତ୍ରୀ ନିଜ ବାର୍ତ୍ତାରେ ଦର୍ଶାଇଛନ୍ତି। ଭାରତ ସରକାରଙ୍କ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗର ମାନ୍ୟବର କେନ୍ଦ୍ରମନ୍ତ୍ରୀ ଶ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ କହିଛନ୍ତି, "ଭାରତୀୟ ଆତିଥେୟତା ଶିଳ୍ପ ଏକ ନୂତନ ପର୍ଯ୍ୟାୟରେ ପ୍ରବେଶ କରୁଛି, ଯାହାକି କେବଳ ରହିବା ପାଇଁ ଘର ଓ ରୁମ୍ ମଧ୍ୟରେ ସୀମିତ ନ ରହି ଅନୁଭୂତି-ଭିତିକ ପର୍ଯ୍ୟଟନ ଆଡ଼କୁ ଅଗ୍ରସର ହେଉଛି।

# ଚାନ୍ଦୁଆ ପରମ୍ପରା ଦ୍ୱିଭାଷୀ ପୁସ୍ତକ ପ୍ରଚଳନ

**ଭୁବନେଶ୍ୱର,୨୧।୯ (ମହାଭାରତ):** ଓଡିଶା କ୍ରାଫ୍ଟ ଓଡିସି (ଓସିଓ) ପକ୍ଷରୁ ଓଡିଶା ରିସର୍ଚ୍ଚ ସେଣ୍ଟର୍ (ଓଆର୍ସି) ଅଡିଟୋରିୟମ୍, ଭୁବନେଶ୍ୱର ଠାରେ ଓସିଓ ସିମ୍ପୋସିୟମ୍ ୨୦୨୬, ମ୍ୟାପିଂ ଟ୍ରାଞ୍ଜିସନ୍ସ: ଆର୍ଟ, କ୍ରାଫ୍ଟ, ଆଣ୍ଡ୍ ଦି ଏଥ୍‌ନୋଗ୍ରାଫିକ୍ ଟର୍ଣ୍ଣର ସମାପନ ଅଧିବେଶନ କାଳରେ ଓଡିଶାର ଚାନ୍ଦୁଆ ପରମ୍ପରା ଏବଂ ତାହାକୁ ବଜାୟ ରଖିଥିବା ଗୋଷ୍ଠୀ, ଜ୍ଞାନ ଓ ଶ୍ରମ ସମ୍ପର୍କିତ ବିସ୍ତୃତ ତଥ୍ୟ ସ୍ଥାନ ପାଇଥିବା ଏକ ଦ୍ୱିଭାଷୀ ପ୍ରକାଶନ 'ଚାନ୍ଦୁଆ: କାନୋପିଜ୍ ଅଫ୍ ଲେବର୍' ଉନ୍‌ମୋଚିତ ହୋଇଥିଲା ।

ମୁଖ୍ୟ ଅତିଥି ଶ୍ରୀ ବିଶାଲ୍ କୁମାର ଦେବ, ଆଇଏଏସ୍, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଶକ୍ତି ଏବଂ ଇ ଆଣ୍ଡ୍ ଆଇଟି ବିଭାଗ, ଓଡିଶା ସରକାର ଏବଂ ସମ୍ମାନନୀୟ ଅତିଥି ଶ୍ରୀ ରାଜୀବ ସେଠୀ, ଭାରତୀୟ ଡିଜାଇନର୍ ଓ ସିନୋଗ୍ରାଫର୍ ତଥା ପଦ୍ମ ଭୂଷଣ ସମ୍ମାନ ବିଜେତାଙ୍କ ଉପସ୍ଥିତିରେ ଏହି ପ୍ରକାଶନ ଉନ୍‌ମୋଚିତ ହୋଇଥିଲା । ଏହାର ଉନ୍‌ମୋଚନ ସହିତ ଏକ ଦିବସୀୟ ବ୍ୟାପୀ ବିଚାର ଆଲୋଚନାର ପରିସମାପ୍ତି ଘଟିଥିଲା, ଯେଉଁଥିରେ କଳାକାର, ଗବେଷକ, ଡିଜାଇନର୍, ସାଂସ୍କୃତିକ ପ୍ରଦର୍ଶନକାରୀ ଏବଂ ପ୍ରତିଷ୍ଠାନଗୁଡିକର ସ୍ୱର କଳା, କାରିଗରୀ ଓ ନୃତାତ୍ତ୍ୱିକ ଅଭ୍ୟାସ ମଧ୍ୟରେ ବିକାଶଶୀଳ ସମ୍ପର୍କ ବିଷୟରେ ପରୀକ୍ଷା ନିରୀକ୍ଷା କରିବାକୁ ଏକତ୍ରିତ ହୋଇଥିଲେ। ଓଡିଶା କ୍ରାଫ୍ଟ ଓଡିସି ଦ୍ୱାରା ପ୍ରକାଶିତ 'ଚାନ୍ଦୁଆ: କାନୋପିଜ୍ ଅଫ୍ ଲେବର୍'ରେ ପୂର୍ଣ୍ଣ ପ୍ରସ୍ତୁତ କାରିଗରୀ ଲକ୍ଷ୍ୟର ଊର୍ଦ୍ଧ୍ୱରେ ଓଡିଶାର ଚାନ୍ଦୁଆ ପରମ୍ପରାଗୁଡିକ ସମ୍ପର୍କରେ ପରୀକ୍ଷା ନିରୀକ୍ଷା କରିବାକୁ କ୍ଷେତ୍ରସ୍ତରୀୟ କାର୍ଯ୍ୟ, ଅଭିଲେଖୀୟ ଗବେଷଣା, ଦୃଶ୍ୟମାନ ନଥିପତ୍ର ଏବଂ କାରିଗରମାନଙ୍କର ଜୀବନୀ ଆଦିକୁ ଏକତ୍ରିତ କରାଯାଇଛି । ଏହି ପ୍ରକାଶନରେ ଚାନ୍ଦୁଆ ସହିତ ସଂଯୁକ୍ତ ଶବ୍ଦାବଳୀ, ସାମଗ୍ରୀ, କୌଶଳ, ସାଂସ୍କୃତିକ ପରିପ୍ରେକ୍ଷୀ ଏବଂ ପରିବର୍ତ୍ତନଶୀଳ ଅଭ୍ୟାସଗୁଡିକ ସମ୍ପର୍କିତ ତଥ୍ୟ ସ୍ଥାନପାଇଛି ଏବଂ ଏହାର ବର୍ଣ୍ଣନାର କେନ୍ଦ୍ର ସ୍ଥଳରେ ଏହାର ପ୍ରସ୍ତୁତିକାରୀମାନଙ୍କର ଅନୁଭୂତି ଓ ଜ୍ଞାନକୁ ସ୍ଥାନିତ କରାଯାଇଛି ।

# ସହରାଂଚଳରେ ସ୍ୱଚ୍ଛତା ହିଁ ସେବା ରାଜ୍ୟସ୍ତରୀୟ ବୈଠକ

**ଭୁବନେଶ୍ୱର,୨୧।୯ (ମହାଭାରତ):** ଗୃହ ନିର୍ମାଣ ଓ ସହରାଂଚଳ ବ୍ୟାପାର ମନ୍ତ୍ରାଳୟର କେନ୍ଦ୍ରମନ୍ତ୍ରୀଙ୍କ ସହ ଅନୁଷ୍ଠିତ ଭିଡିଓ କନଫରେନ୍ସରେ ନିଆଯାଇଥିବା ନିଷ୍ପତିକୁ ଆଧାର କରି, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ଦିଗଦର୍ଶନରେ ଆଜି ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆଙ୍କ ଅଧ୍ୟକ୍ଷତାରେ 'ସ୍ୱଚ୍ଛତା ହିଁ ସେବା ୨୦୨୬' ଉପରେ ଏକ ଉଚ୍ଚସ୍ତରୀୟ ରାଜ୍ୟସ୍ତରୀୟ ଅଭିମୁଖ୍ୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ରାଜ୍ୟର ସମସ୍ତ ସହରାଂଚଳ ସ୍ଥାନୀୟ ସଂସ୍ଥାର ପ୍ରସ୍ତୁତିର ସମୀକ୍ଷା କରାଯିବା ସହ 'ସ୍ୱଚ୍ଛତା ହିଁ ସେବା ୨୦୨୬'କୁ ଓଡ଼ିଶାର ସହରାଂଚଳରେ ପ୍ରଭାବଶାଳୀ ଭାବେ କାର୍ଯ୍ୟକାରୀ କରିବା ପାଇଁ ଏକ ସମନ୍ୱିତ ରାଜ୍ୟସ୍ତରୀୟ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରାଯାଇଥିଲା । ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ସ୍ୱତନ୍ତ୍ର ସଚିବ ତଥା ରାଜ୍ୟ



ମିଶନ ନିର୍ଦ୍ଦେଶକ,ଏସ୍ ବି ଏମ୍ ଶ୍ରୀ ବିନୟ କୁମାର ଦାଶ ଅଭିଯାନର ପାଞ୍ଚଟି ମୁଖ୍ୟ ସ୍ତମ୍ଭକୁ ଆଧାର କରି ରାଜ୍ୟର ବିସ୍ତୃତ କାର୍ଯ୍ୟାନ୍ୱୟନ କୌଶଳ ଓ ପ୍ରସ୍ତୁତି ସମ୍ପର୍କରେ ଉପସ୍ଥାପନା କରିଥିଲେ ଅଭିଯାନର ଅଂଶ ଭାବେ ସ୍ୱଚ୍ଛତା ଲକ୍ଷ୍ୟ ଏକକ ଏବଂ ଆବର୍ଜନା ପ୍ରବଣ ସ୍ଥାନଗୁଡ଼ିକର ଚିହ୍ନଟ, ସଫେଇ ଓ ଉନ୍ନତିକରଣ ଉପରେ ଗୁରୁତ୍ୱ ଦିଆଯିବ। ଏଥିସହ ସ୍ୱଚ୍ଛତା ଜ୍ଞାନ ଯାତ୍ରା, ସଚେତନତା ଓ ସମ୍ବାଦ ମାଧ୍ୟମରେ ଯୁବପିଢ଼ିଙ୍କୁ ଅଧିକ ସଂପୃକ୍ତ କରାଯିବ। ,ସଫେଇ ମିତ୍ରଙ୍କ ସୁରକ୍ଷା, ସ୍ୱାସ୍ଥ୍ୟ ଓ କଲ୍ୟାଣ ପାଇଁ ସ୍ୱତନ୍ତ୍ର ଶିବିର ଆୟୋଜନ ସହ ସେମାନଙ୍କ ମର୍ଯ୍ୟାଦା ଓ ସୁରକ୍ଷିତ କାର୍ଯ୍ୟପରିବେଶ ସୁନିଶ୍ଚିତ କରାଯିବ। ଏହା ସହିତ ବ୍ୟାପକ ଜନଭାଗିଦାରୀ ମାଧ୍ୟମରେ ନାଗରିକମାନଙ୍କୁ ସ୍ୱଚ୍ଛତା ଅଭିଯାନର ସକ୍ରିୟ ସହଭାଗୀ କରାଯିବ । 'ସ୍ୱଚ୍ଛତା ସେ ସମୃଦ୍ଧି'ର ଲକ୍ଷ୍ୟ ଅନୁଯାୟୀ ବର୍ଜ୍ୟବସ୍ତୁକୁ ସମ୍ପଦରେ ପରିଣତ କରିବା, ପୁନଃବ୍ୟବହାର ଓ ପୁନଃଚକ୍ରଣକୁ ପ୍ରୋତ୍ସାହନ ଦେବା ସହ ବୃତାକାର ଅର୍ଥନୀତିକୁ ଆଗେଇ ନେବା ଉପରେ ମଧ୍ୟ ଅଭିଯାନରେ ବିଶେଷ ଗୁରୁତ୍ୱ ରହିବ । ଏହି ପଦକ୍ଷେପଗୁଡ଼ିକ ମାଧ୍ୟମରେ ସ୍ୱଚ୍ଛତାକୁ କେବଳ ଏକ ଅଭିଯାନ ଭାବେ ନୁହେଁ, ବରଂ ଦୀର୍ଘମିଆଦୀ ନାଗରିକ ଅଭ୍ୟାସ ଓ ସ୍ଥାୟୀ ସହରାଞ୍ଚଳ ବିକାଶର ଅଂଶ ଭାବେ ଗଢ଼ି ତୋଳିବା ଉପରେ ଗୁରୁତ୍ୱ ଦିଆଯିବ। ବୈଠକରେ ସମସ୍ତ ୟୁ ଏଲ୍ ବି ମଧ୍ୟରେ ଉତମ ସମନ୍ୱୟ, ସକ୍ରିୟ ନାଗରିକ ସହଭାଗିତା ଏବଂ ଦୃଢ଼ ସମୁଦାୟ ମାଲିକାନା ମାଧ୍ୟମରେ 'ସ୍ୱଚ୍ଛତା ହିଁ ସେବା' ଅଭିଯାନକୁ ଦୃଶ୍ୟମାନ ଓ ସ୍ଥାୟୀ ପରିଣାମରେ ପରିଣତ କରିବା ଉପରେ ଆଲୋକପାତ କରାଯାଇଥିଲା । ଦାୟିତ୍ୱପୂର୍ଣ୍ଣ ବର୍ଜ୍ୟବସ୍ତୁ ପରିଚାଳନା, ପରିଷ୍କାର ଓ ସୁସ୍ଥ ସହରାଞ୍ଚଳ ପରିବେଶ ସୃଷ୍ଟି ସହିତ ସଫେଇ ମିତ୍ର ଓ ସଫେଇ କର୍ମଚାରୀଙ୍କ ସୁରକ୍ଷା, କଲ୍ୟାଣ ଓ ମର୍ଯ୍ୟାଦା ସୁନିଶ୍ଚିତ କରିବାକୁ ମଧ୍ୟ ପ୍ରାଥମିକତା ଦିଆଯାଇଥିଲା । ବୈଠକରେ ଅତିରିକ୍ତ ସଚିବ ଶ୍ରୀ ରବୀନ୍ଦ୍ର କୁମାର ସାହୁ, ଶ୍ରୀ ସୋରେନ୍ଦ୍ର ରାଉତରାୟ, ଯୁଗ୍ମ ସଚିବ ଶ୍ରୀମତୀ ମମତା ରାନୀ ନାୟକଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ମାନେ ଅଂଶଗ୍ରହଣ କରିଥିଲେ । ସେମାନେ ଅଭିଯାନର କାର୍ଯ୍ୟାନ୍ୱୟନ ରୋଡ୍‌ମ୍ୟାପ୍, ୟୁ ଏଲ୍ ବି ଗୁଡ଼ିକର ପ୍ରସ୍ତୁତି ଏବଂ ବିଭିନ୍ନ ପଦକ୍ଷେପର ସମୟବଦ୍ଧ କାର୍ଯ୍ୟାନ୍ୱୟନ ସମ୍ପର୍କରେ ଆଲୋଚନା କରିଥିଲେ ।

# ବୈଦେଶିକ ମୁଦ୍ରା ଅର୍ଜନ

ପ୍ରତିରକ୍ଷା ସାମଗ୍ରୀ ଆମଦାନୀ ବାବଦ ବ୍ୟୟ ହ୍ରାସ ପାଇବା ସହିତ ଭାରତ ଏହାକୁ ରପ୍ତାନୀ କରି ବିପୁଳ ବୈଦେଶିକ ମୁଦ୍ରା ଅର୍ଜନ କରିପାରିବ। ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନରେ ସ୍ୱାବଲମ୍ବୀ ହେବା ଏକ ବହୁତ ବଡ଼ ସଫଳତା। ଏହା ଦ୍ୱାରା ସୁରକ୍ଷା ବ୍ୟବସ୍ଥା କେବଳ ସୁଦୃଢ଼ ହେବ ନି, ପ୍ରତିରକ୍ଷା ଶିଳ୍ପ ମଧ୍ୟ ସମୃଦ୍ଧ ହୋଇପାରିବ। ଭାରତ ଚାରିପଟେ ଚୀନ ଓ ପାକିସ୍ତାନ ଭଳି ଶକ୍ତିଶାଳୀ ଶତ୍ରୁ ରହିଛନ୍ତି। ସେମାନଙ୍କ ସହିତ ଭାରତର ଯୁଦ୍ଧ ସମ୍ଭାବନା ସବୁ ବେଳେ ରହିଛି। ତେଣୁ ଭାରତକୁ ସବୁ ବେଳେ ବିପୁଳ ଅର୍ଥ ପ୍ରତିରକ୍ଷା ବ୍ୟବସ୍ଥା ଲାଗି ବ୍ୟୟ କରିବାକୁ ପଡୁଛି। କିନ୍ତୁ ବିଦେଶରୁ ଲଢୁଆ ବିମାନ, ସବମେରିନ ଓ ମିସାଇଲ ସିଷ୍ଟମ ଆଣି ଭାରତ ଶକ୍ତିଶାଳୀ ଚୀନର ମୁକାବିଲା କରିପାରିବ ନାହିଁ। ଏଥିଲାଗି ଭାରତକୁ ଆତ୍ମନିର୍ଭରଶୀଳ ହେବାକୁ ପଡ଼ିବ। ନିଜକୁ ଅସ୍ତ୍ରଶସ୍ତ୍ର, ଟ୍ୟାଙ୍କ, ସବମେରିନ ଓ ଲଢୁଆ ବିମାନ ପ୍ରସ୍ତୁତ କରିବାକୁ ପଡ଼ିବ। ଏହା ଦ୍ୱାରା ଆମେ ବିଦେଶକୁ ଏହା ରପ୍ତାନୀ କରି ବିପୁଳ ବୈଦେଶିକ ମୁଦ୍ରା ଅର୍ଜନ କରିପାରିବା, ସାମରିକ କ୍ଷେତ୍ରରେ ଶକ୍ତିଶାଳୀ ହୋଇପାରିବା ଏବଂ ଚୀନ ଓ ପାକିସ୍ତାନର ମିଳିତ ମୁକାବିଲା କରିପାରିବା। ୨୦୧୪ରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ରରେ ଏନଡିଏ ସରକାର ଆସିବା ପରେ ପ୍ରତିରକ୍ଷା କ୍ଷେତ୍ରରେ ସ୍ୱାବଲମ୍ବୀ ହେବାକୁ ଭାରତ ପ୍ରୟାସ କରିଆସୁଛି। ଅତ୍ୟାଧୁନୀକ ଅସ୍ତ୍ରଶସ୍ତ୍ର, ଟ୍ୟାଙ୍କ ଓ କ୍ଷେପଣାସ୍ତ୍ର ପ୍ରସ୍ତୁତ ହେଉଛି। ଏହାକୁ ଆହୁରି ତ୍ୱରାନ୍ୱିତ କରିବାକୁ ପଡ଼ିବ। ଆଗାମୀ ୫ ବର୍ଷ ଭିତରେ ଭାରତ ସରକାର ୫ଲକ୍ଷ କୋଟି ଟଙ୍କାର ସ୍ୱଦେଶୀ ପ୍ରତିରକ୍ଷା ସାମଗ୍ରୀ କ୍ରୟ କରିବାକୁ ଯୋଜନା କରିଛନ୍ତି। ଏହା ମେକ ଇନ ଇଣ୍ଡିଆ ଅଭିଯାନର ଏକ ମାଇଲଖୁଣ୍ଟ ହେବ। ଏହା ଦ୍ୱାରା ଭାରତର ପ୍ରତିରକ୍ଷା ଶିଳ୍ପ ସମୃଦ୍ଧ ହେବା ସହିତ ଅନେକ ବ୍ୟକ୍ତି ନିଯୁକ୍ତି ସୁଯୋଗ ପାଇବେ ଏବଂ ଭାରତକୁ ଆଉ ଅସ୍ତ୍ରଶସ୍ତ୍ର ଲାଗି ଆମେରିକା ବା ରଷିଆ ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ। ସେହିପରି ୭୦ ପ୍ରତିଶତ ସ୍ୱଦେଶୀ ଜ୍ଞାନ କୌଶଳରେ ଆଇଏନଏସ ବିକ୍ରାନ୍ତ ପ୍ରସ୍ତୁତ ହୋଇଛି। ଏହା ପ୍ରତିରକ୍ଷା କ୍ଷେତ୍ରରେ ଭାରତର ଆତ୍ମନିର୍ଭରଶୀଳତାର ଏକ ମାଇଲଖୁଣ୍ଟ। ଯଦି ଏହି ପ୍ରକ୍ରିୟା ଜାରି ରହେ ତେବେ ଆଗାମୀ ୨୦ ବର୍ଷ ଭିତରେ ଭାରତ ସାମରିକ ଦୃଷ୍ଟିରୁ ଏକ ବିରାଟ ଶକ୍ତିଭାବେ ଉଭା ହେବ, ଏଥିରେ ସନ୍ଦେହ ନାହିଁ। କେବଳ ପ୍ରତିରକ୍ଷା କ୍ଷେତ୍ରରେ ନୁହେଁ, ସବୁ କ୍ଷେତ୍ରରେ ଭାରତ ଆତ୍ମନିର୍ଭରଶୀଳ ହେବା ଉଚିତ। ବିଶେଷ କରି କୃଷି କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ନିହାତି ଅପରିହାର୍ଯ୍ୟ ହୋଇପଡ଼ିଛି। ଏଥିପାଇଁ ସୁଯୋଗ ରହିଛି। କିନ୍ତୁ ଉଦ୍ୟମ ନାହିଁ। ଯଦି ଏବେଠାରୁ ଏଥିପାଇଁ ଯୋଜନାବଦ୍ଧ ଉଦ୍ୟମ କରାଯାଏ ତେବେ ଏହାର ସୁଫଳ ମିଳିବାକୁ ୧୦ ବର୍ଷ ଲାଗିଯିବ। କୃଷି ଭିତ୍ତିକ ଶିଳ୍ପ ପ୍ରତିଷ୍ଠା ଦ୍ୱାରା ଅନେକ ବ୍ୟକ୍ତି ନିଯୁକ୍ତି ପାଇବେ, କୃଷକମାନେ ଉପକୃତ ହେବେ ଏବଂ ଭାରତ ବିଦେଶରୁ ଖାଇବା ତେଲ ଆମଦାନୀ କରିବା ପରିବର୍ତ୍ତେ ବିଦେଶକୁ ରପ୍ତାନୀ କରି ବୈଦେଶିକ ମୁଦ୍ରା ଅର୍ଜନ କରିବ। ନଚେତ ଆଜି ଶ୍ରୀଲଙ୍କାରେ ଯେପରି ପରିସ୍ଥିତି ସୃଷ୍ଟି ହୋଇଛି କାଲି ଭାରତରେ ସେପରି ପରିସ୍ଥିତି ସୃଷ୍ଟି ହୋଇପାରେ। ଆର୍ଥିକ ସଙ୍କଟ ଯୋଗୁ ଶ୍ରୀଲଙ୍କା ଆଜି ଦେବାଳିଆ ସ୍ଥିତିକୁ ଚାଲି ଆସିଛି। ଚୀନ ଓ ଭାରତର ସହାୟତା ଉପରେ ଶ୍ରୀଲଙ୍କା ନିର୍ଭର କରୁଛି। ଦେଶର ଅନେକ ଗରିବ ବ୍ୟକ୍ତି ଭାରତକୁ ଶରଣାର୍ଥୀ ଭାବେ ଚାଲିଆସୁଛନ୍ତି। ପଡ଼ୋଶୀ ପାକିସ୍ତାନରେ ମଧ୍ୟ ସମାନ ପରିସ୍ଥିତି। ଭାରତ ଏଥିରୁ ଶିକ୍ଷାଲାଭ କରି ନିଜକୁ ଭବିଷ୍ୟତର ସଙ୍କଟ ପାଇଁ ପ୍ରସ୍ତୁତ କରିବା ଉଚିତ। ୟୁକ୍ରେନ ଯୁଦ୍ଧ ଯୋଗୁ ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ବଢ଼ିଚାଲିଛି। ତେଣୁ ଭାରତରେ ପେଟ୍ରୋଲ, ଡିଜେଲ ଓ ଏଲପିଜି ଦର ମଧ୍ୟ ବଢ଼ିଛି। କାରଣ ଏସବୁ ସାମଗ୍ରୀ ଲାଗି ଭାରତକୁ ବିଦେଶ ଉପରେ ନିର୍ଭର କରିବାକୁ ପଡ଼ିଥାଏ। ଭାରତରେ ପେଟ୍ରୋଲ ଡିଜେଲର ଯେତିକି ଚାହିଦା ରହିଛି ତାହାର ୮୫ ପ୍ରତିଶତ ବିଦେଶରୁ ଆମଦାନୀ ହୋଇଥାଏ। ବିଶ୍ୱ ବଜାରରେ ତୈଳ ଦର ବଢ଼ିବା ଅର୍ଥ ଭାରତରେ ପେଟ୍ରୋଲ ଓ ଡିଜେଲ ଦର ବଢ଼ିବ। ଏଥିରେ ବିଶେଷ କିଛି କରିବାର ନାହିଁ।

# ସ୍ତନ୍ୟପାନରୁ ବଞ୍ଚିତ ୧୫ ନିୟୁତ ଶିଶୁ

॥ ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ ॥

> **ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା, ୟୁନିସେଫ୍ ଏବଂ ଗ୍ଲୋବାଲ ବ୍ରେଷ୍ଟ ଫିଡ଼ିଂ କଲେକ୍ଟିଭ୍‌ର ମିଳିତ ଉଦ୍ୟମରେ ସ୍ତନ୍ୟପାନ ନିମନ୍ତେ ସଚେତନତା ପାଇଁ ସାରା ବିଶ୍ୱରେ ଅଗଷ୍ଟ ୧ରୁ ୭ ତାରିଖ ଯାଏ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ କରାଯାଉଛି। ତେଣୁ ଶିଶୁ ଜନ୍ମଠାରୁ ପ୍ରଥମ ୨ ବର୍ଷ ପର୍ଯ୍ୟନ୍ତ ସ୍ତନ୍ୟପାନ ପାଇଁ ମା'ମାନଙ୍କୁ ଉତ୍ସାହିତ କରାଯିବା ଉଚିତ। ସ୍ତନ୍ୟପାନ ଏକ ମାତ୍ର ଉପାୟ, ଯାହା ମାଧ୍ୟମରେ ପ୍ରତିବର୍ଷ ୮ଲକ୍ଷ ୨୦ ହଜାର ଶିଶୁଙ୍କର ଜୀବନ ସୁରକ୍ଷିତ କରାଯାଇପାରିବ।**

ମା' କ୍ଷୀର ଶିଶୁ ପାଇଁ ଅମୃତ। ଆଦିମ କାଳରୁ ରହିଥିବା ଏହି ପ୍ରସଙ୍ଗ ବର୍ତ୍ତମାନର ଅତ୍ୟାଧୁନିକ ଯୁଗରେ ଫିକା ପଡ଼ିଛି। ଅଧିକାଂଶ ମା'ଙ୍କର ସ୍ତନ୍ୟପାନକୁ ନେଇ ବିଚିତ୍ର ମାନସିକତା ରହିଛି। ସ୍ତନ୍ୟପାନ କରାଇଲେ ସୌନ୍ଦର୍ଯ୍ୟ ପ୍ରଭାବିତ ହେବା ଆଶଙ୍କା କରି ଶିଶୁଙ୍କ ସ୍ତନ୍ୟପାନ କରାଇବା ପାଇଁ ସେମାନେ ଇଚ୍ଛା ପ୍ରକାଶ କରୁନାହାନ୍ତି। ଫଳରେ ଅମୃତ କୁହାଯାଉଥିବା ଏହି ମା'କ୍ଷୀର ଏବେ ଶିଶୁ ପାଇଁ ସ୍ୱପ୍ନ ହୋଇଛି। ମା'ଶବ୍ଦ ମନକୁ ଆସିଲେ ଆପେ ଚାଲିଆସେ ମମତାର ଭାବନା ମା' ଓ ମମତା ସହ ଜଡ଼ିତ ଆଉ ଏକ ଶବ୍ଦ ସ୍ତନ୍ୟପାନ। କିଏ କହେ ଅମୃତର ଧାରା ତ କିଏ କହେ ମମତାର ବିନ୍ଦୁ। ଶିଶୁଟି ଜନ୍ମ ହେବା ଠାରୁ ଛଅ ମାସ ପର୍ଯ୍ୟନ୍ତ ମା'କ୍ଷୀର ପିଇବା ଅତ୍ୟନ୍ତ ଆବଶ୍ୟକ। ଏହା ଶିଶୁ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ସହ ଶରୀରକୁ ଅନେକ ପ୍ରକାର ପୋଷକ ତତ୍ତ୍ୱ ଯୋଗାଇଥାଏ। ଏଣୁ ଏ ଦିଗରେ ମା'ମାନଙ୍କୁ ସଚେତନ କରାଇବା ପାଇଁ ଅଗଷ୍ଟ ୧ ରୁ ୭ ପର୍ଯ୍ୟନ୍ତ ବିଶ୍ୱବ୍ୟାପୀ ପାଳିତ ହୋଇଥାଏ ସ୍ତନ୍ୟପାନ ସପ୍ତାହ। ୧୯୯୨ ମସିହାରେ ପ୍ରଥମ ଥର ପାଇଁ ସ୍ତନ୍ୟପାନ ସପ୍ତାହ ପାଳନ କରାଯାଇଥିଲା। ଏହା ପରଠାରୁ ପ୍ରତ୍ୟେକ ବର୍ଷ ପ୍ରାୟ ୧୨୦ରୁ ଊର୍ଦ୍ଧ୍ୱ ଦେଶରେ ପାଳିତ ହୋଇଥାଏ ଏହି ସପ୍ତାହ। ଏହି ଦିବସ ପାଳନ କରୁଥିବା ଦେଶମାନଙ୍କ ମଧ୍ୟରେ ଭାରତ ଅନ୍ୟତମ।

ଭାରତରେ ବର୍ଷକୁ ହାରାହାରି ୨୬ ନିୟୁତ ଶିଶୁ ଜନ୍ମ ଗ୍ରହଣ କରନ୍ତି। ଯେଉଁମାନଙ୍କ ଭିତରୁ ୧୫ ନିୟୁତ ଶିଶୁଙ୍କୁ ଜନ୍ମର ଏକ ଘଣ୍ଟା ଭିତରେ ସ୍ତନ୍ୟପାନ କରିବାକୁ ଦିଆଯାଏ ନାହିଁ ବୋଲି ଏକ ଅଧ୍ୟୟନରୁ ଜଣାପଡ଼ିଛି। ଜନ୍ମ ହେଉଣୁ ଶିଶୁକୁ ମା'ସ୍ତନ୍ୟପାନ କରାଇବା ଖୁବ୍ ଗୁରୁତ୍ୱପୂର୍ଣ୍ଣ କଥା। କାରଣ ମା'ର କଷକ୍ଷୀରରେ କୋଲୋଷ୍ଟ୍ରମ ଥାଏ। ଏହା ଶିଶୁର ରୋଗପ୍ରତିରୋଧକ ଶକ୍ତି ବୃଦ୍ଧିରେ ସହାୟକ ହୁଏ। କିନ୍ତୁ ନବଜାତ ଶିଶୁଙ୍କୁ ଏଥିରୁ ବଞ୍ଚିତ କରାଯାଉଥିବା ରିପୋର୍ଟ ମିଳୁଛି। ଜନ୍ମର ଘଣ୍ଟାକ ମଧ୍ୟରେ ଶିଶୁକୁ ମା'କ୍ଷୀର ଖୁଆଇବା ସ୍ତନ୍ୟପାନର ପ୍ରାଥମିକ ପର୍ଯ୍ୟାୟ ବିବେଚନା କରାଯାଏ। ସ୍ତନ୍ୟପାନ ଉପରେ ଭାରତର ନୀତି ଓ କାର୍ଯ୍ୟକ୍ରମ 'ଆରେଷ୍ଟେଡ ଡେଭଲପ୍‌ମେଣ୍ଟ'ର ୫ମ ରିପୋର୍ଟରେ କୁହାଯାଇଛି ଯେ, ୨୦୧୫ରେ ଭାରତର ସ୍କୋର ୪୪ ଥିବାବେଳେ ଚଳିତବର୍ଷ ୪୫କୁ ଉନ୍ନୀତ ହୋଇଛି। ଏମ୍‌ସ, ୟୁନିସେଫ ସମେତ କେତେକ ସରକାରୀ ସଂସ୍ଥା ଏବଂ ଜନସ୍ୱାସ୍ଥ୍ୟ ଗୋଷ୍ଠୀର ମିଳିତ ଉଦ୍ୟମରେ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି। ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର ସମ୍ମତି ଏବଂ ଭାରତ ସରକାରଙ୍କ ମୁଖ୍ୟ ନୀତି ନିର୍ଦ୍ଧାରକଙ୍କ ମତାମତ ଉପରେ ଏହି ରିପୋର୍ଟ ପର୍ଯ୍ୟବସିତ ହୋଇଛି। ନ୍ୟାସନାଲ ଫ୍ୟାମିଲି ହେଲଥ ସର୍ଭେ ରିପୋର୍ଟ-୪କୁ ଉଦ୍ଧାର କରି କୁହାଯାଇଛି, ଶିଶୁ ୬ ମାସ ପର୍ଯ୍ୟନ୍ତ ମାତୃସ୍ତନ୍ୟପାନରୁ ବଞ୍ଚିତ ନ କରାଇବାକୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ପରାମର୍ଶ ଦେବା ଉଚିତ। ଫେଡେରେସନ ଅଫ୍ ଅବଷ୍ଟିଟ୍ରିକ୍ ଆଣ୍ଡ ଗାଇନାକୋଲୋଜିକାଲ ସୋସାଇଟିଜ୍ ଅଫ ଇଣ୍ଡିଆ (ଏଫ୍‌ଓଜିଏସ୍‌ଆଇ)ର ସଭାପତି କହିଛନ୍ତି ଯେ, ସ୍ତନ୍ୟପାନର ଗୁରୁତ୍ୱ ସମସ୍ତେ ବୁଝିବା ଉଚିତ। ବିଶେଷଜ୍ଞମାନେ ମାତୃସ୍ତନ୍ୟ ବ୍ୟାଙ୍କ ଉପରେ ମଧ୍ୟ ଗୁରୁତ୍ୱ ଦେଇଥିଲେ। ଉତ୍ସର୍ଗୀକୃତ ମନୋଭାବ ନେଇ ମାତୃସ୍ତନ୍ୟପାନ ବିଷୟରେ ସଚେତନତା ସୃଷ୍ଟି ହେବା କଥା।

ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା, ୟୁନିସେଫ୍ ଏବଂ ଗ୍ଲୋବାଲ ବ୍ରେଷ୍ଟ ଫିଡ଼ିଂ କଲେକ୍ଟିଭ୍‌ର ମିଳିତ ଉଦ୍ୟମରେ ସ୍ତନ୍ୟପାନ ନିମନ୍ତେ ସଚେତନତା ପାଇଁ ସାରା ବିଶ୍ୱରେ ଅଗଷ୍ଟ ୧ରୁ ୭ ତାରିଖ ଯାଏ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ କରାଯାଉଛି। ତେଣୁ ଶିଶୁ ଜନ୍ମଠାରୁ ପ୍ରଥମ ୨ ବର୍ଷ ପର୍ଯ୍ୟନ୍ତ ସ୍ତନ୍ୟପାନ ପାଇଁ ମା'ମାନଙ୍କୁ ଉତ୍ସାହିତ କରାଯିବା ଉଚିତ। ସ୍ତନ୍ୟପାନ ଏକ ମାତ୍ର ଉପାୟ, ଯାହା ମାଧ୍ୟମରେ ପ୍ରତିବର୍ଷ ୮ଲକ୍ଷ ୨୦ ହଜାର ଶିଶୁଙ୍କର ଜୀବନ ସୁରକ୍ଷିତ କରାଯାଇପାରିବ। ତେଣୁ ଶିଶୁକୁ ସୁସ୍ଥ, ସବଳ ଓ ନୀରୋଗ ରଖିବା ପାଇଁ ମା'ମାନଙ୍କୁ ସ୍ତନ୍ୟପାନ ସମ୍ପର୍କରେ ପ୍ରଶିକ୍ଷିତ କରାଇବା ତଥା ଶିଶୁ ପାଇଁ ସ୍ତନ୍ୟପାନର ଉପାଦେୟତା ସମ୍ପର୍କରେ ସେମାନଙ୍କୁ ସଚେତନ କରାଇବା ଏହି ସପ୍ତାହର ଲକ୍ଷ୍ୟ। ସ୍ତନ୍ୟପାନ କରାଇବା ବେଳେ ଶିଶୁଟିକୁ ଭଲ ଭାବରେ ମା'ମାନେ ଧରିବା ଉଚିତ। ସର୍ବପ୍ରଥମେ ମା'ଜଣଙ୍କ ଆରାମରେ ବସିବା ଦରକାର। ପିଲାଟିକୁ କ୍ଷୀର ଖୁଆଇବା ସମୟରେ ମା'ମାନେ ନିଜ ମାନସିକତାକୁ ସକରାତ୍ମକ ରଖିବା ଦରକାର। ପିଲାଟିକୁ ଅତି କମ୍‌ରେ ୨ଘଣ୍ଟା କ୍ଷୀର ଦେବା ଜରୁରୀ। ପିଲାଟିକୁ ସ୍ତନ୍ୟପାନ ପରେ କାନ୍ଧରେ ପକାଇ ହାଲୁକା ଭାବେ ତା ପିଠିକୁ ଥାପୁଡ଼ାନ୍ତୁ ଯାହାକୁ ଡାକ୍ତରୀ ଭାଷାରେ ବର୍ପିଙ୍ଗ କୁହାଯାଏ। ଏହାଦ୍ୱାରା ପିଲାଟିର ପେଟ ଭିତରେ ଥିବା ବାୟୁ ହାକୁଟି ଦ୍ୱାରା ବାହାରିଯାଏ। ଶିଶୁଟିକୁ ଚିତ୍ କରି ନଶୁଆଇ କଡ଼ମାଡ଼ି କିମ୍ବା ତାର ମୁହଁକୁ ଗୋଟାଏ କଡ଼କୁ କରି ଶୁଆଇ ଦିଅନ୍ତୁ। କାରଣ ଚିତ୍ ହୋଇ ଶୋଇଲେ ଶିଶୁଟି ବାନ୍ତି କରିଦେଲେ ଏହା ନାକ ଦେଇ ଭିତରକୁ ଯାଇ ନିଃଶ୍ୱାସ ବନ୍ଦ ହେବାର ଆଶଙ୍କା ରଖିଥାଏ। ପିଲାଟିକୁ ସ୍ତନ୍ୟପାନ ପୂର୍ବରୁ ମା'ମାନେ ନିଜର ସ୍ତନ ଓ ଏହାର ଅଗ୍ର ଭାଗକୁ ଭଲ ଭାବେ ଧୋଇ ଦିଅନ୍ତୁ ଯାହାଦ୍ୱାରା ପିଲାଟି କୌଣସି ସଂକ୍ରମଣର ଶିକାର ହୋଇନଥାଏ। ପିଲାଟିକୁ ସ୍ତନ୍ୟପାନ କରାଉଥିବାବେଳେ ମା'ମାନଙ୍କ ପାଇଁ ସୁଷମ ଖାଦ୍ୟ ଜରୁରୀ। ଏ ସମୟରେ ମା'ମାନେ ଆଣ୍ଟିବାୟୋଟିକ୍ସ, ବିଭିନ୍ନ ହରମୋନ, ମଦ, ତମାଖୁ ଇତ୍ୟାଦି ଠାରୁ ଦୂରେଇ ରହିବା ଭଲ। ନୂଆ ନୂଆ ସ୍ତନ୍ୟପାନ କରାଉଥିବା ସମୟରେ ଅଧିକାଂଶ ମାଆ ଶିଶୁକୁ କିଛି କିଛି ସମୟ ଅନ୍ତରାଳରେ କ୍ଷୀର ପିଆଇଥାନ୍ତି। କିନ୍ତୁ ଏହାଦ୍ୱାରା ପିଲାଟିର ଅରୁଚି ବା ବାନ୍ତି ହେବାର ସମ୍ଭାବନା ଥାଏ। କିନ୍ତୁ ପିଲାଟି ଭୋକ କଲେ ବା କାନ୍ଦିଲେ କ୍ଷୀର ଦେବା ଦ୍ୱାରା ତାର ହଜମ ସହଜରେ ହୋଇଥାଏ। ଶୋଇବା ବେଳେ ପିଲାଟିକୁ ସ୍ତନ୍ୟପାନ କରାନ୍ତୁ ନାହିଁ। ଏହାଦ୍ୱାରା ପିଲାଟିର ନାକରେ ଚାପ ପଡ଼ି ଶ୍ୱାସରୁଦ୍ଧର ଆଶଙ୍କା ରହିଥାଏ। ଶିଶୁକୁ ସର୍ବଦା ଦୁଇସ୍ତନରୁ ସମାନ ପରିମାଣରେ କ୍ଷୀର ପିଆଇବାକୁ ଚେଷ୍ଟା କରନ୍ତୁ। ମାନସିକ ରୋଗଗ୍ରସ୍ତ, କୁଷ୍ଠ, ଏଚ୍‌ଆଇଭି, ଯକ୍ଷ୍ମା, ହାଡ଼ଫୁଟି, ମିଳିମିଳା, ଜଣ୍ଡିସ ଆଦି ରୋଗ ଥିଲେ କିମ୍ବା ସ୍ତନରେ ଘାଆ ହୋଇଥିଲେ ସ୍ତନ୍ୟପାନ କରାଇବା ଶିଶୁ ପାଇଁ ବିପଦଜନକ। ଶିଶୁ କ୍ଷୀର ଖାଇବା ଦ୍ୱାରା ମା'ର ମସ୍ତିଷ୍କରୁ ଅକ୍ସିଟୋସିନ ହରମୋନ କ୍ଷରଣ ହେବା ଦ୍ୱାରା ଜରାୟୁ ସଂକୁଚିତ ହୋଇ ଏହାର ଆକାର କ୍ରମଶଃ ହ୍ରାସ ପାଇଥାଏ। ତେଣୁ ପ୍ରସବ ପରେ ରକ୍ତକ୍ଷରଣ କମ୍ ହୋଇଥାଏ। ଶିଶୁ କ୍ଷୀର ଖାଇବା ଦ୍ୱାରା କେତେକ ମା'ମାନଙ୍କର ମାସିକ ଋତୁସ୍ରାବ ବିଳମ୍ବ ହୋଇଥାଏ। ପିଲାଟିକୁ ନିୟମିତ ଭାବରେ ସ୍ତନ୍ୟପାନ କରାଇ ନିଜ ଆଗାମୀ ବଂଶଧରକୁ ସମସ୍ତ ରୋଗରୁ ଦୂରେଇ ତାକୁ ଈଶ୍ୱରପ୍ରଦତ୍ତ କୃପାରୁ ବଞ୍ଚିତ କରନ୍ତୁନାହିଁ।


ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ,
ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର,
ଦୂରଭାଷ : ୯୪୩୭୧୨୪୦୭୪


# ମା'କ୍ଷୀର ଅମୃତ

॥ ଡାକ୍ତର ଶୁଭଶ୍ରୀ ମିଶ୍ର ॥

ମା' କ୍ଷୀର ଶିଶୁ ପାଇଁ ଅମୃତ। ଆଦିମ କାଳରୁ ରହିଥିବା ଏହି ପ୍ରସଙ୍ଗ ବର୍ତ୍ତମାନର ଅତ୍ୟାଧୁନିକ ଯୁଗରେ ଫିକା ପଡ଼ିଛି। ଅଧିକାଂଶ ମା'ଙ୍କର ସ୍ତନ୍ୟପାନକୁ ନେଇ ବିଚିତ୍ର ମାନସିକତା ରହିଛି। ସ୍ତନ୍ୟପାନ କରାଇଲେ ସୌନ୍ଦର୍ଯ୍ୟ ପ୍ରଭାବିତ ହେବା ଆଶଙ୍କା କରି ଶିଶୁଙ୍କ ସ୍ତନ୍ୟପାନ କରାଇବା ପାଇଁ ସେମାନେ ଇଚ୍ଛା ପ୍ରକାଶ କରୁନାହାନ୍ତି। ଫଳରେ ଅମୃତ କୁହାଯାଉଥିବା ଏହି ମା'କ୍ଷୀର ଏବେ ଶିଶୁ ପାଇଁ ସ୍ୱପ୍ନ ହୋଇଛି। ମା'ଶବ୍ଦ ମନକୁ ଆସିଲେ ଆପେ ଚାଲିଆସେ ମମତାର ଭାବନା ମା' ଓ ମମତା ସହ ଜଡ଼ିତ ଆଉ ଏକ ଶବ୍ଦ ସ୍ତନ୍ୟପାନ। କିଏ କହେ ଅମୃତର ଧାରା ତ କିଏ କହେ ମମତାର ବିନ୍ଦୁ। ଶିଶୁଟି ଜନ୍ମ ହେବା ଠାରୁ ଛଅ ମାସ ପର୍ଯ୍ୟନ୍ତ ମା'କ୍ଷୀର ପିଇବା ଅତ୍ୟନ୍ତ ଆବଶ୍ୟକ। ଏହା ଶିଶୁ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ସହ ଶରୀରକୁ ଅନେକ ପ୍ରକାର ପୋଷକ ତତ୍ତ୍ୱ ଯୋଗାଇଥାଏ। ଏଣୁ ଏ ଦିଗରେ ମା'ମାନଙ୍କୁ ସଚେତନ କରାଇବା ପାଇଁ ଅଗଷ୍ଟ ୧ ରୁ ୭ ପର୍ଯ୍ୟନ୍ତ ବିଶ୍ୱବ୍ୟାପୀ ପାଳିତ ହୋଇଥାଏ ସ୍ତନ୍ୟପାନ ସପ୍ତାହ। ୧୯୯୨ ମସିହାରେ ପ୍ରଥମ ଥର ପାଇଁ ସ୍ତନ୍ୟପାନ ସପ୍ତାହ ପାଳନ କରାଯାଇଥିଲା। ଏହା ପରଠାରୁ ପ୍ରତ୍ୟେକ ବର୍ଷ ପ୍ରାୟ ୧୨୦ରୁ ଊର୍ଦ୍ଧ୍ୱ ଦେଶରେ ପାଳିତ ହୋଇଥାଏ ଏହି ସପ୍ତାହ। ଏହି ଦିବସ ପାଳନ କରୁଥିବା ଦେଶମାନଙ୍କ ମଧ୍ୟରେ ଭାରତ ଅନ୍ୟତମ।

ଶିଶୁକୁ ୬ମାସ ବୟସ ହେବା ଯାଏଁ ମା କ୍ଷୀର ତା ପାଇଁ ସର୍ବୋତ୍ତମ ଆହାର। ଏହି ସମୟ ଯାଏଁ ତଥା ଏହି ସମୟ ପରେ ବି ଶିଶୁକୁ ସ୍ତନ୍ୟପାନ କରାଇବା ନିହାତି ଦରକାର। ନିହାତି ଦରକାର ନହେଲେ ଏହି ସମୟ ମଧ୍ୟରେ ଶିଶୁକୁ ଅନ୍ୟ କୌଣସି କ୍ଷୀର, ଖାଦ୍ୟ, ପାନୀୟ କିମ୍ବା ପାଣି ଦେବା ଦରକାର ହୁଏ ନାହିଁ। ଜନ୍ମ ହେବାର ଅଧ ଘଣ୍ଟାରୁ ଏକ ଘଣ୍ଟା ମଧ୍ୟରେ ଶିଶୁକୁ ଯେତେ ଶୀଘ୍ର ସମ୍ଭବ ସ୍ତନ୍ୟପାନ କରାଇବା ଉଚିତ। ଶିଶୁ ଜନ୍ମ ହେବାର ପ୍ରଥମ ଦୁଇ-ତିନି ଦିନ ଭିତରେ ମା'ର ପ୍ରଥମ ହଳଦିଆ ତଥା ଈଷତ୍ ହଳଦିଆ ରଙ୍ଗର କ୍ଷୀର ପିଆଇବା ଖୁବ୍ ଜରୁରୀ। ଏହି କ୍ଷୀରକୁ କୋଲେଷ୍ଟ୍ରମ୍ କୁହାଯାଏ। ଏଥିରେ ପିଲା ପାଇଁ ଉପାଦେୟ ଅନେକ ପ୍ରକାରର ଭିଟାମିନ୍ ଭରି ରହିଥାଏ। ଶିଶୁ ଜନ୍ମ ହେବାପରେ ପ୍ରଥମ ଥର ସନ୍ତ୍ୟପାନ କରାଇବା ପୂର୍ବରୁ ତାକୁ ଅନ୍ୟ କୌଣସି ଜିନିଷ ପିଇବାକୁ ଦେବା ଅନୁଚିତ। ପିଲା ଜନ୍ମ ହେବାପରେ ତାକୁ ଅନ୍ୟ ଜିନିଷ ଦେବା ପାଇଁ କେତେକ କୁହନ୍ତି କିନ୍ତୁ ସେ କ୍ଷେତ୍ରରେ ଡାକ୍ତରଙ୍କ ପରାମର୍ଶ ନେବା ଭଲ। ଏହି ସମୟ ମଧ୍ୟରେ କ୍ଷୀର ବଦଳରେ କେହି କେହି ମହୁ ଚାଟନ୍ତି। ଏପରି କରିବା ଶିଶୁ ପାଇଁ କ୍ଷତିକାରକ। କିଛି ନିର୍ଦ୍ଦିଷ୍ଟ ରୋଗ ଯେମିତିକି ଏଡ଼ସ୍ କିମ୍ବା ବ୍ରେଷ୍ଟ କ୍ୟାନସର ଆଦି ରୋଗକୁ ବାଦଦେଇ ଅନ୍ୟାନ୍ୟ ରୋଗ ଭୋଗୁଥିବା ବେଳେ ଆପଣ ବିନା ଦ୍ୱିଧାରେ ଶିଶୁକୁ ସ୍ତନ୍ୟପାନ କରାଇପାରିବେ। ଏହାଦ୍ୱାରା ଆପଣଙ୍କର ଶିଶୁର କୌଣସି କ୍ଷତି ହେବନାହିଁ। ଆପଣ ଚାହିଁଲେ ଦୁଇବର୍ଷ କିମ୍ବା ତା'ଠାରୁ ଅଧିକ ବୟସ ଯାଏଁ ଶିଶୁକୁ ସ୍ତନ୍ୟପାନ କରାଇପାରିବେ। ବଟଲରେ କ୍ଷୀର ପିଆଇବେ ନାହିଁ। କାରଣ ଅନେକ ସମୟରେ ବଟଲରେ ପିଇବା ଦ୍ୱାରା ଶିଶୁର କ୍ଷତି ହୁଏ। ଶିଶୁର ତରଳ ଝାଡ଼ା ହେବାପାଇଁ ବଟଲ ହିଁ ଅନେକାଂଶରେ ଦାୟୀ। ଶିଶୁକୁ ସଠିକ୍ ଭାବେ ୬ମାସ ଯାଏଁ ସ୍ତନ୍ୟପାନ କରାଇବା ପରେ ଅନ୍ୟ ଖାଦ୍ୟ ଦେବା ଉଚିତ। ବଜାରରେ ମିଳୁଥିବା ଖାଦ୍ୟ ତୁଳନାରେ ଘର ତିଆରି ଖାଦ୍ୟ ଶିଶୁ ପାଇଁ ଅପେକ୍ଷାକୃତ ଭଲ।

ବ୍ରେଷ୍ଟ ଫିଡିଂ ଶିଶୁପାଇଁ କାହିଁକି ଭଲ : ମା' କ୍ଷୀରରେ ଯଥେଷ୍ଟ କ୍ୟାଲୋରୀ ରହିଛି। ଏହା ଶିଶୁକୁ ସଠିକ୍ ମାତ୍ରାରେ ପ୍ରୋଟିନ୍, ଫ୍ୟାଟ୍, ଲାକଟୋଜ, ଭିଟାମିନ୍ ଆଇରନ, ମିନେରାଲ, ପାଣି ଏବଂ ଏନଜାଇମ ଯୋଗାଇଥାଏ। ଯାହା ଶିଶୁର ବିକାଶ ପାଇଁ ଖୁବ୍ ଦରକାର। ମା' କ୍ଷୀରରେ ଆଇରନ, ଭିଟାମିନ୍ ଡି, ଭିଟାମିନ୍ ଏ, ସି ଏବଂ ଇ ଭରି ରହିଥାଏ। ଯାହା ଗାଈ କ୍ଷୀରରେ ନଥାଏ। ମା' କ୍ଷୀର ସ୍ୱଚ୍ଛ, ବ୍ୟାକ୍ଟେରିଆ ମୁକ୍ତ ଏବଂ ଏଥିରେ ଆଣ୍ଟି ଇନଫେକ୍ଟିଭ ପ୍ରପର୍ଟି ଭରି ରହିଛି। ମା' କ୍ଷୀରରେ ଏପରି ଏକ ଉପାଦାନ ଅଛି ଯାହା ଶିଶୁର ପତଳା ଝାଡ଼ା ପ୍ରତିରୋଧ କରିପାରେ। ମା' କ୍ଷୀରର ଆଉ ଏକ ଉପକାରିତା ହେଲା ଇଚ୍ଛା ହେଲା ମାତ୍ରେ ଶିଶୁକୁ ଖୁଆଇ ପାରିବେ ଏବଂ ଏହାକୁ ପ୍ରସ୍ତୁତ କରିବା ପାଇଁ ସମୟ ଦରକାର ହୁଏନାହିଁ। ଏବଂ ଏହାକୁ ଗରମ କିମ୍ବା ଥଣ୍ଡା କରିବାକୁ ପଡ଼େ ନାହିଁ। ଏଥିପାଇଁ ମା'କୁ ନିଜ ଖାଦ୍ୟ ବ୍ୟତୀତ ଆଉ ଅଧିକ ପଇସା ଖର୍ଚ୍ଚ କରିବାକୁ ପଡ଼େ ନାହିଁ ଏବଂ ଏଥିରେ ରୋଗ ସଂକ୍ରମଣର ଆଶଙ୍କା ନଥାଏ। ବରଂ ଶିଶୁର ରୋଗ ପ୍ରତିରୋଧକ କ୍ଷମତା ବଢ଼ାଇବାରେ ଏହା ସାହାଯ୍ୟ କରେ। ମା'କ୍ଷୀର ନବଜାତ ଶିଶୁ ଓ ମା' ମଧ୍ୟରେ ଭାବନାତ୍ମକ ସଂପର୍କ ଦୃଢ଼ କରେ। ଶିଶୁକୁ ବ୍ରେଷ୍ଟଫିଡ଼ିଂ କରାଇବା ବେଳେ ଶିଶୁପ୍ରତି ମା'ର ଆବେଗ, ଭଲ ପାଇବା ଆହୁରି ଗଭୀର ହୁଏ। ଶିଶୁକୁ ପରିଣତ ବୟସ ପର୍ଯ୍ୟନ୍ତ ସଠିକ ମାତ୍ରାରେ ସନ୍ତ୍ୟପାନ କରାଇଲେ ବୟସ ହେବାପରେ ଡାଏବେଟିସ, ହୃଦରୋଗ, ଏକଜିମା, ଆସ୍ତମା ଏବଂ ଅନ୍ୟାନ୍ୟ ଆଲର୍ଜି ଜନୀତ ରୋଗର ଆଶଙ୍କା କମିଯାଏ। ସଠିକ ଭାବେ ସ୍ତନ୍ୟପାନ କରିଥିବା ଶିଶୁମାନଙ୍କ ମସ୍ତିଷ୍କ ସକ୍ରୀୟ ରହେ। ସେମାନେ ବୁଦ୍ଧିଆ ହୁଅନ୍ତି।

ବ୍ରେଷ୍ଟ ଫିଡ଼ିଂର ଉପକାରିତା : ଶିଶୁକୁ ସ୍ତନ୍ୟପାନ କରାଇବା ଦ୍ୱାରା ପ୍ରସବ ପରବର୍ତ୍ତୀ ରକ୍ତ କ୍ଷରଣ ଏବଂ ଆନିମିଆ ହେବାର ଆଶଙ୍କା କମ କରେ। ଶିଶୁକୁ ସଠିକ ପରିମାଣରେ ବ୍ରେଷ୍ଟ ଫିଡିଂ କରାଇଲେ ମେଦ ବହୁଳତା ହେବାର ଆଶଙ୍କା ମଧ୍ୟ କମି ସାଧାରଣ ସ୍ୱାସ୍ଥ୍ୟ ଫେରିଆସେ। ଶିଶୁକୁ ନିୟମିତ ସ୍ତନ୍ୟପାନ କରାଇଲେ ଅବଞ୍ଛିତ ଗର୍ଭ ଧାରଣର ଆଶଙ୍କା କମିଯାଏ। ବ୍ରେଷ୍ଟ ଫିଡ଼ିଂର ଆଉ ଏକ ଉପକାରିତା ହେଲା ଏହା ବ୍ରେଷ୍ଟ ତଥା ଓଭାରିଆନ କ୍ୟାନସର ଆଶଙ୍କାକୁ ବହୁ ପରିମାଣରେ କମ୍ କରେ। ଯଦି ଆପଣ ଶିଶୁକୁ ନିୟମିତ ଭାବେ ଏବଂ ଅଧିକ ଥର ସ୍ତନ୍ୟପାନ କରାଇବେ ତା'ହେଲେ ଶିଶୁ ସହିତ ଆପଣଙ୍କର ମାନସିକ ସ୍ତରରେ ବୁଝାମଣା ମଧ୍ୟ ଠିକ୍ ରହିବ।


ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ, ଦୂରଭାଷ : ୯୮୬୧୪୬୩୪୦୬


# ଅନୁଚିନ୍ତନରେ ଦେବଭାଷା ସଂସ୍କୃତ

॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

ସଂସ୍କୃତ ଭାଷାର ପ୍ରାଚୀନତା, ବ୍ୟାପକତା ତଥା ଏହାର ବିପ୍ରତି ପାଇଁ ସାଧାରଣରେ ଭାଷା ପ୍ରତି ଶ୍ରଦ୍ଧା ରଖୁଥିବା ପ୍ରତିଟି ଲୋକପାଇଁ ଆଜି ହେଉଛି ଏକ ଅତ୍ୟନ୍ତ ପବିତ୍ରତମ ଦିବସ। ଦେବଭାଷା ସଂସ୍କୃତର ପ୍ରାଚୀନତା କାହାକୁ ବା ଅଜଣା। ଏହି ଭାରତୀୟ ଆର୍ଯ୍ୟ ଭାଷାରୁ ଅଧିକାଂଶ ଭାରତୀୟ ଓ ବିଶ୍ୱ ଭାଷାର ସୃଷ୍ଟି। ଏହି ଭାଷା ଏବେ ବିଲୁପ୍ତ ପ୍ରାୟ। ୨୦୨୦ର ଏକ ପରିସଂଖ୍ୟାନ ଅନୁଯାୟୀ ସମଗ୍ର ଭାରତବର୍ଷରେ ସଂସ୍କୃତ ଭାଷାଭାଷୀଙ୍କ ସଂଖ୍ୟା ୧,୧୪,୧୩୫ ମଧ୍ୟରେ ସୀମିତ। ଏହି ପରିପ୍ରେକ୍ଷୀରେ କର୍ଣ୍ଣାଟକ ଅନ୍ତର୍ଗତ ମାତ୍ତୁର ଗ୍ରାମର ସମସ୍ତ ବାସିନ୍ଦା କେବଳ ଏହି ଭାଷାରେ କଥାବର୍ତ୍ତା ହେଉଥିବା ଶୁଣିଲେ ଆଶ୍ଚର୍ଯ୍ୟ ହେବାକୁ ହୁଏ। ସିମୋଗା ସହରଠାରୁ ମାତ୍ର ୧୦ କିମି ଦୂରରେ ଏହି ଗାଁ ଅବସ୍ଥିତ ଏବଂ ଗ୍ରାମବାସୀଙ୍କ ବ୍ୟାବହାରିକ ଭାଷା ସଂସ୍କୃତ। ଉଲ୍ଲେଖନୀୟ ଯେ, ଗ୍ରାମବାସୀଙ୍କର ଜୀବିକା କୃଷି। ୧୯୮୨ ପର୍ଯ୍ୟନ୍ତ ସେମାନଙ୍କର ମାତୃଭାଷା ଥିଲା କନ୍ନଡ଼। ସେହି ବର୍ଷ ସଂସ୍କୃତ ଭାରତୀ ନାମକ ଅନୁଷ୍ଠାନ ଭାଷା ପ୍ରଚାର ପାଇଁ ବାଛିଥିଲା ମାତ୍ତୁର୍ ଗାଁକୁ। ଅନୁଷ୍ଠାନ ସହ ଜଡ଼ିତ ସ୍ୱେଚ୍ଛାସେବୀମାନେ ଏକ ୧୦ ଦିନିଆ ଶିକ୍ଷା ଯୋଜନାରେ ସଂସ୍କୃତରେ କିପରି କଥାବାର୍ତ୍ତା କରିହେବ ସେଠାକାର ବାସିନ୍ଦାଙ୍କୁ ଶିଖାଇଲେ। ସ୍ଥାନୀୟ ଲୋକେ ମଧ୍ୟ ଆଗ୍ରହରେ ତାହା ଗ୍ରହଣ କଲେ। ଏମିତି ଜଣେ ଅନ୍ୟକୁ ଶିଖାଇଲା। ପିଲାମାନେ ବି ଶିଖିଲେ। କିଛି ବର୍ଷ ମଧ୍ୟରେ ସମସ୍ତେ ପାଲଟିଗଲେ ସଂସ୍କୃତଭାଷୀ ଏବଂ ସେହି ଭାଷାକୁ ବ୍ୟବହାର କଲେ ଭାବ ପରିପ୍ରକାଶ ପାଇଁ। ମାତ୍ତୁର୍‌ବାସୀଙ୍କ ପ୍ରଭାବରେ ଆସି ନିକଟବର୍ତ୍ତୀ ହୋସାହାଲି ଗ୍ରାମର ଲୋକେ ମଧ୍ୟ ଏବେ ସଂସ୍କୃତରେ କଥାବାର୍ତ୍ତା ହେଉଛନ୍ତି। ପୁଣି ମଧ୍ୟ ପ୍ରଦେଶ ଅନ୍ତର୍ଗତ ରାଜଗଡ଼ ଜିଲ୍ଲା ଅନ୍ତର୍ଗତ ଝିରି ଗାଁର ଲୋକେ ମଧ୍ୟ ସଂପ୍ରତି କେବଳ ସଂସ୍କୃତରେ କଥା ହେଉଥିବା ପ୍ରକାଶ। ଏମିତି ଧୀରେ ଧୀରେ ସଂସ୍କୃତ ଭାଷାର ପୁନରୁଦ୍ଧାର ହେଉଛି।

ସାଧାରଣରେ ବେଦ ଭାଷା ବା ଭଗବାନଙ୍କ ଭାଷାରୂପେ ସଂସ୍କୃତକୁ ସମସ୍ତେ ବୁଝନ୍ତି। ତେବେ ଭାରତ ବାହାରେ ଅନେକ ଜାଣି ଆଶ୍ଚର୍ଯ୍ୟ ହେବେ ଯେ, ନେପାଳ, ଶ୍ରୀଲଙ୍କା, ଫିଲିପାଇନସ୍ ପରି କିଛି ବିଦେଶ ରାଷ୍ଟ୍ରରେ ସଂସ୍କୃତ ଭାଷାକୁ ସ୍ଥାନୀୟ ସରକାର ସମ୍ମାନ ଦେବା ସହ ସେମାନଙ୍କର ସରକାରୀ ଭାଷା ସିଡୁଲ୍‌ରେ ସଂସ୍କୃତ ପରି ପ୍ରାଚୀନତମ ଭାଷା ବି ସ୍ଥାନିତ ହୋଇଛି। ତେବେ ସାଧାରଣରେ ହିନ୍ଦୀ ଓ ସଂସ୍କୃତ ଅପେକ୍ଷା ହିନ୍ଦୀକୁ ରାଷ୍ଟ୍ରଭାଷା ରୂପେ ଗ୍ରହଣ କରାଯାଇଥିବାରୁ ସଂସ୍କୃତ ଭାଷା କିଛିକାଂଶରେ ପଛୁଆ ପଡ଼ିଯାଇଛି କହିଲେ ଭୁଲ୍ ହେବନାହିଁ। ସଂସ୍କୃତ ଭାଷାକୁ ଗୁଜୁରାଟ, ମହାରାଷ୍ଟ୍ର, କର୍ଣ୍ଣାଟକ, ତାମିଲନାଡୁ, କେରଳ ପରି ରାଜ୍ୟରେ ବହୁତ ଗୁରୁତ୍ୱ ଦିଆଯାଏ। ଏହି ରାଜ୍ୟମାନଙ୍କରେ ସଂସ୍କୃତ ବହିର ବ୍ୟାପକ ବିକ୍ରି ହେବା ସହିତ ସଂସ୍କୃତ ଭାଷାରେ କଥାବାର୍ତ୍ତା ଅଧିକାଂଶ ଲୋକ ହୋଇଥାନ୍ତି। ତେବେ ସବୁଠାରୁ ବଡ଼ କଥା ହେଉଛି ହଜାର ହଜାର ବର୍ଷ ତଳର ଏହି ଅତ୍ୟନ୍ତ ଲୋକପ୍ରିୟ ତଥା ଶୁଦ୍ଧ ଭାଷା କିନ୍ତୁ ସରକାରୀ ସ୍ତରରେ ସେପରି ପ୍ରୋତ୍ସାହନ ପାଉନାହିଁ। ବିଶ୍ୱବିଦ୍ୟାଳୟ ବା ବଡ଼ ବଡ଼ ମହାବିଦ୍ୟାଳୟରେ ସଂସ୍କୃତ ଭାଷାକୁ ପାଠ୍ୟକ୍ରମରେ ଗ୍ରହଣ କରୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା କମ୍। ଏ କ୍ଷେତ୍ରରେ ବଡ଼ ଅସୁବିଧା ହେଉଛି ସଂସ୍କୃତକୁ ନେଇ କ୍ୟାରିୟର କରିବା ପାଇଁ ସେପରି ନାଁ ବିଭାଗ ଅଛି ନାଁ କର୍ମବୃତ୍ତି। ଯାହାଦ୍ୱାରା ଏହି ଭାଷାକୁ କ୍ୱଚିତ୍ ଛାତ୍ରଛାତ୍ରୀ ଆଗ୍ରହର ସହ ଗ୍ରହଣ କରୁଛନ୍ତି। ଦ୍ୱିତୀୟତଃ ସଂସ୍କୃତ ଭାଷାରେ ବହି, ପତ୍ରପତ୍ରିକାର ପ୍ରଚଳନ କମ୍। ଦିନଥିଲା ଗାଁ ଗଣ୍ଡା ବା ସହରରେ ଛତୁ ଫୁଟିଲା ପରି ଟୋଲ୍ ସ୍କୁଲ ସବୁ ଖୋଲିଥିଲା। ପରବର୍ତ୍ତୀ ସମୟରେ କିନ୍ତୁ ଏହି ଟୋଲ୍ ଗୁଡ଼ିକ ଏକ ପ୍ରକାର ମୃତପ୍ରାୟ ହୋଇଗଲା। ସରକାରୀ ସ୍ତରରେ ସେପରି ନା ସହାୟତା ରହିଲା ନା ସାଧାରଣରେ ଏହାକୁ ଗ୍ରହଣ କରିବା ପାଇଁ କିଛି ଆଗ୍ରହବୋଧ! ସଂସ୍କୃତ ଭାଷାକୁ ଅତ୍ୟନ୍ତ ନିଷ୍ଠାର ସହିତ ଶ୍ରଦ୍ଧା ରଖୁଥିବା, କର୍ମକାଣ୍ଡ ବ୍ରାହ୍ମଣ ବା କିଛି ଭିନ୍ନ ରୁଚିର ମେଧାବୀମାନେ ବର୍ତ୍ତମାନ ସଂସ୍କୃତ ଭାଷାକୁ ଗ୍ରହଣ କରୁଛନ୍ତି। ସାଧାରଣରେ ସରକାରୀ ସ୍କୁଲରେ ସଂସ୍କୃତ ପଣ୍ଡିତମାନଙ୍କ ନିଯୁକ୍ତି ପ୍ରକ୍ରିୟା ଏହାଭିତରେ ଏକ ପ୍ରକାର ସ୍ଥାଣୁ ପାଲଟି ଯାଇଛି। ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ହିନ୍ଦୀ ଓ ସଂସ୍କୃତ ଭାଷାର ପିଲାମାନେ ଅନେକ ସମସ୍ୟା ସାମ୍ନା କରିବା ସହ ସେମାନଙ୍କ ପରୀକ୍ଷା ଫଳ ମଧ୍ୟ ଅଧିକାଂଶ କ୍ଷେତ୍ରରେ ଖରାପ ହୋଇଥିଲା। ତେବେ ଯାହାହେଉନା କାହିଁକି ସଂସ୍କୃତ ଭାଷାକୁ ବିଦେଶରେ କିନ୍ତୁ ଦିନକୁ ଦିନ ଆଗ୍ରହ ରଖୁଛନ୍ତି ବିଦେଶୀମାନେ। ଭାରତରେ ଯେଉଁ ଭାଷା ସୃଷ୍ଟି ହୋଇ ମୃତପ୍ରାୟ ହେବାକୁ ଯାଉଛି ସେ ଭାଷା କିନ୍ତୁ ଦେଶ ବିଦେଶରେ ବେଶ୍ ଆଗ୍ରହ ରଖୁଛି ଜାଣିବା ଓ ଶିଖିବାରେ। ବର୍ତ୍ତମାନ ଛୋଟ ପିଲାଟି ନିଜ ଜେଜ ବା ଗୋସେଇଁ ବାପାଙ୍କ ଅମଳର ସଂସ୍କୃତ ବହିଟି ଦେଖିଲେ ତାକୁ ଏକପ୍ରକାର ବିଚିତ୍ର ଭାଷା ପରି ହୃଦ୍‌ବୋଧ ହେଉଛି। କାରଣ ପିଢ଼ୀ ପରେ ପିଢ଼ୀ ସଂସ୍କୃତ ଭାଷାଟି ସେପରି ଶ୍ରଦ୍ଧା ବା ଭଲ ପାଇବା ପାଉନାହିଁ। ଆସନ୍ତୁ ଆଜିପରି ଏକ ଅନୁଚିନ୍ତନର ଦିବସରେ ସଂସ୍କୃତର ଭାଷାକୁ ଭଲପାଇବାର, ଜାଣିବାର ଶ୍ରଦ୍ଧା ବଢ଼ାଇବାର ସ୍ମରଣୀୟ ଦିବସଟିଏ ହେଉ। ଏହି ଦିବସଟି ଆମ ସମସ୍ତଙ୍କ ପାଇଁ ଏହି ଦେବ ଓ ମହାନ୍ ଭାଷା ପ୍ରତି ମମତାବୋଧକୁ ବଢ଼ାଉ ଏହା ହିଁ କାମନା। ଏହି ପ୍ରସଙ୍ଗରେ ଯୁଗାବତାର ପରମ ପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି – 'ସଂସ୍କୃତ ଭାଷା ହିଁ ହେଉଛି ସମସ୍ତ ଭାଷାର ଆଦିଭାଷା। ଏପରିକି ଇଂରାଜୀ ଭାଷା ମଧ୍ୟ ସଂସ୍କୃତ ଭାଷାରୁ ହିଁ ସୃଷ୍ଟି।' ଶ୍ରୀ ଶ୍ରୀ ଠାକୁର ଆଶା ପ୍ରକାଶ କରିଛନ୍ତି, ଯେ ସଂସ୍କୃତ ଭାଷା ହିଁ ଭାରତର ଜାତୀୟ ଭାଷାର ମାନ୍ୟତା ପାଇବା ଉଚିତ। ସଂସ୍କୃତ ହିଁ ହେଉଛି ଦେବଭାଷା ଓ ଆର୍ଯ୍ୟ ଭାରତ ବର୍ଷର ଋଷି ପରମ୍ପରା ଅନୁଯାୟୀ ସଂସ୍କୃତ ଭାଷାର ଉନ୍ନତି ଉପରେ ଆର୍ଯ୍ୟ ଭାରତ ବର୍ଷର ଉନ୍ନତି, ସଂହତି ଓ ବୈଦିକ ଅନୁଚିନ୍ତନ ତଥା ସର୍ବଧର୍ମ ସମନ୍ୱୟର ପ୍ରଚାର ଓ ପ୍ରସାର ନର୍ଭର କରେ।


ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର
ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ :
୯୪୩୭୦୫୧୯୫୭

## ଛତୁ ତୋଳିବାକୁ କେନ୍ଦ୍ର କରି ଗଣ୍ଡଗୋଳ, ଟାଙ୍ଗିଆ ଚୋଟରେ ଯୁବକ ଗୁରୁତର

ପରଜଙ୍ଗ, (ମହାଭାରତ) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଆମ୍ବପଳାସ ପଞ୍ଚାୟତ ଜାମୁନାଳୀ ଗାଁରେ ଛତୁ ତୋଳିବାକୁ କେନ୍ଦ୍ର କରି ଗଣ୍ଡଗୋଳ ଘଟିଛି। ଏଥିରେ ଜଣେ ସମ୍ପର୍କୀୟ ଭାଇଙ୍କ ଟାଙ୍ଗିଆ ଚୋଟରେ ଅନ୍ୟ ଜଣେ ଯୁବକ ଗୁରୁତର ହୋଇଛନ୍ତି।ଗୁରୁତର ଯୁବକ ହେଉଛନ୍ତି ଜାମୁନାଳୀ ଗାଁର ସରୋଜ ମୁଣ୍ଡା। ସୂଚନା ଅନୁଯାୟୀ, ଛତୁ ତୋଳିବାକୁ ନେଇ ସରୋଜ ଓ ତାଙ୍କ ସମ୍ପର୍କୀୟ ଭାଇ ମଣ୍ଟୁ ମୁଣ୍ଡାଙ୍କ ମଧ୍ୟରେ ପ୍ରଥମେ ବଚସା ହୋଇଥିଲା। ପରେ ବଚସା ଗଣ୍ଡଗୋଳର ରୂପ ନେଇଥିବା ବେଳେ, ମଣ୍ଟୁ ଟାଙ୍ଗିଆରେ ସରୋଜଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଗୁରୁତର ସରୋଜଙ୍କୁ ପ୍ରଥମେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।ଘଟଣା ସମ୍ପର୍କରେ ଖବର ପାଇ ପରଜଙ୍ଗ ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି।

## ବ୍ଲକ ସ୍ତରୀୟ ଜନ ଶୁଣାଣି



ନୂଆଗାଁ, (ମହାଭାରତ ) : ନୂଆଗାଁ ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ରାଜୀବ ଗାନ୍ଧୀ ସଦଭାବନା ଗୃହରେ ପ୍ରତେକ ସୋମବାର ବ୍ଲକ ସ୍ତରୀୟ ଯୁଗ୍ମ ଜନ ଶୁଣାଣି କାର୍ଯ୍ୟକ୍ରମ ହେଉଥିବା ବେଳେ ଆଜି ମଧ୍ୟ ବ୍ଲକ ସ୍ତରୀୟ ଯୁଗ୍ମ ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ ବିଡ଼ିଓ ଡ଼. ଅମୃତ କୁମାର ରାଉଳ, ତହସିଲିଦାର ହେମନ୍ତ କୁମାର ନାୟକ, ଏବିଡିଓ ମୀନକେତନ ବେହେରାଙ୍କ ସମେତ ସମସ୍ତ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ। ବିଭିନ୍ନ ପଞ୍ଚାୟତରୁ ଆସିଥିବା ଜନସାଧାରଣଙ୍କ ଠାରୁ ଅଭିଯୋଗ ପତ୍ର ଗ୍ରହଣ କରିଥିଲେ। ଆଜିର କାର୍ଯ୍ୟକ୍ରମରେ ବିଭିନ୍ନ ସମସ୍ୟାକୁ ନେଇ ସର୍ବମୋଟ ୨୭ଟି ଅଭିଯୋଗ ଆସିଥିଲା। ରାସନ କାର୍ଡ ପାଇଁ ୧୪ଟି, ପେନସନ ୬ଟି, ଆବାସ ଯୋଜନାରେ ଗୋଟିଏ ଓ ଅନ୍ୟାନ୍ୟ ଅଭିଯୋଗ ୬ଟି ଆସିଥିଲା ।

## ଗୋରୁ ଚରାଇବାକୁ ନେଇ ବଚସା, କଟୁରୀରେ ଆକ୍ରମଣରେ ବୃଦ୍ଧ ଗୁରୁତର

କରଞ୍ଜିଆ, (ମହାଭାରତ) : ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଥାନା ହାତିଗୋଡ଼ା ପଞ୍ଚାୟତ ଅନ୍ତର୍ଗତ ଅସନକୁଦର ଗ୍ରାମରେ ଗୋରୁ ଚରାଇବାକୁ ନେଇ ବଚସା ପରେ ଜଣେ ବୃଦ୍ଧଙ୍କୁ କଟୁରୀରେ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଏହି ଆକ୍ରମଣରେ ଜିତରାୟ ମୁର୍ମୁ (୬୫) ଗୁରୁତର ଆହତ ହୋଇଛନ୍ତି। ଆହତ ଜିତରାୟଙ୍କ ମୁଣ୍ଡରେ ୧୧ଟି ଷ୍ଟିଚ୍ ପଡ଼ିଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ଅସନକୁଦର ଗ୍ରାମର ଜିତରାୟ ମୁର୍ମୁ (୬୫), ଦୁଲାରୀ ସୋରେନ ଓ ତୁଳସୀ ମୁର୍ମୁ ଗୋରୁ ଚରାଇବା ପାଇଁ ଧିରଳ ଗ୍ରାମ ଅଞ୍ଚଳକୁ ଯାଇଥିଲେ। ସେଠାରେ ଗୋରୁଗୁଡ଼ିକ ଚରୁଥିବା ସମୟରେ ଧିରଳ ଗ୍ରାମର ସୁଦନ ନାୟକ (୪୦)ଙ୍କ ଜମି ଦେଇ ଗୋରୁମାନଙ୍କୁ ନେବାକୁ ନେଇ ସାମାନ୍ୟ ବଚସା ହୋଇଥିଲା। ବଚସା ପରେ ଜିତରାୟ ଓ ଅନ୍ୟମାନେ ଗୋରୁଗୁଡ଼ିକୁ ଫେରାଇ ଆଣୁଥିଲେ। ଗୋରୁଗୁଡ଼ିକୁ ଫେରାଇ ଆଣୁଥିବା ସମୟରେ ସୁଦନ ନାୟକ ପଛପଟୁ ଆସି ଏକ କଟୁରୀ ସାହାଯ୍ୟରେ ଜିତରାୟଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣ ପରେ ସୁଦନ ସେଠାରୁ ପଳାଇ ଯାଇଥିବା ଅଭିଯୋଗ ହୋଇଛି। ଆକ୍ରମଣରେ ଜିତରାୟ ଗୁରୁତର ଆହତ ହୋଇଥିବା ଦେଖି ଗ୍ରାମବାସୀମାନେ ତାଙ୍କୁ ଉଦ୍ଧାର କରି ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କ ଆହତ ସ୍ଥାନରେ ୧୧ଟି ଷ୍ଟିଚ୍? ପକାଇ ଚିକିତ୍ସା ଜାରି ରଖିଛନ୍ତି। ଏହି ଘଟଣାକୁ ନେଇ ଜିତରାୟଙ୍କ ପକ୍ଷରୁ ଠାକୁରମୁଣ୍ଡା ଥାନାରେ ଏତଲା ଦିଆଯାଇଛି। ଏତଲା ଆଧାରରେ ଠାକୁରମୁଣ୍ଡା ଥାନା ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଆକ୍ରମଣର ପ୍ରକୃତ କାରଣ ଓ ଘଟଣା ସମ୍ପର୍କରେ ପୁଲିସ ତଦନ୍ତ ପରେ ସ୍ପଷ୍ଟ ତଥ୍ୟ ସାମ୍ନାକୁ ଆସିବ।

## ମତ୍ସ୍ୟଜୀବିଙ୍କୁ ସମୁଦ୍ର ଭିତରକୁ ନ ଯିବା ପାଇଁ ବାରଣ



ପାରାଦୀପ, (ମହାଭାରତ) : ସମୁଦ୍ର ଭିତରେ ବଦଳୁଛି ପାଣିପାଗର ଚିତ୍ର। ବଙ୍ଗୋପସାଗରରେ ସୃଷ୍ଟି ଲଘୁଚାପ ଅବପାତରେ ପରିଣତ ହେବା ପରେ ସମୁଦ୍ରକୁ ନଯିବାକୁ ମତ୍ସ୍ୟଜୀବୀଙ୍କୁ ପରାମର୍ଶ ଦିଆଯାଇଛି। ଏହି ସମୟ ମଧ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସହିତ ଘଣ୍ଟା ପ୍ରତି ୬୦ ରୁ ୬୫ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ରହିଛି କ୍ଷ ପାରାଦୀପ ମାଛଧରା ବନ୍ଦର ଓ ସମୁଦ୍ରକୂଳରେ ଡାକବାଜି ଯନ୍ତ୍ର ମାଧ୍ୟମରେ ଚାଲିଛି ସତର୍କତାମୂଳକ ପ୍ରଚାର। ସମୁଦ୍ରରେ ଥିବା ମତ୍ସ୍ୟଜୀବୀ ଓ ଡଙ୍ଗାଗୁଡ଼ିକୁ ଶୀଘ୍ର କୂଳକୁ ଫେରିଆସିବାକୁ ମଧ୍ୟ ଦିଆଯାଉଛି ପରାମର୍ଶ। ପାଣିପାଗ ବିଭାଗର ସତର୍କତାକୁ ନଜରରେ ରଖି ପାରାଦୀପ ଉପକୂଳରେ ବଢ଼ିଛି ସତର୍କତା । ସମୁଦ୍ରକୁ ଯିବା ପୂର୍ବରୁ ପାଣିପାଗର ସ୍ଥିତି ଓ ପ୍ରଶାସନର ନିର୍ଦ୍ଦେଶ ଉପରେ ନଜର ରଖିବାକୁ ମତ୍ସ୍ୟଜୀବୀଙ୍କୁ ମତ୍ସ୍ୟ ଓ ପାଣି ସମ୍ପଦ ବିକାଶ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ଆଜି ସୂଚନା ଦିଆଯାଇଛି ।

# ରାଜସ୍ୱ ମନ୍ତ୍ରୀଙ୍କ ଦିନିକିଆ ଦେବଗଡ଼ ଗସ୍ତ




ଦେବଗଡ଼, (ମହାଭାରତ) : ଆଜି ରାଜସ୍ୱ ମନ୍ତ୍ରୀଙ୍କ ଦିନ କିଆ ଦେବଗଡ ଗସ୍ତ ଓ ସମୀକ୍ଷା ବୈଠକ କରିଛନ୍ତି।। ସୋମବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ ଦେବଗଡ ଜିଲ୍ଲା ଗସ୍ତରେ ଆସି ବିଭିନ୍ନ ବିକାଶ ମୂଳକ ସରକାରୀ ଯୋଜନା ର ସଫଳ ରୂପାୟନ ଓ ରାଜସ୍ୱ ବିଭାଗର କାର୍ଯ୍ୟାନ୍ୱୟନ ର ସମୀକ୍ଷା କରିଛନ୍ତି। ମନ୍ତ୍ରୀ ଶ୍ରୀଯୁକ୍ତ ପୂଜାରୀ ଦେବଗଡ଼ ଜିଲ୍ଲା ସର୍କିଟ ହାଉସ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାରେ କାର୍ଯ୍ୟକାରୀ କରାଯାଉଥିବା ସରକାରଙ୍କ ବିଭିନ୍ନ ଉନ୍ନୟନ ଯୋଜନା ଉପରେ ସମୀକ୍ଷା କରିବା ସହ ପ୍ରକଳ୍ପ ସମ୍ପର୍କ ରେ ଅଧିକାରୀ ମାନଙ୍କୁ ପଚାରି ବୁଝିଥିଲେ। ସମୀକ୍ଷା ବୈଠକରେ ମାନ୍ୟବର ମନ୍ତ୍ରୀ ଶ୍ରୀଯୁକ୍ତ ପୂଜାରୀ ହାଇଟେକ୍ ସର୍ଭେ ରିଭିଜନ, ସ୍କୁଲ ଓ କଲେଜ୍ ର ପଟ୍ଟା, ବସୁନ୍ଧରା ଯୋଜନାରେ ଘର ଡିହ ବଣ୍ଟନ, ଦୁଇଖାନା ସଂଶୋଧନ , ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା, ପାନୀୟ ଜଳ, ପାଇପ ଜଳ ଯୋଗାଣ ଯୋଜନା ଏବଂ ପରିମଳ, ବଜେଟ ଉନ୍ନତି, ଅଟଳ ପେନସନ ଯୋଜନା, ନୂତନ ରାସନ କାର୍ଡ ବଣ୍ଟନ, ସୁଭଦ୍ରା ଯୋଜନା, ହିତାଧିକାରୀ ମାନଙ୍କ ପାଇଁ ନୂତନ ରାସନ କାର୍ଡ, ଧାନ ସଂଗ୍ରହ, ପିଡିଏସ ର ଇ କେୟାସି, ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମାଗଣା ବିଜୁଳି ଯୋଜନା, ଆଦିବାସୀ ଛାତ୍ରଛାତ୍ରୀ ପାଇଁ ଖେଳ ପଡିଆ, ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ, ମୋ ପୋଖରୀ, ଆଦିବାସି ସଂସ୍କୃତି ଭବନ, ଆଦିବାସୀ ପିଲାଙ୍କ ପାଇଁ ଛାତ୍ର ।ବାସ, ଜଙ୍ଗଲ ଅଧିକାର, ନୂତନ ପ୍ରକଳ୍ପ ମଞ୍ଜୁର, ଛାତ୍ର ବୃତ୍ତି ବଣ୍ଟନ, ଉଦ୍ୟାନ କୃଷି କାର୍ଯ୍ୟାଳାପ, ପ୍ରଯୁକ୍ତି ବିଦ୍ୟା ର ପ୍ରଶିକ୍ଷଣ ଓ ବିଭିନ୍ନ ପ୍ରକଳ୍ପ ଉପରେ ସମୀକ୍ଷା କରିଥିଲେ । ପରେ ପରେ ହାଇଟେକ ସର୍ଭେ କାର୍ଯ୍ୟକ୍ରମ ର ସମୀକ୍ଷା କରିଥିଲେ । ସମୀକ୍ଷା ବୈଠକରେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ,,ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ବେହେରା, ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ,ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ,ବିଜେପି ଜିଲ୍ଲା ସଭାପତି ଅରୁଣ କୁମାର ସାହୁ, ଉପଜିଲ୍ଲାପାଳ ପରିକ୍ଷିତ ସାହୁ,ଡେପୁଟି କଲେକ୍ଟର ଲକ୍ଷ୍ମଣ କୁମାର ଅମାତ୍ ଓ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ଓ ସମସ୍ତ ତହସିଲ ର ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ । ପରେ ମନ୍ତ୍ରୀ ଜନସାଧାରଣ ଙ୍କ ଠାରୁ ଅଭିଯୋଗପତ୍ର ଗ୍ରହଣ କରିଥିଲେ। ଏହା ପରେ ଜିଲ୍ଲା ବିଜେପି ର କାର୍ଯ୍ୟକର୍ତ୍ତା ଙ୍କ ସହ ଦଳର ବିଭିନ୍ନ ପ୍ରସଙ୍ଗ ରେ ଆଲୋଚନା କରିଥିଲେ। ସେହିଭଳି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମ ଦିନ ଅବସରରେ ପାଳନ କରାଯାଉଥିବା ସେବା ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ର ସମୀକ୍ଷା କରିଥିଲେ।

## ପିକଅପ୍ ସହ ବାଇକ୍ ଦୁର୍ଘଟଣା, ଦୁଇ ଗୁରୁତର

କରଞ୍ଜିଆ, (ମହାଭାରତ) : ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ଗୋବରଯୋଡ଼ା ନଦୀ ପୋଲ ଉପରେ ସୋମବାର ଏକ ପିକଅପ୍ ଗାଡ଼ି ଓ ବାଇକ୍ ମଧ୍ୟରେ ସାମ୍ନା ସାମନୀ ଧକା ହେବାରୁ ଜଣେ ଗୁରୁତର ଓ ଅନ୍ୟ ଜଣେ ଆହତ ହୋଇଛନ୍ତି। ଦୁର୍ଘଟଣାରେ ବାଇକଟି ସମ୍ପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଆଜି ଅପରାହ୍ନ ପ୍ରାୟ ୧୨ଟା ୩୦ ମିନିଟ୍ ସମୟରେ ଶରତ ପଟୁ ଏକ ପିକଅପ୍ ଗାଡ଼ି ଠାକୁରମୁଣ୍ଡା ଅଭିମୁଖେ ଆସୁଥିଲା। ଏହି ସମୟରେ ଠାକୁରମୁଣ୍ଡା ପଟୁ ଏକ ବାଇକରେ ଦୁଇଜଣ ଯୁବକ ଦ୍ରୁତ ଗତିରେ ଯାଉଥିବା ବେଳେ ଗୋବରଯୋଡ଼ା ନଦୀ ପୋଲ ଉପରେ ବାଇକଟି ଭାରସାମ୍ୟ ହରାଇ ପିକଅପ୍ ଗାଡ଼ିକୁ ଧକ୍କା ଦେଇଥିଲା। ଫଳରେ ବାଇକରେ ଥିବା ଦୁଇଜଣ ରାସ୍ତା ଉପରେ ପଡ଼ି ଆହତ ହୋଇଥିଲେ। ଆହତମାନେ ହେଲେ ତରାମରା ପଞ୍ଚାୟତ ଅନ୍ତର୍ଗତ ଗୋବରଯୋଡ଼ା ଗ୍ରାମର କୁନା ବେହେରା (୩୦) ଏବଂ ଚମ୍ପାଝର ପଞ୍ଚାୟତ ଅନ୍ତର୍ଗତ କିରିକିଚିପାଳ ଗ୍ରାମର ଉତ୍ତମ ଦେହୁରୀ (୩୫)। ଉଭୟେ ଠାକୁରମୁଣ୍ଡାରୁ କାମ ସାରି କିରିକିଚିପାଳ ଗ୍ରାମକୁ ଫେରୁଥିବା ସମୟରେ ଏହି ଦୁର୍ଘଟଣା ଘଟିଥିବା ଜଣାଯାଇଛି। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ଉଭୟ ଆହତଙ୍କୁ ଉଦ୍ଧାର କରିଥିଲେ। ପରେ ଏକ ଅଟୋ ଯୋଗେ ସେମାନଙ୍କୁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଭର୍ତ୍ତି କରାଯାଇଥିଲା। ତେବେ କୁନା ବେହେରାଙ୍କ ଅବସ୍ଥା ଗୁରୁତର ଥିବାରୁ ଠାକୁରମୁଣ୍ଡା ମେଡିକାଲର ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଅଧିକ ଚିକିତ୍ସା ପାଇଁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପକ୍ଷରେ ଉତ୍ତମ ଦେହୁରୀଙ୍କ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ଚାଲିଛି। ଖବର ପାଇ ଠାକୁରମୁଣ୍ଡା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକ୍ ଓ ପିକଅପ୍ ଗାଡ଼ି ସମ୍ପର୍କରେ ତଦନ୍ତ କରିବା ସହ ଦୁର୍ଘଟଣାର ପ୍ରକୃତ କାରଣ ନେଇ ଅଧିକ ତଦନ୍ତ ଜାରି ରଖିଛି।

## କଙ୍ଗାରୁ କୋର୍ଟରେ ଯୁବକଙ୍କୁ ଦଣ୍ଡ, ଖୁଣ୍ଟରେ ବାନ୍ଧି ନିସ୍ତୁକ ମାଡ : ପୋଲିସର ତଦନ୍ତ



ପାରାଦ୍ୱୀପ, (ମହାଭାରତ) : ପାରାଦ୍ୱୀପ ଷଣ୍ଡକୁଦରେ ଦେଖିବାକୁ ମିଳୁଛି କଙ୍ଗାରୁ କୋର୍ଟରେ ଯୁବକଙ୍କୁ ଦଣ୍ଡ ବିଧାନ। ବସ୍ତି ଅଞ୍ଚଳରେ ବିଭିନ୍ନ ଘରୁ କଳାକନା ବୁଲାଉଥିବା ଅଭିଯୋଗରେ ଇଲେକ୍ଟ୍ରି ଖୁଣ୍ଟରେ ଯୁବକଙ୍କ ହାତ ଗୋଡ଼ ବାନ୍ଧି ମାରିଲେ ନିସ୍ତୁକ ମାଡ଼, ଖବର ପାଇ ଜଟାଧାର ସାମୁଦ୍ରିକ ଥାନା ପୋଲିସ ପହଞ୍ଚିବା ସହିତ ଯୁବକ କୁ ଉଦ୍ଧାର କରି ଥାନାକୁ ଆଣିବା ସହିତ ଘଟଣା ର ତଦନ୍ତ ଆରମ୍ଭ କରିଛି । ଆଜି ସକାଳୁ ଜଟାଧାର ସାମୁଦ୍ରିକ ଥାନା ପୋଲିସ ଅଧିନସ୍ତ ଷଣ୍ଢକୁଦ ବସ୍ତିରେ ଜଣେ ଯୁବକ କିଛି ଲୋକଙ୍କ ଘରେ ଚୋରି କରୁଥିବା ସମୟରେ ଉକ୍ତ ଯୁବକ କୁ କାବୁ କରିବା ସହିତ ଏକ ଇଲେକ୍ଟ୍ରି ଖୁଣ୍ଟରେ ବାନ୍ଧି ପକାଇଥିଲେ । ଏହି ଖବର ପାଇବା ପରେ କିଛିଦିନ ଭିତରେ ଷଣ୍ଢକୁଦ ବସ୍ତିରେ ବିଭିନ୍ନ ଲୋକଙ୍କ ଘରୁ ଏକାଧିକ ମୋବାଇଲ ଚୋରି ହୋଇଥିବା ନେଇ ଅଭିଯୋଗ ଆଣିବା ସହିତ କିଛି ଯୁବକ ଉକ୍ତ ଯୁବକ କୁ ନିସ୍ତୁକ ଭାବରେ ମାଡ଼ ମାରିଥିବା ର ଭିଡିଓ ସୋସିଆଲ ମିଡିଆରେ ଭାଇରଲ ହେଉଛି । କେବଳ ଚୋରି ନୁହେଁ ବସ୍ତିରେ କିଛି ଘରୁ ମହିଳା ମାନଙ୍କ ବସ୍ତ୍ର ଆଣି ପୋଡ଼ିଦେବା ସହିତ ଜଣେ ମହିଳା ଙ୍କୁ ଅଶ୍ଳୀଳ ଇଙ୍ଗିତ କରୁଥିବା ନେଇ ସ୍ଥାନୀୟ କିଛି ଲୋକ ପ୍ରକାଶ କରିଛନ୍ତି । ତେବେ ପ୍ରକୃତ ଘଟଣା କଣ ଓ କଣ ପାଇଁ ଉକ୍ତ ଯୁବକ କୁ ଖୁଣ୍ଟ ରେ ବାନ୍ଧି ମାଡ଼ ମରାଯାଇଛି, ତାହା ପୋଲିସ ର ତଦନ୍ତ ପରେ ସ୍ପଷ୍ଟ ହେବ, ହେଲେ ଚୋରି ଅଭିଯୋଗ ରେ ଉକ୍ତ ଯୁବକ କୁ ପୋଲିସ ର ଜିମା ଦେବା ବଦଳରେ ହାତ, ଗୋଡ଼ ବାନ୍ଧି ମାଡ଼ ମାରିବା ଓ ଆଇନ କୁ ହାତକୁ ନେବା ଘଟଣା ସ୍ଥାନୀୟ ଅଞ୍ଚଳ ରେ ଆଲୋଚନା ର କେନ୍ଦ୍ରବିନ୍ଦୁ ପାଲଟିଛି ।

## ଦୁଇ ଟ୍ରାନ୍ସଫର୍ମର ଚୋରଙ୍କୁ କାବୁ କଲେ ଗ୍ରାମବାସୀ

ଦଶପଲ୍ଲା,(ମହାଭାରତ): ଦଶପଲ୍ଲା ଓ ଗଣିଆ ବ୍ଲକର ବିଭିନ୍ନ ଉପାନ୍ତ ଅଞ୍ଚଳରେ ଟ୍ରାନ୍ସଫର୍ମର ଚୋରି କରି ଆତଙ୍କ ଖେଳାଇଥିବା ଦୁଇ ଚୋରଙ୍କୁ ସ୍ଥାନୀୟ ଲୋକେ କାବୁ କରି ପୁଲିସ ଜିମା ଦେଇଛନ୍ତି। ସୂଚନା ଅନୁସାରେ, ଗତକାଲି ବିଳମ୍ବିତ ରାତିରେ ଦଶପଲ୍ଲା ବ୍ଲକ୍ ଅନ୍ତର୍ଗତ ଘୁଗୁଡ଼ିପଡ଼ା ପଞ୍ଚାୟତର କାତପଲ୍ଲୀ ଗ୍ରାମରେ ଲାଗିଥିବା ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମରକୁ ଦୁଇ ଜଣ ଦୁର୍ବୃତ୍ତ ଚୋରି କରିବାକୁ ଉଦ୍ୟମ କରୁଥିଲେ। ଏହା ଦେଖି କିଛି ସ୍ଥାନୀୟ ଗ୍ରାମବାସୀ କୌଶଳ ପ୍ରୟୋଗ କରି ସେମାନଙ୍କୁ ଘଟଣାସ୍ଥଳରୁ କାବୁ କରିନେଇଥିଲେ। ପରେ ସେହି ରାସ୍ତା ଦେଇ ପାଟ୍ରୋଲିଂ କରୁଥିବା ପୁଲିସ ଗାଡ଼ିକୁ ଦେଖି ଉଭୟ ଚୋରଙ୍କୁ ତାଙ୍କ ହାତରେ ଅର୍ପଣ କରାଯାଇଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ଗଣିଆ ଥାନା ଅଧୀନ ରାଉତଡ଼ିଆ ଗ୍ରାମର ବୁଲୁ ଧଳ (୩୦) ଏବଂ ବଗଲା ଓରଫ୍ ମାଙ୍ଗେତା ଛୋଉ (୨୪)। ଏମାନେ ବହୁଦିନ ହେଲା ବିଭିନ୍ନ ଉପାନ୍ତ ଗ୍ରାମରୁ ଟ୍ରାନ୍ସଫର୍ମର ଚୋରି କରୁଥିବା ସ୍ୱୀକାର କରିଛନ୍ତି। ପୂର୍ବରୁ ଚଢ଼େୟାପଲ୍ଲୀ ଓ ଘୁଗୁଡ଼ିପଡ଼ା ଆଦି ପଞ୍ଚାୟତରୁ ଟ୍ରାନ୍ସଫର୍ମର ଚୋରି ନେଇ ଦଶପଲ୍ଲା, ବାଣୀଗୋଛା ଏବଂ ଗଣିଆ ଥାନାରେ ମଧ୍ୟ ଅଭିଯୋଗ ହୋଇଥିଲା। ପୁଲିସ ପଚରାଉଚରା ବେଳେ ଜଣାପଡ଼ିଛି ଯେ, ରାତାରାତି ଧନୀ ହେବା ନିଶାରେ ଏହି ଦୁର୍ବୃତ୍ତମାନେ ଟ୍ରାନ୍ସଫର୍ମର ଭାଙ୍ଗି ସେଥିରୁ ବାହାରୁଥିବା ମୂଲ୍ୟବାନ ତମ୍ବା ତାର ଓ ଅନ୍ୟାନ୍ୟ ଯନ୍ତ୍ରାଂଶକୁ ହଜାର ହଜାର ଟଙ୍କାରେ ବାହାରେ ବିକ୍ରି କରୁଥିଲେ। ଆଜି ପୁଲିସ ଉଭୟ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।




## ଗୁରାଣ୍ଡିରେ ବିଶ୍ୱ ଆଲ୍‌ଜାଇମର୍ସ ଦିବସ ପାଳିତ

ଗୁରାଣ୍ଡି, (ମହାଭାରତ): ସେଣ୍ଟୁରିଅନ୍ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ (ଉଟଞ୍ଜଗ)ର ସ୍କୁଲ୍ ଅଫ୍ ନର୍ସିଂ ପକ୍ଷରୁ ୨୧ ଅଗଷ୍ଟ ତାରିଖରେ ଗୁରାଣ୍ଡି ଠାରେ ବିଶ୍ୱ ଆଲ୍‌ଜାଇମର୍ସ ଦିବସ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ଥିମ୍ ଥିଲା "ଆଲ୍‌ଜାଇମର୍ସ ପ୍ରତିରୋଧ"। ସମୁଦାୟ ମଧ୍ୟରେ ଆଲ୍‌ଜାଇମର୍ସ ରୋଗ, ଏହାର ପ୍ରତିରୋଧ, ପ୍ରାରମ୍ଭିକ ଲକ୍ଷଣ ଏବଂ ସୁସ୍ଥ ଜୀବନଶୈଳୀ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି କାର୍ଯ୍ୟକ୍ରମକୁ ସ୍କୁଲ୍ ଅଫ୍ ନର୍ସିଂର ଅଧ୍ୟାପିକା ଝଙ୍ଗରଣ୍ୱଷବ ଗବଜ୍ଞ ଏବଂ ଗବୟଷଙ୍କଣ୍ୱସଜ୍ଞବ ଗବଜ୍ଞ ସମନ୍ୱୟ କରିଥିଲେ। ଉଟଞ୍ଜଗର ଇ.ଝମ. ଘଙ୍କଣ୍ୱସଭଶ ୫ମ ସେମିଷ୍ଟର ଛାତ୍ରଛାତ୍ରୀମାନେ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ପୋଷ୍ଟର ପ୍ରଦର୍ଶନ, ପାମ୍ଫ୍ଲେଟ୍ ବଣ୍ଟନ ଏବଂ ଆଲ୍‌ଜାଇମର୍ସ ପ୍ରତିରୋଧ ଉପରେ ସ୍ୱାସ୍ଥ୍ୟ ଶିକ୍ଷା ଆୟୋଜନ କରାଯାଇଥିଲା। ଏହି ମାଧ୍ୟମରେ ଛାତ୍ରଛାତ୍ରୀମାନେ ଆଲ୍‌ଜାଇମର୍ସ ରୋଗ, ଏହାର ପ୍ରାରମ୍ଭିକ ଲକ୍ଷଣ, ସୁସ୍ଥ ଜୀବନଶୈଳୀ, ମାନସିକ ଓ ଶାରୀରିକ କାର୍ଯ୍ୟକଳାପ ଏବଂ ବୟସ୍କ ବ୍ୟକ୍ତିମାନଙ୍କ ପାଇଁ ସାମାଜିକ ସମର୍ଥନ ଓ ଯତ୍ନର ଗୁରୁତ୍ୱ ବିଷୟରେ ସଚେତନ କରିଥିଲେ। ସ୍ୱାସ୍ଥ୍ୟ ଶିକ୍ଷା ମାଧ୍ୟମରେ ସମୁଦାୟର ଲୋକମାନେ ଆଲ୍‌ଜାଇମର୍ସର ପ୍ରାରମ୍ଭିକ ଲକ୍ଷଣ ଚିହ୍ନଟ କରିବା ଏବଂ ଆବଶ୍ୟକ ସମୟରେ ଉପଯୁକ୍ତ ସ୍ୱାସ୍ଥ୍ୟସେବା ନେବାର ଗୁରୁତ୍ୱ ବୁଝିପାରିଥିଲେ। ପୋଷ୍ଟର ଓ ପାମ୍ଫ୍ଲେଟ୍ ମାଧ୍ୟମରେ ସୂଚନାଗୁଡ଼ିକୁ ସରଳ, ଆକର୍ଷଣୀୟ ଏବଂ ସହଜରେ ବୁଝିବା ଭଳି ଭାବରେ ପ୍ରସ୍ତୁତ କରାଯାଇଥିଲା।

## ଆଲୋକୀକରଣ ଅବ୍ୟବସ୍ଥା ସମ୍ପର୍କରେ ଦାବିପତ୍ର

ଦଶପଲ୍ଲା, (ମହାଭାରତ): ଦଶପଲ୍ଲା ଏନଏସିରେ ଦିନକୁ ଦିନ ବିଦ୍ୟୁତ୍ ସେବା କ୍ଷେତ୍ରରେ ବିଚିତ୍ର ଦୃଶ୍ୟମାନ ଦେଖିବାକୁ ମିଳୁଛି। କେଉଁଠି କେତେବେଳେ ସନ୍ଧ୍ୟାରେ ଲାଇଟ୍ ଜଳୁନି ତ, ଆଉ କେଉଁଠି ମଧ୍ୟାହ୍ନରେ ଲାଇଟ୍ ଜଳୁଥିବାର ଦେଖିବାକୁ ମିଳୁଛି । ତେବେ ୭/୮ ବର୍ଷ ରୁ ଉର୍ଦ୍ଧ ଲାଇଟ ଗୁଡିକ ପ୍ରାୟ ନଷ୍ଟ ହୋଇଗଲାଣି। ସେଥିପାଇଁ ଅନେକ ଲାଇଟ ବନ୍ଦ ରହିବା ସ୍ୱାଭାବିକ। ଏଥିପାଇଁ ବିଭାଗ ତରଫରୁ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଅଭିଯୋଗ ହୋଇଛି। ଦଶପଲ୍ଲା ଏନ ଏ ସି ଟି ପଶ୍ଚିମ ଓଡିଶା କୁ ସଂଯୋଗ କରୁଥିବା ଏକ ମୁଖ୍ୟ ପେଣ୍ଠସ୍ଥଳ ହୋଇଥିବା ବେଳେ ଆଲୋକୀକରଣ ବ୍ୟବସ୍ଥା ସଠିକ ନ ରହିବା ଏକ ନିନ୍ଦନୀୟ କଥା। ତେବେ ଏ ନେଇ ଏନ ଏ ସି ର କେତେଜଣ କାଉନ ସିଲର ସୋମବାର ଦିନ ଏକ ଲିଖିତ ଦରଖାସ୍ତ ଏନ ଏ ସି କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତି ଙ୍କୁ ପ୍ରଦାନ କରିଛନ୍ତି।

## କୁରୁଣ୍ଟି ରାଧାମାଧବ ବିଦ୍ୟାଳୟରେ 'ସେବା ସଂକଳ୍ପ ଅଭିଯାନ-୨୦୨୬'



ବାରଙ୍ଗ, (ମହାଭାରତ): ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ 'ସେବା ସଂକଳ୍ପ ଅଭିଯାନ-୨୦୨୬'ର ଅଂଶବିଶେଷ ଭାବେ ବାରଙ୍ଗ ବ୍ଲକ ଶିକ୍ଷା ମଣ୍ଡଳ ଅଧୀନସ୍ଥ କୁରୁଣ୍ଟି ରାଧାମାଧବ ବିଦ୍ୟାଳୟରେ ଗତ ଶନିବାର ଦିନ ଏକ ବିଶେଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସରକାରୀ ନିର୍ଦ୍ଦେଶାନୁଯାୟୀ, ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୧୭, ୨୦୨୬ ପର୍ଯ୍ୟନ୍ତ ସମଗ୍ର ରାଜ୍ୟରେ ଏହି ଅଭିଯାନ ପାଳନ କରାଯାଉଛି । ଏହାର ଅଂଶ ଭାବେ ବିଦ୍ୟାଳୟସ୍ତରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବର୍ଗଭିତ୍ତିକ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା ଆୟୋଜନ ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ରହିଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ସତ୍ୟଭାମା ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନିମନ୍ତ୍ରିତ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ଛାତ୍ରଛାତ୍ରୀମାନେ ସ୍ୱାଗତ ଓ ସମ୍ମାନିତ କରିଥିଲେ। ପରେ ପ୍ରଦୀପ ପ୍ରଜ୍ୱଳନ ମାଧ୍ୟମରେ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା । ଏଥିରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରଦୀପ୍ତ କୁମାର ଦାଶ,ଉପ-ସଭାପତି ରଶ୍ମିତା ଭୋଇଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଓ ସଦସ୍ୟା, ନିମନ୍ତ୍ରିତ ଅତିଥି ତଥା ଶିକ୍ଷାବିତ୍ ପ୍ରବୋଧ କୁମାର ମହାପାତ୍ର, ସୁବାସ ଚନ୍ଦ୍ର ବେହେରା, ଜ୍ୟୋତି ରଞ୍ଜନ ବିଶ୍ୱାଳ, ପ୍ରଭାତ କୁମାର ଭୋଇ, ବିଜୟ କୁମାର ଜେନା, ବ୍ରାହ୍ମଣଝରିଲୋ ସିଆରସିସି ସୁରେଶ ଚନ୍ଦ୍ର ଦାସ ଏବଂ ଅନ୍ଧୋଟି ସିଆରସିସି ତଥା ରାଧାମାଧବ ବିଦ୍ୟାଳୟର ପୂର୍ବତନ ଶିକ୍ଷକ ପ୍ରଦ୍ୟୁମ୍ନ କୁମାର ଦାଶ ଯୋଗଦେଇଥିଲେ । ଏହି ଅବସରରେ 'ମୋ ସ୍ୱପ୍ନର ଭାରତ' ଶୀର୍ଷକରେ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଛାତ୍ରଛାତ୍ରୀମାନେ ଉତ୍ସାହର ସହ ଏଥିରେ ଅଂଶଗ୍ରହଣ କରି ନିଜ ଚିନ୍ତାଧାରା ଓ ସ୍ୱପ୍ନର ଭାରତ ସମ୍ପର୍କରେ ମତ ରଖିଥିଲେ। ପ୍ରତିଯୋଗିତା ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ବକ୍ତୃତା ଦକ୍ଷତା, ଆତ୍ମବିଶ୍ୱାସ ଓ ସୃଜନଶୀଳ ଚିନ୍ତନର ପରିପ୍ରକାଶ ଘଟିଥିଲା ।ଏହି ଅବସରରେ ଶିକ୍ଷାବିତ୍ ପ୍ରବୋଧ କୁମାର ମହାପାତ୍ର କହିଥିଲେ ଯେ, ଏଭଳି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ମନରେ ଦେଶପ୍ରେମ, ସାମାଜିକ ଦାୟିତ୍ୱବୋଧ ଓ ସୃଜନଶୀଳ ଚିନ୍ତନର ବିକାଶ ଦିଗରେ ଏକ ଉଲ୍ଲେଖନୀୟ ପ୍ରୟାସ । ଏହା ଛାତ୍ରଛାତ୍ରୀଙ୍କୁ ନିଜ ସ୍ୱପ୍ନ ଓ ଭବିଷ୍ୟତ ଭାରତ ସମ୍ପର୍କରେ ଚିନ୍ତା କରିବା ସହ ନିଜ ଦାୟିତ୍ୱ ପ୍ରତି ସଚେତନ ହେବାର ସୁଯୋଗ ଦେଇଥାଏ। ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କୁ ନିମନ୍ତ୍ରିତ ଅତିଥି ଓ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ଅଭିଭାବକ, ଛାତ୍ରଛାତ୍ରୀ ଓ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ଉପସ୍ଥିତ ରହି ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କ ସହଯୋଗରେ ସମଗ୍ର କାର୍ଯ୍ୟକ୍ରମ ସୁଚାରୁ ରୂପେ ପରିଚାଳିତ ହୋଇଥିଲା।

# ମଦ ବନ୍ଦ ଦାବିରେ ଅବକାରୀ ଅଫିସରେ ୩୦୦ରୁ ଊର୍ଦ୍ଧ୍ୱ ମହିଳାଙ୍କ ଦାବିପତ୍ର ବନ୍ଦ ନ ହେଲେ ରାଜରାସ୍ତା ଅବରୋଧ ଚେତାବନୀ



ଉମରକୋଟ, (ମହାଭାରତ) : ଗାଁ ଗାଁରେ ଚାଲିଥିବା ଦେଶୀ ଓ ବିଦେଶୀ ମଦ ବିକ୍ରି ଏବଂ ମଦ୍ୟପାନ ବନ୍ଦ କରିବା ଦାବିରେ ଝରୀଗାଁ ବ୍ଲକ ପଲିଆ ଗ୍ରାମପଞ୍ଚାୟତ ଅଞ୍ଚଳର ୩୦୦ରୁ ଊର୍ଦ୍ଧ୍ୱ ମହିଳା ଆଜି ଅବକାରୀ ବିଭାଗ କାର୍ଯ୍ୟାଳୟରେ ପହଞ୍ଚି ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଅଞ୍ଚଳରେ ଅବାଧ ମଦ ବିକ୍ରି ଯୋଗୁଁ ପରିବାରିକ ଅଶାନ୍ତି, ଆର୍ଥିକ ସମସ୍ୟା ଓ ସାମାଜିକ ବିଶୃଙ୍ଖଳା ବଢ଼ୁଥିବା ଅଭିଯୋଗ କରି ମଦ ବିକ୍ରି ଉପରେ ତୁରନ୍ତ ରୋକ୍? ଲଗାଇବାକୁ ମହିଳାମାନେ ଦାବି କରିଛନ୍ତି। ମହିଳାମାନଙ୍କ ପକ୍ଷରୁ ଦିଆଯାଇଥିବା ଦାବିପତ୍ରରେ ଦର୍ଶାଯାଇଛି ଯେ, ପଲିଆ ଗ୍ରାମପଞ୍ଚାୟତ ଅଧୀନ ପଲିଆ, କାନ୍ଦଗୁଡ଼ା, ପୂଜାରୀଗୁଡ଼ା, ମୋଟିଗାନ୍ଧୀଗୁଡ଼ା, ବେଲଝରି, ସତୀଘାଟ, ଚେପିଆମ୍ବ, ଟିପାଗୁଡ଼ା, ଡେପଗୁଡ଼ା, ସୋଲଗୁଡ଼ା, କଙ୍କଡ଼ାକନାରୀ ଓ ବାସୁଦେବଗୁଡ଼ା ଆଦି ଗାଁରେ ବେଆଇନ ଭାବେ ଦେଶୀ ମଦ ପ୍ରସ୍ତୁତ ଓ ବିକ୍ରି ହେଉଥିବା ଅଭିଯୋଗ ରହିଛି। କେତେକ ସ୍ଥାନରେ ଅଧିକ ମାତ୍ରାରେ ମଦ ରାନ୍ଧି ବିକ୍ରି କରାଯାଉଥିବାରୁ ଗାଁର ପରିବେଶ ପ୍ରଭାବିତ ହେଉଥିବା ମହିଳାମାନେ କହିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, କମ୍? ବୟସର ପିଲାଙ୍କଠାରୁ ଆରମ୍ଭ କରି ବୟସ୍କ ପର୍ଯ୍ୟନ୍ତ ଅନେକ ବ୍ୟକ୍ତି ନିୟମିତ ମଦ୍ୟପାନ କରୁଛନ୍ତି। ଏହାର ପ୍ରଭାବରେ ଯୁବପିଢ଼ିଙ୍କ ଭବିଷ୍ୟତ ନଷ୍ଟ ହେବା ସହ ଅନେକ ପରିବାରରେ ଅଶାନ୍ତି ସୃଷ୍ଟି ହେଉଥିବା ସେମାନେ ଅଭିଯୋଗ କରିଛନ୍ତି। ମଦ୍ୟପାନ ଯୋଗୁଁ ଲୋକଙ୍କ ମଧ୍ୟରେ ବିଭିନ୍ନ ଅପ୍ରୀତିକର ଘଟଣା ଘଟୁଥିବା ଏବଂ ପରିବାରର ଆୟର ଏକ ବଡ଼ ଅଂଶ ମଦ ପଛରେ ଖର୍ଚ୍ଚ ହେଉଥିବାରୁ ମହିଳାମାନେ ଚିନ୍ତା ପ୍ରକାଶ କରିଛନ୍ତି।

ମଦ ବିକ୍ରି ବନ୍ଦ କରିବା ସହ ବେଆଇନ ଭାବେ ମଦ ପ୍ରସ୍ତୁତ କରୁଥିବା ଓ ବିକ୍ରି କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଅବକାରୀ ବିଭାଗ ନିୟମିତ ଚଢ଼ଉ କରି ଆଇନାନୁଯାୟୀ କାର୍ଯ୍ୟାନୁଷ୍ଠାନ ନେଉ ବୋଲି ମହିଳାମାନେ ଦାବି କରିଛନ୍ତି। ଏହି ଦାବି ନେଇ ପଲିଆ ପଞ୍ଚାୟତର ବିଭିନ୍ନ ଗାଁରୁ ହାରାହାରି ୩୦୦ରୁ ଊର୍ଦ୍ଧ୍ୱ ମହିଳା ଏକାଠି ହୋଇ ଅବକାରୀ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ମଦ ବିକ୍ରି ଉପରେ ତୁରନ୍ତ ରୋକ୍? ନ ଲାଗିଲେ ଆଗାମୀ ଦିନରେ ମହିଳାମାନେ ଏକଜୁଟ ହୋଇ ରାଜରାସ୍ତାକୁ ଓହ୍ଲାଇବା ସହ ରାଜରାସ୍ତା ଅବରୋଧ କରିବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି। ମହିଳାମାନଙ୍କ ଏହି ଅଭିଯୋଗ ଓ ଦାବି ଉପରେ ଅବକାରୀ ବିଭାଗ ପକ୍ଷରୁ କି ପଦକ୍ଷେପ ନିଆଯାଉଛି, ତାହା ଉପରେ ଏବେ ଅଞ୍ଚଳବାସୀଙ୍କ ନଜର ରହିଛି।

## ଜେଏସଡବ୍ଲୁ ବିରୋଧରେ ଏରସମା ବ୍ଲକ କଂଗ୍ରେସର ୧୦ ଦଫା ଦାବି




ଏରସମା, (ମହାଭାରତ) : ଏରସମା ବ୍ଲକରେ ଶିଳ୍ପାୟନ ଓ ସ୍ଥାନୀୟ ଲୋକଙ୍କ ଅଧିକାରକୁ ନେଇ ଉଠିଛି ଦାବି। ଜେଏସଡବ୍ଲୁ କମ୍ପାନୀ ଏବଂ ପ୍ରସ୍ତାବିତ ହାଜାର୍ଡସ୍ ସିମେଣ୍ଟ ପ୍ଲାଣ୍ଟକୁ ନେଇ ୧୦ ଦଫା ଦାବି ଉଠାଇଛି ଏରସମା ବ୍ଲକ କଂଗ୍ରେସ କମିଟି। ଏନେଇ ଜିଲ୍ଲାପାଳଙ୍କୁ ତହସିଲଦାରଙ୍କ ଜରିଆରେ ଦିଆଯାଇଛି ସ୍ମାରକପତ୍ର। ଏରସମା ବ୍ଲକର ଢିଙ୍କିଆ, ଗଡକୁଜଙ୍ଗ ଓ ନୂଆଗାଁ ସମେତ ୨୫ଟି ପଞ୍ଚାୟତର ଜମି, ଜଙ୍ଗଲ ଓ ପ୍ରାକୃତିକ ସମ୍ପଦ ସୁରକ୍ଷା ଦାବି କରିଛି କଂଗ୍ରେସ।ସ୍ଥାନୀୟ ଶିକ୍ଷିତ ଯୁବକ-ଯୁବତୀଙ୍କ ପାଇଁ ଜେଏସଡବ୍ଲୁରେ ୭୫ ପ୍ରତିଶତ ସ୍ଥାନୀୟ ନିଯୁକ୍ତି ସଂରକ୍ଷଣ, ଜମି ହରାଇଥିବା ପରିବାରଙ୍କୁ ନିଯୁକ୍ତି ଓ ଉପଯୁକ୍ତ ଥଇଥାନ ଦାବି ରହିଛି। ଗ୍ରାମସଭାର ଅନୁମୋଦନ ବିନା ଜଙ୍ଗଲ ଜମି ଅଧିଗ୍ରହଣ ନକରିବା, ଫରେଷ୍ଟ ରାଇଟ୍ସ ଆକ୍ଟ କାର୍ଯ୍ୟକାରୀ କରିବା, ଭୂତଳ ଜଳ ଉତ୍ତୋଳନ ଉପରେ ନିୟନ୍ତ୍ରଣ ଏବଂ ପାରମ୍ପରିକ ମତ୍ସ୍ୟଜୀବୀଙ୍କ ସୁରକ୍ଷା ଦାବି କରାଯାଇଛି।ଏହି ଦାବିକୁ ନେଇ ଏରସମା ବ୍ଲକ ସଭାପତି ପିନାକୀ ନାରାୟଣ ଦାସ, କଂଗ୍ରେସ ନେତା ନଳିନୀ କୁମାର ସ୍ୱାଇଁ, ବାଲିକୁଦା ଏରସମା କଂଗ୍ରେସ ନେତା ତଥା ବରିଷ୍ଠ ଆଇନଜୀବୀ ଡ଼ ସୁଶାନ୍ତ କାନୁନଗୋଙ୍କ ସମେତ ୨୫ଟି ପଞ୍ଚାୟତରୁ କଂଗ୍ରେସ କର୍ମୀମାନେ ଉପସ୍ଥିତ ଥିଲେ। ୨୫ଟି ପଞ୍ଚାୟତରେ ରାସ୍ତା, ଡ୍ରେନେଜ୍, ସ୍କୁଲ ଓ କଲେଜ ଭଳି ମୌଳିକ ଭିତ୍ତିଭୂମିର ବିକାଶ ସହ ପ୍ରସ୍ତାବିତ ହାଜାର୍ଡସ୍ ସିମେଣ୍ଟ ପ୍ଲାଣ୍ଟକୁ ଅନୁମତି ନଦେବାକୁ ମଧ୍ୟ ଦାବି ରହିଛି। ଜନପ୍ରତିନିଧିଙ୍କ ସହ ଆଲୋଚନା ଓ ସଂଳାପ ମାଧ୍ୟମରେ ଦାବିଗୁଡ଼ିକର ସମାଧାନ ପାଇଁ ପ୍ରଶାସନକୁ ଏରସମା ବ୍ଲକ କଂଗ୍ରେସ କମିଟି ଅନୁରୋଧ କରିଛି।

## ସ୍ୱତନ୍ତ୍ର ସଘନ ସଂଶୋଧନ : ୧୦୧ ପାରାଦୀପ ନିର୍ବାଚନ ମଣ୍ଡଳୀ ଅନ୍ତିମ ଭୋଟର ତାଲିକା ପ୍ରକାଶ




ପାରାଦୀପ, (ମହାଭାରତ) : ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାରେ ୧୦୧ ପାରାଦୀପ ନିର୍ବାଚନ ମଣ୍ଡଳୀର ଅନ୍ତିମ ଭୋଟର ତାଲିକା ପ୍ରକାଶିତ ହୋଇଛି । ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ତଥା ଇଆରଓ ୧୦୧ ପାରାଦୀପ ନିରଞ୍ଜନ ବେହେରାଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ କୁଜଙ୍ଗ ତହସିଲଦାର, ବିଡ଼ିଓ, ଏବିଡିଓ, ପୌର ନିର୍ବାହୀ ଅଧିକାରୀ, ସମସ୍ତ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧି ମାନେ ଉପସ୍ଥିତ ଥିଲେ । ଏଥିରେ ଭୋଟର ତାଲିକା ସଂଶୋଧନ କରାଯାଇ ପାରାଦୀପ ନିର୍ବାଚନ ମଣ୍ଡଳୀର ୨ ଲକ୍ଷ ୧୯ ହଜାର ୨୩୪ ଭୋଟରଙ୍କ ମଧ୍ୟରେ ସଂଶୋଧନ କରାଯାଇ ୨ ଲକ୍ଷ ୫୯୬ ଚୂଡ଼ାନ୍ତ ଭୋଟର ରହିଥିବା ବିଜ୍ଞପ୍ତି ପ୍ରକାଶ ପାଇଥିଲା ।

## ବେନଗାଁ-ଖମାରିରେ ଧୂମଧାମରେ ଗଣେଶ ବିସର୍ଜନ



ଲାଞ୍ଜିଗଡ, (ମହାଭାରତ) : ଲାଞ୍ଜିଗଡ ବ୍ଲକ ଅଞ୍ଚଳର ବେନଗାଁ ଓ ଖମାରି ଗ୍ରାମରେ ଗଣେଶ ପୂଜା ଅବସରରେ ଆୟୋଜିତ ବିସର୍ଜନ ଉତ୍ସବ ଧୂମଧାମରେ ପାଳିତ ହୋଇଯାଇଛି। ପୂଜା କମିଟି ପକ୍ଷରୁ ଶ୍ରଦ୍ଧା ଓ ଉତ୍ସାହର ସହ ଗଣେଶଙ୍କ ପୂଜାର୍ଚ୍ଚନା କରାଯିବା ପରେ ବିଧିବିଧାନ ଅନୁଯାୟୀ ଭଗବାନ ଗଣେଶଙ୍କ ବିସର୍ଜନ କରାଯାଇଥିଲା।ବିସର୍ଜନ ଅବସରରେ ଗ୍ରାମରେ ଏକ ଭବ୍ୟ ଶୋଭାଯାତ୍ରା ବାହାରିଥିଲା। ଶୋଭା ଯାତ୍ରାରେ ଯୁବକ, ମହିଳା, ଶିଶୁ ଓ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ସାମିଲ ହୋଇ ଗଣପତି ବାପ୍ପାଙ୍କ ଜୟଧ୍ୱନି ଦେଇଥିଲେ। ଢୋଲ, ବାଦ୍ୟ ଓ ବିଭିନ୍ନ ବାଜାର ତାଳେ ତାଳେ ଯୁବକମାନେ ନୃତ୍ୟ କରି ଉତ୍ସବକୁ ଆହୁରି ଆକର୍ଷଣୀୟ କରିଥିଲେ। ଫଳରେ ସମଗ୍ର ଅଞ୍ଚଳ ଉତ୍ସବମୁଖର ହୋଇଉଠିଥିଲା।ଏହି ବିସର୍ଜନ ଉତ୍ସବରେ ବେନଗାଁ କାଟାପା ମଣ୍ଟୁ ସାହୁ ସମେତ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଯୁବକ ଓ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ସମସ୍ତେ ଏକତ୍ରିତ ହୋଇ ଗଣେଶଙ୍କୁ ଶ୍ରଦ୍ଧାର ସହ ବିଦାୟ ଦେଇଥିଲେ। ପୂଜା କମିଟିର ସଦସ୍ୟମାନେ ବିସର୍ଜନ କାର୍ଯ୍ୟକ୍ରମକୁ ସୁଚାରୁ ଭାବେ ସମ୍ପନ୍ନ କରିବାରେ ସହଯୋଗ କରିଥିଲେ। ଗଣେଶ ପୂଜା ଓ ବିସର୍ଜନ ଉତ୍ସବ ମାଧ୍ୟମରେ ଗ୍ରାମବାସୀଙ୍କ ମଧ୍ୟରେ ଭାଇଚାରା, ଏକତା ଓ ସାମାଜିକ ସଦ୍ଭାବ ଆହୁରି ମଜବୁତ ହୋଇଥିବା ଦେଖିବାକୁ ମିଳିଥିଲା। ଶେଷରେ ଭକ୍ତିମୟ ପରିବେଶ ମଧ୍ୟରେ ଗଣେଶଙ୍କ ପ୍ରତିମାକୁ ବିସର୍ଜନ କରାଯାଇଥିଲା। ଆଗାମୀ ବର୍ଷ ପୁଣି ଅଧିକ ଉତ୍ସାହ ଓ ଆଡ଼ମ୍ବରରେ ଗଣେଶ ପୂଜା ପାଳନ କରିବା ପାଇଁ ଗ୍ରାମବାସୀ ଆଶା ପ୍ରକାଶ କରିଥିଲେ।

## ଟ୍ରକ୍ ଧକ୍କାରେ ୧୦ରୁ ଉର୍ଦ୍ଧ ଗୋରୁ ମୃତ୍ୟୁ

ଅନୁଗୋଳ, (ମହାଭାରତ ):ଅନୁଗୋଳ ଜିଲ୍ଲା ବଣ୍ଟରପାଳରୁ ଅନୁଗୋଳ ଦେଇ ଯାଇଥିବା ୫୫ ନମ୍ବର ଜାତୀୟ ରାଜପଥର କାଣ୍ଡସର ଜସ୍ମିନୀ ହୋଟେଲ ସମ୍ମୁଖରେ ଘଟିଛି ଏକ ହୃଦୟ ବିଦାରକ ସଡ଼କ ଦୁର୍ଘଟଣା। ଗତ ରାତି ପ୍ରାୟ ୩ଟା ସମୟରେ ଏକ ଟ୍ରକ୍? ଧକ୍କାରେ ଏକାଥରକେ ପ୍ରାୟ ୧୦ରୁ ଉର୍ଦ୍ଧ ଗୋରୁଙ୍କ ମୃତ୍ୟୁ ଘଟିଛି।ମୃତ ଗୋରୁଙ୍କ ମଧ୍ୟରେ ଏକାଧିକ ଗର୍ଭବତୀ ଥିବା ଜଣାପଡ଼ିଛି।ସକାଳେ ଘଟଣାସ୍ଥଳରେ ଗ୍ରାମବାସୀ ମୃତ ଗୋରୁ ମାନଙ୍କୁ ଦେଖି ନାଲକୋ ପୋଲିସକୁ ଖବର ଦେଇଥିଲେ। ପରେ କାଣ୍ଡସର ଗ୍ରାମବାସୀ, ନାଲକୋ ପୋଲିସ ଏବଂ ଗୋ ସେବକଙ୍କ ସହଯୋଗରେ ମୃତ ଗୋରୁଗୁଡ଼ିକୁ ଘଟଣାସ୍ଥଳରୁ ହଟାଇ ସମ୍ମାନର ସହ ପୋତି ଦିଆଯାଇଥିଲା। ଏହି ଘଟଣାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ନାଲକୋକୁ କୋଇଲା ପରିବହନ କରୁଥିବା କିଛି ଭାରୀଯାନ ନିର୍ଦ୍ଧାରିତ ସମୟ ପୂର୍ବରୁ ଚଳାଚଳ କରୁଥିବା ସହ ଦ୍ରୁତଗତି ଏବଂ ବେପରୁଆ ଗାଡି ଚାଳନା ଯୋଗୁଁ ଅନେକ ଧନଜୀବନ ନଷ୍ଟ ହେବାସହ ଘଟଣାରେ ପରିବାର ଉଜୁଡି ଯାଉଛି, କୁଳ ବୁଡି ଯାଉଛି ।

## ପ୍ରେସକ୍ଲବ୍ ପକ୍ଷରୁ ନୂତନ ଉପଜିଲ୍ଲାପାଳଙ୍କ ସହିତ ସାକ୍ଷାତକାର



ରେଢ଼ାଖୋଲ, (ମହାଭାରତ) : ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଉପଖଣ୍ଡ ପ୍ରେସ କ୍ଲବ୍ ପକ୍ଷରୁ ସୋମବାର ଦିନ ରେଢ଼ାଖୋଲ ଉପଜିଲ୍ଲାପାଳ ନୂତନ ଭାବେ ଯୋଗ ଦେଇଥିବା ଆଇଏଏସ୍ ଶ୍ରୀ ପଓ୍ୱନ କୁମାର ଙ୍କ ସହିତ ସ୍ୱଜନ୍ୟ ମୂଳକ ସାକ୍ଷାତକାର ହୋଇଯାଇଛି। ଏଥିରେ ସଂଘର ସଭାପତି ଶଙ୍କର ପୃଷ୍ଟି ଙ୍କ ନେତୃତ୍ୱରେ ଉକ୍ତ ସାକ୍ଷାତକାରରେ ସଂଘର ଅନ୍ୟ ସାମ୍ବାଦିକ ସଦସ୍ୟ ମାନେ ଉପସ୍ଥିତ ରହି ରେଢ଼ାଖୋଲ ଅଞ୍ଚଳର ବିଭିନ୍ନ ସମସ୍ୟା, ବିକାଶଧାରା, ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ ଶ୍ରୀ ପଓ୍ୱନ କୁମାରଙ୍କ ରେଢ଼ାଖୋଲରେ ତାଙ୍କର ଉପଜିଲ୍ଲାପାଳ ଭାବରେ ପ୍ରଥମ କାର୍ଯ୍ୟଭାର ଗ୍ରହଣ କରି ଅଞ୍ଚଳର ସାଧାରଣ ଲୋକଙ୍କ ସମସ୍ୟା ସମାଧାନ ଦିଗରେ ପ୍ରାଧାନ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ତ୍ୱରାନିତ କରାଯିବ ବୋଲି ପ୍ରତିକ୍ରିୟା ଦେଇଥିଲେ। ଏଥିରେ ସଂଘର ସମ୍ପାଦକ ତପନ କୁମାର ବିଶ୍ୱାଳ, କୋଷାଧ୍ୟକ୍ଷ ଯଶୋବନ୍ତ ନାରାୟଣ ସାହୁ, ବରିଷ୍ଠ ସାମ୍ବାଦିକ ଶରତ ପ୍ରଧାନ, ସୁଶାନ୍ତ କୁମାର ନାଗ, ଷଡ଼ାନନ ପ୍ରଧାନ, ଅନିଲ ପୃଷ୍ଟି, ସୁଧୀର ସୁନା, ଗଜାନନ ଭେସରା, ମଦନ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ।

## ବର୍ଷା ଯୋଗୁଁ ଫିକା ପଡିଲା ବିଶ୍ୱକର୍ମା ପୂଜା

ପାରାଦୀପ, (ମହାଭାରତ) : ପାରାଦୀପରେ ସପ୍ତାହ ବ୍ୟାପି ଚାଲିଥିବା ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ମହୋତ୍ସବର ପଞ୍ଚମ ଦିବସରେ ଲଘୁଚାପ ଜନିତ ବର୍ଷା ଯୋଗୁଁ ମହୋତ୍ସବ ଫିକା ପଡ଼ିଛି । ଗତ ଚାରିଦିନ ଧରି ମହୋତ୍ସବରେ ଲକ୍ଷାଧିକ ଜନସମାଗମ ହୋଇଥିବା ବେଳେ ଆଜି ମଧ୍ୟାହ୍ନରୁ ଲାଗି ରହିଥିବା ପ୍ରବଳ ବର୍ଷା ଯୋଗୁଁ ପୂଜା ଆୟୋଜକ ଏବଂ ବ୍ୟବସାୟୀ ମାନେ ଚିନ୍ତାରେ ପଡ଼ିଛନ୍ତି । ସେହିପରି ବର୍ଷା ଓ ପବନରେ ପାରାଦୀପ ପୋର୍ଟ ଆଣ୍ଡ ଡକ ମଜଦୁର ୟୁନିୟନ ର ଲାଇଟ ଗେଟ ଭାଙ୍ଗି ଗୋଟିଏ କାର ଉପରେ ପଡି ଚାପି ହୋଇଯାଇଥିବା ବେଳେ ଗାଡି ରେ ରହିଥିବା ଚାଳକ ଙ୍କ ସହିତ ତାଙ୍କର ପୁଅ ଥିବା ବେଳେ ଅଳ୍ପକେ ବର୍ତ୍ତୀ ଯାଇଛନ୍ତି । କାର ଟି ଚେପା ହୋଇଯିବା ସହିତ କାର ଭିତରେ ବାଉଁଶ ପଶିଯାଇଥିବା ଦେଖିବାକୁ ମିଳିଥିବା ବେଳେ ଦୁଇଟି ବାଇକ ମଧ୍ୟ ଆଂଶିକ ଭାଙ୍ଗିରୁଜି ଯାଇଥିବା ଦେଖିବାକୁ ମିଳିଛି । ଏହା ଯୋଗୁଁ ଗୋଟିଏ ପାର୍ଶ୍ୱ ରାସ୍ତା ଅବରୋଧ ହୋଇଥିବା ବେଳେ ପରିସ୍ଥିତି କୁ ଦେଖି ପାରାଦୀପ ଆଦର୍ଶ ଥାନା ପୋଲିସ ଓ ଅଗ୍ନିଶମ ବିଭାଗ ପହଞ୍ଚି କାର ଓ ବାଇକ ଗୁଡିକୁ ବାହାର କରିବା ସହିତ ଗେଟ ଟିକୁ କାଟି ରାସ୍ତା ପରିଷ୍କାର କରିଛନ୍ତି । ତେବେ ପରିସ୍ଥିତି କୁ ଦୃଷ୍ଟିରେ ରଖି ବହୁ ଆୟୋଜକ ମାନେ ସେମାନଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ କୁ ବାତିଲ କରିଛନ୍ତି ।



## ରାମଗିରିରେ ବ୍ଲକ ସ୍ତରୀୟ ସମାବେଶ




ପାରଳାଖେମୁଣ୍ଡି, (ମହାଭାରତ) : ଗଜପତି ଜିଲ୍ଲା ଆର୍.ଉଦୟଗିରି ବ୍ଲକର ରାମଗିରି ଉଚ୍ଚମାଧ୍ୟମିକ ବିଦ୍ୟାଳୟଠାରେ ବ୍ଲକ ସ୍ତରୀୟ ସମାବେଶ ହୋଇଥିଲା।ଉକ୍ତ ଅନୁଷ୍ଠାନର ଅଧ୍ୟକ୍ଷା ପ୍ରିୟଦର୍ଶିନୀ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାବେଶରେ ଆର୍.ଉଦୟଗିରି ଉପଖଣ୍ଡ ପୋଲିସ ଅଧିକାରୀ ରାକେଶ କୁମାର ସାହୁ ଆଇପିଏସ ମୁଖ୍ୟ ଅତିଥି ରୂପେ ଯୋଗଦାନ କରିଥିଲେ। ଅନ୍ୟାନ୍ୟ ଅତିଥି ମାନଂକ ମଧ୍ୟରେ ଜିଲ୍ଲା ଜୀବିକା ପ୍ରକଳ୍ପ ମିଶନର କାର୍ଯ୍ୟକ୍ରମ ପରିଚାଳିକା ଶିବାନୀ ପାଣିଗ୍ରାହୀ, ଆର୍.ଉଦୟଗିରି ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଲଳିତା ପୂଝାରୀ,ଆର୍ଥିକ ସାକ୍ଷରତା ସମ୍ବନ୍ଧୀୟ ସମ୍ବଳ ଅତିଥି ଗାୟତ୍ରୀ ପଟ୍ଟନାୟକ,ମହିଳା ସମାଜସେବୀ ନିର୍ମଳା ପଟ୍ଟନାୟକ ମଂଚାସୀନ ଥିଲେ। ମୁଖ୍ୟ ଅତିଥି ହିଂସା ପରିହାର କରି ସମାଜର ମୁଖ୍ୟସ୍ରୋତରେ ଯୁବଗୋଷ୍ଠୀ ସାମିଲ ହେବାପାଇଁ ପରାମର୍ଶ ଦେଇଥିଲେ।ସ୍ଥାନୀୟ ସମ୍ବଳର ଉପଯୋଗ ଦ୍ୱାରା ସେମାନେ ଆତ୍ମନିର୍ଭରଶୀଳ ହେବାପାଇଁ ସଂକଳ୍ପବଦ୍ଧ ହେବାପାଇଁ କହିଥିଲେ। ଯାହାଦ୍ୱାରା ପ୍ରତ୍ୟେକ ଗ୍ରାମରେ ସମସ୍ତେ ଶୃଂଖଳିତ ଜୀବନଯାପନ କରିବାସହ ଭାଇଚାରା ସୃଷ୍ଟି କରିପାରିବେ। ଅନ୍ୟାନ୍ୟ ଅତିଥିମାନେ ଲିଂଗ ବୈଶମ୍ୟତା ଦୂରୀକରଣ, ବାଲ୍ୟବିବାହ ନିରାକରଣ, ଶିକ୍ଷାର ଭୂମିକା ତଥା ଯୁବପିଢି ମାନଂକୁ ଗୋଷ୍ଠୀ ଉନ୍ନୟନ କ୍ଷେତ୍ରରେ ସେମାନଂକ ଭୂମିକା ସମ୍ପର୍କରେ ଅବଗତ କରିଥିଲେ। ପ୍ରତ୍ୟେକ ପରିବାର କିପରି ଆର୍ଥିକ ସ୍ୱଚ୍ଛଳତା ଲାଭ କରିବେ ସେ ସମ୍ପର୍କରେ ବୁଝାଇଥିଲେ। ବିଭିନ୍ନ ସରକାରୀ ଯୋଜନାର ଲାଭ ଉଠାଇ ଉଭୟ ପୁରୁଷ ଓ ମହିଳା ଆର୍ଥିକ ଅଭିବୃଦ୍ଧି ଦିଗରେ ଅଧିକ ସଚେତନ ହେବା ସକାଶେ ପରାମର୍ଶ ଦେଇଥିଲେ।ଏହି ସମାବେଶରେ ନେହେରୁ ଯୁବକେନ୍ଦ୍ରର କର୍ମୀ ମାନେ ଯୁବଗୋଷ୍ଠୀ ମାନଂକୁ ପ୍ରେରଣାର ମନ୍ତ୍ର ପ୍ରଦାନ କରିଥିଲେ।ଅଂଶଗ୍ରହଣକାରୀ ମାନଂକ ସହ ଆଲୋଚନା ମାଧ୍ୟମରେ ପ୍ରାସଂଗିକ ବିଷୟବସ୍ତୁ ଗୁଡିକୁ ସରଳ ଭାବରେ ବୁଝାଇଥିଲେ।ଏକ ସୁନ୍ଦର ସମାଜ ଗଠନ କରିବାକୁ ସମସ୍ତେ ଶପଥ ନେଇଥିଲେ।ଶେଷରେ ଅନୁଷ୍ଠାନର ଅଧ୍ୟକ୍ଷା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ମହିଷାମୁଣ୍ଡି ଗ୍ରାମରେ ଅତ ଗୁରୁ କୋଲ ଲାକୋ ବୋଦ୍ରାଙ୍କ ୧୦୭ତମ ଜନ୍ମଜୟନ୍ତୀ ପାଳିତ

ପାଟଣା, (ମହାଭାରତ) : କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ମହିସାମୁଣ୍ଡି ଗ୍ରାମରେ ଅତ ଗୁରୁ କୋଲ ଲାକୋ ବୋଦ୍ରା ଙ୍କ ୧୦୭ତମ ଜନ୍ମଜୟନ୍ତୀ ଉତ୍ସାହ ଓ ଶ୍ରଦ୍ଧାର ସହ ପାଳିତ ହୋଇ ଯାଇ ଛି। ଏହି ଅବସରରେ ପାଟଣା ବ୍ଲକ କୋଡ଼ିଏ ଟି ପଞ୍ଚାୟତ ହୋ ସମାଜ ର ଲୋକ ମାନେ ଯୋଗଦାନ କରି ୧୦୭ତମ ଜନ୍ମଜୟନ୍ତୀ ପାଳନ କରି ଛନ୍ତି । ମହିସାମୁଣ୍ଡି ଗ୍ରାମର ସାଗାଇ ତୋପୋଲ ହୋ ସମାଜ ର ସଦସ୍ୟ ଏବଂ ଗ୍ରାମବାସୀ ଙ୍କ ମିଳିତ ଉଦ୍ୟମରେ ଏକ ସ୍ୱତନ୍ତ୍ର ସଭା ର ଆୟୋଜନ କରାଯାଇ।ଥିଲା। ଏହି କାର୍ଯ୍ୟକ୍ରମ ରେ ବିର୍ସାମୁଣ୍ଡା ସମାଜ ମାର୍ଶାଲ ଆକାଡେମୀ, ପାଟଣା ବ୍ଲକ୍ ପକ୍ଷ ରୁ ସହଯୋଗ କରାଯାଇ ଥିଲା। କାର୍ଯ୍ୟକ୍ରମ ରେ ପାଟଣା ବ୍ଲକ୍ ? ର ଯୋଡ଼ିଏ ଟି ପଞ୍ଚାୟତର କମ୍ୟୁନିଟି ଲିଡର ମାନେ ଯୋଗଦେଇ ଗରିମା ବଢ଼ାଇ ଥିଲେ। ଏହି ଅବସରରେ ଅତ ଗୁରୁ କୋଲ ଲାକୋ ବୋଦ୍ରାଙ୍କର ଜୀବନ, ଆଦର୍ଶ ଏବଂ ସମାଜ ପ୍ରତି ତାଙ୍କର ଅବଦାନକୁ ସ୍ମରଣ କରାଯାଇ ଉପସ୍ଥିତ ବକ୍ତାମାନେ ତାଙ୍କ ଆଦର୍ଶ ଓ ଚିନ୍ତାଧାରା କୁ ସ୍ମରଣ କରି ସମାଜର ଏକତା ଓ ଉନ୍ନତି ପାଇଁ ସମସ୍ତେ ଏକାଠି ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ସମାଜର ସଦସ୍ୟ ଏବଂ ବିଭିନ୍ନ ପଞ୍ଚାୟତ ରୁ ଆସିଥିବା କମ୍ୟୁନିଟି ଲିଡର ମାନଙ୍କ ଉପସ୍ଥିତି ରେ ସମଗ୍ର କାର୍ଯ୍ୟକ୍ରମ ଟି ଉତ୍ସବ ମୁଖର ହୋଇ ଉଠି ଥିଲା।

## ସମ୍ଭାବ୍ୟ ଗଭୀର ଅବପାତ ଓ ବର୍ଷାର ମୁକାବିଲା ପାଇଁ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ




ଗଜପତି, (ମହାଭାରତ) : ଗଜପତି ଜିଲ୍ଲାରେ ସମ୍ଭାବ୍ୟ ଗଭୀର ଅବପାତ ଓ ପ୍ରବଳ ବର୍ଷାର ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପୂର୍ବ ପ୍ରସ୍ତୁତି ଆରମ୍ଭ ହୋଇଛି। ଏନେଇ ଅତିରିକ୍ତ ଜିଲ୍ଲାପାଳ ମୁନୀନ୍ଦ୍ର ହୋନନାଗାଙ୍କ ଅଧ୍ୟକ୍ଷତାରେ ଏକ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଅଛି। ଭାରତୀୟ ପାଣିପାଗ ବିଭାଗର ଆକଳନ ଅନୁଯାୟୀ, ସେପ୍ଟେମ୍ବର ୨୩ ଓ ୨୪ ତାରିଖରେ ରେଡ୍ ଜୋନ୍ ଥିବା ହେତୁ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଓ ତୀବ୍ର ବେଗରେ ପବନ ହେବାର ସମ୍ଭାବନା ରହିଛି। ସେଥିନେଇ ଜିଲ୍ଲା, ବ୍ଲକ୍ ଓ ତହସିଲ ସ୍ତରରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକ୍ଷମ ରଖିବା ସହିତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ମୁଖ୍ୟାଳୟରେ ଉପସ୍ଥିତ ରହିବା ସହ ମୁଖ୍ୟାଳୟ ନଛାଡ଼ିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଅଗ୍ନିଶମ ବାହିନୀକୁ ମଧ୍ୟ ଆବଶ୍ୟକ ସ୍ଥଳେ ତୁରନ୍ତ ମୁତୟନ ପାଇଁ ପ୍ରସ୍ତୁତ ରହିବାକୁ କୁହାଯାଇଛି। ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀଗୁଡ଼ିକର ଯାଞ୍ଚ କରି ଆବଶ୍ୟକ ମରାମତି, ବିଦ୍ୟୁତ୍ ଓ ଜେନେରେଟର ବ୍ୟବସ୍ଥା, ପାନୀୟ ଜଳ ଏବଂ ଅନ୍ୟାନ୍ୟ ଆବଶ୍ୟକ ସୁବିଧା ସୁନିଶ୍ଚିତ କରିବାକୁ ସାତଟି ବ୍ଲକ୍ ?ର ବିଡିଓ ଓ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଭୂସ୍ଖଳନପ୍ରବଣ ଅଞ୍ଚଳ, ପାହାଡ଼ ତଳେ ରହୁଥିବା ଲୋକ, ତଳିଆ ଅଞ୍ଚଳ ଓ ଦୁର୍ବଳ କିମ୍ବା କଚ୍ଚା ଘରେ ରହୁଥିବା ପରିବାରଙ୍କୁ ଆବଶ୍ୟକ ସ୍ଥଳେ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବାକୁ କୁହାଯାଇଛି। ଆଶ୍ରୟସ୍ଥଳୀରେ ରନ୍ଧା ଖାଦ୍ୟ, ପାନୀୟ ଜଳ ଓ ଆବଶ୍ୟକ ସାମଗ୍ରୀ ଯୋଗାଣ ମହଜୁଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଗର୍ଭବତୀ ମହିଳାଙ୍କୁ ଆବଶ୍ୟକତା ଅନୁଯାୟୀ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର କିମ୍ବା ମା' ଗୃହକୁ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ରହିଛି। ସେହିପରି ଚୁଡ଼ା, ଗୁଡ଼, ଚିନି, ମହମବତୀ, କିରୋସିନ, ଔଷଧ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ଯଥେଷ୍ଟ ପରିମାଣରେ ମହଜୁଦ ରଖିବାକୁ କୁହାଯାଇଛି। ପ୍ରବଳ ବର୍ଷା ସମୟରେ ଜନସାଧାରଣ ଅନାବଶ୍ୟକ ଭାବେ ବାହାରକୁ ନ ବାହାରିବା ଏବଂ ନଦୀ, ନାଳ ଓ ଅନ୍ୟାନ୍ୟ ଜଳାଶୟ ନିକଟକୁ ନ ଯିବା ପାଇଁ ପ୍ରଶାସନ ପକ୍ଷରୁ ସଚେତନ କରାଯାଇଛି। ବ୍ଲକ୍, ଗ୍ରାମପଞ୍ଚାୟତ ଓ ଗ୍ରାମସ୍ତରରେ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଫାଲଗୁନୀ ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର ନିର୍ବାହୀ ଅଧିକାରୀ ଶ୍ରୀ ଦୟାମୟ ପାଢ଼ୀ, ଉପଜିଲ୍ଲାପାଳ ଶ୍ରୀମତୀ ଭଗତ ସାମଲ କଲ୍ୟାଣରାଓ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଶ୍ରୀ ବିନାୟକ ରାଉଳଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ସମସ୍ତ ବିଡିଓ, ତହସିଲଦାର ଓ ଲାଇନ୍ ବିଭାଗୀୟ ଅଧିକାରୀ ଆଭାସୀ ବୈଠକରେ ଯୋଗ ଦେଇଥିଲେ।

## ଚାନ୍ଦବାଲି ବ୍ଲକ ସ୍ତରୀୟ ବିଜ୍ଞାନ ସେମିନାର

ଚାନ୍ଦବାଲି, (ମହାଭାରତ) : ଓଡିଶା ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ଏବଂ ବିଦ୍ୟାଳୟ ଗଣ ଶିକ୍ଷା ବିଭାଗ ତରଫରୁ ବ୍ଲକ ସ୍ତରୀୟ ବିଜ୍ଞାନ ସେମିନାର ସ୍ଥାନୀୟ ପିଏମଶ୍ରୀ ଦାଖା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି।ବ୍ଲକ ଶିକ୍ଷାଧିକାରୀ ଶାନ୍ତନୁ କୁମ୍ଭକାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବିଜ୍ଞାନ ସେମିନାରରେ ମୁଖ୍ୟ ଅତିଥି ଭାବେ ଚାନ୍ଦବାଲି ବି.ଡି.ଓ ସଞ୍ଜିବ୍ କୁମାର ମହାପାତ୍ର,ମୁଖ୍ୟ ବକ୍ତା ଜିଲ୍ଲା ଇକୋ କ୍ଲବ ମାଷ୍ଟର ଟ୍ରେନର ଅନୀଲ କୁମାର ମିଶ୍ର,ସମ୍ମାନିତ ଅତିଥି ଶିକ୍ଷାବିତ ପ୍ରଫୁଲ୍ଲ କୁମାର ଦାସ,ଚାନ୍ଦବାଲି ଏନ.ଏ.ସି ପାରିଷଦ ଚନ୍ଦନ କୁମାର ରାଉତ ପ୍ରମୁଖ ଯୋଗ ଦେଇ ୨୦୪୭ମସିହା ସୁଧା ଭାରତୀୟ ଶକ୍ତି ବାସ୍କେଟର ସ୍ୱରୂପ କଣ ହେବ ସେଥିପାଇଁ ସମ୍ଭାବନା ଓ ଆହ୍ୱାନ କଣ ହେବ ସେ ସମ୍ପର୍କରେ ମତବ୍ୟକ୍ତ କରିଥିଲେ।ଏଥିରେ ବ୍ଲକ ବିଜ୍ଞାନ ସଂଯୋଜକ ଅମୂଲ୍ୟ କୁମାର ରାଉତ ବିଜ୍ଞାନ ସେମିନାର ଲକ୍ଷ୍ୟ ଓ ଉଦେଶ୍ୟ ବିଷୟରେ କହିଥିଲେ।ବ୍ଲକର ବିଭିନ୍ନ ଉଚ୍ଚ ବିଦ୍ୟାଳୟରୁ ଛାତ୍ର ଛାତ୍ରୀମାନଙ୍କ ସହିତ ବିଜ୍ଞାନ ଶିକ୍ଷକ-ଶିକ୍ଷୟିତ୍ରୀ ଅଂଶ ଗ୍ରହଣ କରିଥିଲେ।

## ସୋସିଆଲ ମିଡିଆ ପୋଷ୍ଟ ପାଇଁ ସାଉଦିରେ ମୃତ୍ୟୁଦଣ୍ଡ ଯୁବକଙ୍କୁ ବଞ୍ଚାଇବାକୁ କ୍ଷମା ମାଗିବେ ଶ୍ରୀଲଙ୍କା ରାଷ୍ଟ୍ରପତି



ଶ୍ରୀଲଙ୍କା : ଶ୍ରୀଲଙ୍କାର ଜଣେ ଯୁବକଙ୍କୁ ସାଉଦି ଆରବରେ ମୃତ୍ୟୁଦଣ୍ଡ ମିଳିଥିବା ଖବରକୁ ନେଇ ଚର୍ଚ୍ଚା ଜୋର ଧରିଛି। ଯୁବକଙ୍କ ପରିବାରର ଦାବି ଅନୁସାରେ, ସୋସିଆଲ ମିଡିଆରେ କରିଥିବା ଏକ ପୋଷ୍ଟକୁ ଇସଲାମ ଓ ପୟଗମ୍ବର ମହମ୍ମଦଙ୍କ ପ୍ରତି ଅପମାନଜନକ ବୋଲି ଧରାଯିବା ପରେ ତାଙ୍କ ବିରୋଧରେ ଏହି ଦଣ୍ଡାଦେଶ ହୋଇଛି। ଯୁବକଙ୍କ ନାମ ଅନୋଝନ ଶିବରାସା। ସେ ଶ୍ରୀଲଙ୍କାର ପୂର୍ବ ପ୍ରଦେଶର ବାସିନ୍ଦା ଏବଂ ପ୍ରାୟ ୯ ମାସ ପୂର୍ବେ ଚାକିରି ପାଇଁ ସାଉଦି ଆରବ ଯାଇଥିଲେ। ଘଟଣାକୁ ନେଇ ତାଙ୍କ ପରିବାର ଶ୍ରୀଲଙ୍କା ସରକାରଙ୍କ ହସ୍ତକ୍ଷେପ ଦାବି କରିଛନ୍ତି। ସୋମବାର ରାଷ୍ଟ୍ରପତି ସଚିବାଳୟରେ ଶିବରାସାଙ୍କ ମାତାପିତାଙ୍କୁ ଭେଟିଥିଲେ ଶ୍ରୀଲଙ୍କା ରାଷ୍ଟ୍ରପତି ଅନୁରା କୁମାର ଦିସାନାୟକେ। ଏହି ମାମଲାରେ ସେ ଆଇନଗତ ଓ କୂଟନୈତିକ ରାସ୍ତାରେ ପଦକ୍ଷେପ ନିଆଯିବ ବୋଲି ପରିବାରକୁ ଆଶ୍ୱାସନ ଦେଇଛନ୍ତି। ଏପରିକି ସାଉଦି ଶାସକଙ୍କୁ ସେ ବ୍ୟକ୍ତିଗତ ଭାବେ କ୍ଷମା ପ୍ରାର୍ଥନା କରିବେ ବୋଲି କହିଛନ୍ତି। ତେବେ ଶିବରାସାଙ୍କୁ ପ୍ରକୃତରେ ମୃତ୍ୟୁଦଣ୍ଡ ଦିଆଯାଇଛି କି ନାହିଁ, ତାହା ଶ୍ରୀଲଙ୍କା ବିଦେଶ ମନ୍ତ୍ରଣାଳୟ ଏପର୍ଯ୍ୟନ୍ତ ଆଧିକାରିକ ଭାବେ ନିଶ୍ଚିତ କରିନାହିଁ। ମନ୍ତ୍ରଣାଳୟ କହିଛି ଯେ ମାମଲାର ଆଇନଗତ ପ୍ରକ୍ରିୟା ଚାଲିଛି ଏବଂ ରିୟାଦସ୍ଥିତ ଶ୍ରୀଲଙ୍କା ଦୂତାବାସ ଏହା ଉପରେ ନଜର ରଖିଛି। 'ଡେଲି ମିରର'ର ରିପୋର୍ଟ ଅନୁସାରେ, ଶିବରାସାଙ୍କୁ ପ୍ରଥମେ ଧର୍ମକୁ ଅପମାନ କରୁଥିବା ସୋସିଆଲ ମିଡିଆ କଣ୍ଟେଣ୍ଟ ପୋଷ୍ଟ କରିବା ଅଭିଯୋଗରେ ୫ ବର୍ଷ ଜେଲ୍ ଓ ୩୦ ଲକ୍ଷ ସାଉଦି ରିୟାଲ୍ ଜରିମାନା ଦଣ୍ଡ ଦିଆଯାଇଥିବା କୁହାଯାଇଛି। ପରେ ଦଣ୍ଡକୁ ମୃତ୍ୟୁଦଣ୍ଡରେ ପରିବର୍ତ୍ତନ କରାଯାଇଥିବା କଥା ତାଙ୍କ ଓକିଲ ଶ୍ରୀଲଙ୍କା ଦୂତାବାସକୁ ମୌଖିକ ଭାବେ ଜଣାଇଥିବା ରିପୋର୍ଟରେ ଦାବି କରାଯାଇଛି। ତେବେ ଲିଖିତ ରାୟ ମିଳିବା ପରେ ହିଁ ଦୂତାବାସ ଏହାକୁ ନିଶ୍ଚିତ କରିବ ବୋଲି କୁହାଯାଇଛି।

ଏହି ମଧ୍ୟରେ ଶ୍ରୀଲଙ୍କା ବିରୋଧୀ ଦଳ ନେତା ସାଜିତ ପ୍ରେମଦାସା ମଧ୍ୟ ଶିବରାସାଙ୍କ ପରିବାରକୁ ଭେଟିଛନ୍ତି। ଏହାର ଦୁଇ ଦିନ ପୂର୍ବରୁ ତାମିଲ୍ ପ୍ରୋଗ୍ରେସିଭ୍ ଆଲାଏନ୍ସ ନେତା ମନୋ ଗଣେଶନ ଏହି ମାମଲାରେ ଭାରତର ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିବାକୁ ଦିସାନାୟକେଙ୍କୁ ଅନୁରୋଧ କରିଥିଲେ।

## ପୋଲିସ ଚାଲାଣ କାଟିବାରୁ ତାତିଲେ ଡ୍ରାଇଭର ! ବସ୍‌ରେ ଲଗାଇଦେଲେ ନିଆଁ



ନେପାଳ : ନେପାଳର ରାଜଧାନୀ କାଠମାଣ୍ଡୁରେ ଚାଲାଣକୁ ନେଇ ଟ୍ରାଫିକ୍ ପୁଲିସ ଓ ବସ୍ ଚାଳକଙ୍କ ମଧ୍ୟରେ ବିବାଦ ପରେ ଏକ ଯାତ୍ରୀବାହୀ ବସ୍‌ରେ ନିଆଁ ଲାଗିବା ଘଟଣା ଚର୍ଚ୍ଚାରେ ରହିଛି। ଏହି ଘଟଣାରେ ବସ୍ ଚାଳକ ଗୁରୁତର ଭାବେ ଝୁଲସିଛନ୍ତି। ପ୍ରାଥମିକ ତଦନ୍ତରେ ଚାଳକ ନିଜେ ବସ୍‌ରେ ନିଆଁ ଲଗାଇଥିବା ପୁଲିସ ଆଶଙ୍କା କରୁଥିଲେ ମଧ୍ୟ ଏହାକୁ ଏଯାଏ ଚୂଡ଼ାନ୍ତ ନିଷ୍କର୍ଷ ବୋଲି କୁହାଯାଇନାହିଁ। ସୋମବାର ତ୍ରିପୁରେଶ୍ୱର ଚୋକ୍ ନିକଟରେ ଏହି ଘଟଣା ଘଟିଥିଲା। ରିଦ୍ଧିସିଦ୍ଧି ଯାତାୟାତର ବସ୍ ନମ୍ବର 'ବା ୫ ଖ ୪୨୭୪' ବସ୍‌ଷ୍ଟପ୍ ସମ୍ମୁଖରେ ଠିଆ ହୋଇଥିଲା। ଏହାର କିଛି ସମୟ ପୂର୍ବରୁ ଡ୍ୟୁଟିରେ ଥିବା ଟ୍ରାଫିକ୍ ପୁଲିସକର୍ମୀଙ୍କ ସହ ଚାଳକଙ୍କର ଚାଲାଣକୁ ନେଇ ଯୁକ୍ତିତର୍କ ହୋଇଥିଲା। ସାମ୍ନାକୁ ଆସିଥିବା ଭିଡିଓରେ ଚାଳକ ଚାଲାଣକୁ ବିରୋଧ କରୁଥିବା ଏବଂ ସେ କୌଣସି ଭୁଲ କରିନଥିବା କହୁଥିବା ଦେଖାଯାଇଛି। ସେ ଜରିମାନା ଦେବାକୁ ମଧ୍ୟ ମନା କରୁଥିବା ଶୁଣିବାକୁ ମିଳୁଛି। ପୁଲିସ ତାଙ୍କୁ ଜରିମାନା ଦେବା ସହ ବସ୍‌କୁ ରାସ୍ତା କଡ଼କୁ ନେବାକୁ କହିଥିଲା। ବସ୍ ରାସ୍ତା ମଝିରେ ଠିଆ ହୋଇଥିବାରୁ ଯାତାୟାତ ମଧ୍ୟ ପ୍ରଭାବିତ ହେଉଥିଲା। ଏହି ସମୟରେ ବିବାଦ ବଢ଼ିଥିଲା। କିଛି ସମୟ ପରେ ବସ୍‌ର ପଛପଟୁ ହଠାତ୍ ନିଆଁର ଲହରୀ ଦେଖାଯାଇଥିଲା। ସେତେବେଳେ ଚାଳକ ବସ୍ ଭିତରେ ଥିଲେ। ନିଆଁରେ କାଭ୍ରେ ଅଞ୍ଚଳର ୨୫ ବର୍ଷୀୟ ଚାଳକ ଦାୱା ଲାମା ଗୁରୁତର ଭାବେ ଝୁଲସିଥିଲେ। ସୁରକ୍ଷାକର୍ମୀମାନେ ତାଙ୍କୁ ବସ୍‌ରୁ ବାହାର କରି କୀର୍ତ୍ତିପୁରସ୍ଥିତ ବର୍ଣ୍ଣ ହସ୍ପିଟାଲକୁ ପଠାଇଥିଲେ। ଡାକ୍ତରଙ୍କ ଅନୁସାରେ ତାଙ୍କ ଅବସ୍ଥା ଗୁରୁତର ରହିଛି। କାଠମାଣ୍ଡୁ ଜିଲ୍ଲା ପୁଲିସ ପରିସରର ଏସ୍‌ଏସ୍‌ପି ଦିଲୀପ ଘିମିରେଙ୍କ କହିବା ଅନୁସାରେ, ପ୍ରାଥମିକ ତଦନ୍ତରେ ଚାଳକଙ୍କ ଉପରେ ହିଁ ନିଆଁ ଲଗାଇଥିବା ଆଶଙ୍କା ରହିଛି। ତେବେ ଏହା ଚୂଡ଼ାନ୍ତ ନିଷ୍କର୍ଷ ନୁହେଁ ବୋଲି ପୁଲିସ ସ୍ପଷ୍ଟ କରିଛି। ଘଟଣାର ସମ୍ପୂର୍ଣ୍ଣ ତଦନ୍ତ ପାଇଁ ୫ ଜଣିଆ କମିଟି ଗଠନ କରାଯାଇଛି। ଏହି କମିଟି ଚାଲାଣକୁ ନେଇ ବିବାଦଠାରୁ ଆରମ୍ଭ କରି ବସ୍‌ରେ ନିଆଁ ଲାଗିବା ପର୍ଯ୍ୟନ୍ତ ସମସ୍ତ ଘଟଣାକ୍ରମର ତଦନ୍ତ କରିବ। ଭିଡିଓ ଫୁଟେଜ୍, ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ଓ ଅନ୍ୟାନ୍ୟ ପ୍ରମାଣ ସଂଗ୍ରହ କରାଯାଉଛି। କମିଟିକୁ ୫ ଦିନ ମଧ୍ୟରେ ରିପୋର୍ଟ ଦେବାକୁ କୁହାଯାଇଛି। ରିପୋର୍ଟ ଆସିବା ପରେ ହିଁ ବସ୍‌ରେ ନିଆଁ ଲାଗିବାର ପ୍ରକୃତ କାରଣ ସ୍ପଷ୍ଟ ହେବ।

## ଆଇଆଇଟି ବମ୍ବେରେ ଛାତ୍ର ମୃତ୍ୟୁକୁ ନେଇ ଅଶାନ୍ତି; ତଦନ୍ତ କରିବ କ୍ରାଇମବ୍ରାଞ୍ଚ, ଡିନ୍ ନିଲମ୍ବିତ

ମୁମ୍ବାଇ : ଆଇଆଇଟି ବମ୍ବେରେ ଛାତ୍ର ମୃତ୍ୟୁ ଘଟଣାକୁ ନେଇ ଅଶାନ୍ତି ଜାରି ରହିଛି । ଘଟଣାର ତଦନ୍ତ ଭାର ମୁମ୍ବାଇ ପୋଲିସ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରିଛି । ଅନ୍ୟପଟେ ଶିକ୍ଷାନୁଷ୍ଠାନ ପକ୍ଷରୁ କ୍ଷମା ପ୍ରାର୍ଥନା କରାଯିବା ସହ ପ୍ରଫେସର ସୂର୍ଯ୍ୟନାରାୟଣ ଦୂଲାଙ୍କୁ ଡିନ୍ ପଦରୁ ନିଲମ୍ବିତ କରାଯାଇଛି । ଘଟଣାକୁ ନେଇ କ୍ୟାମ୍ପସ ଭିତରେ ଓ ବାହାରେ ଛାତ୍ରଛାତ୍ରୀଙ୍କ ପ୍ରତିବାଦ ଜାରି ରହିଛି । ଆଇଆଇଟି ବମ୍ବେର ଏନର୍ଜି ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ବିଭାଗର ଦ୍ୱିତୀୟ ବର୍ଷର ଜଣେ ଛାତ୍ର ଗତ ଶୁକ୍ରବାର ନିଜ ହଷ୍ଟେଲ ରୁମରୁ ମୃତ ଅବସ୍ଥାରେ ମିଳିଥିଲେ। ଏହାପରେ ଘଟଣାକୁ ନେଇ କ୍ୟାମ୍ପସରେ ଉତ୍ତେଜନା ଦେଖାଦେଇଥିଲା । ଛାତ୍ରଙ୍କ ମୃତ୍ୟୁକୁ ନେଇ ଏକାଧିକ ପ୍ରଶ୍ନ ଉଠିଥିବା ବେଳେ ଛାତ୍ରଛାତ୍ରୀମାନେ ସ୍ୱତନ୍ତ୍ର କମିଟି ଗଠନ କରି ନିରପେକ୍ଷ ତଦନ୍ତ ଦାବି କରିଛନ୍ତି । ଏହାସହ ୧୮ ଦଫା ଦାବି ନେଇ ଛାତ୍ରମାନେ ପ୍ରତିବାଦ କରୁଛନ୍ତି। ଉତ୍ତେଜନାକୁ ଦୃଷ୍ଟିରେ ରଖି କ୍ୟାମ୍ପସରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି । ଛାତ୍ର ଜଣକ ଚାଟ୍‌ଜିପିଟିରୁ ନକଲ କରିଥିବା ଅଭିଯୋଗରେ ଧରାପଡ଼ିଥିଲେ ଏବଂ କାର୍ଯ୍ୟାନୁଷ୍ଠାନ ଭୟରେ ଏଭଳି ପଦକ୍ଷେପ ନେଇଥିବା ଚର୍ଚ୍ଚା ହେଉଛି। ତେବେ ପରିବାର ପକ୍ଷରୁ ଭିନ୍ନ ଅଭିଯୋଗ ଅଣାଯାଇଛି । ଛାତ୍ରଙ୍କ ପିତାଙ୍କ ଅଭିଯୋଗ ଅନୁସାରେ, ପରୀକ୍ଷା ସମୟରେ ମୋବାଇଲ୍ ବ୍ୟବହାର ଅଭିଯୋଗରେ ପ୍ରଫେସର ସୂର୍ଯ୍ୟନାରାୟଣ ଦୂଲା ତାଙ୍କ ପୁଅଙ୍କୁ ଟାର୍ଗେଟ୍ କରିଥିଲେ । ଗତ ୩ ମାସ ଧରି ଜାତିଗତ ଆକ୍ଷେପ ଓ ମାନସିକ ନିର୍ଯାତନା ଦିଆଯାଉଥିବା ପରିବାର ଅଭିଯୋଗ କରିଛି। ଏହି ଅଭିଯୋଗକୁ ନେଇ ଏବେ ମାମଲା ନୂଆ ମୋଡ଼ ନେଇଛି ।

ଘଟଣାରେ ଏଫ୍‌ଆଇଆର୍ ପରେ ପ୍ରଫେସର ସୂର୍ଯ୍ୟନାରାୟଣ ଦୂଲାଙ୍କୁ ନିଲମ୍ବିତ କରାଯାଇଛି । ସେପଟେ ମୁମ୍ବାଇ ପୋଲିସ ତଦନ୍ତକୁ କ୍ରାଇମବ୍ରାଞ୍ଚକୁ ଦେଇଛି । ଛାତ୍ରଙ୍କ ମୃତ୍ୟୁର ପ୍ରକୃତ କାରଣ ଏବଂ ଉଠିଥିବା ଅଭିଯୋଗର ସତ୍ୟତା ତଦନ୍ତ ପରେ ସ୍ପଷ୍ଟ ହେବ । ଏହାରି ଭିତରେ ଗତ ୬ ମାସ ମଧ୍ୟରେ ଆଇଆଇଟି ବମ୍ବେରେ ତିନି ଜଣ ଛାତ୍ରଙ୍କ ମୃତ୍ୟୁ ଘଟଣାକୁ ନେଇ ଶିକ୍ଷାନୁଷ୍ଠାନରେ ଛାତ୍ର ସୁରକ୍ଷା ଓ ଚାପମୁକ୍ତ ପରିବେଶକୁ ନେଇ ପ୍ରଶ୍ନ ଉଠିଛି ।

## ସମ୍ରାଟ ଚୌଧୁରୀ ଦେବେ କି ଇସ୍ତଫା ନିଜ ବୟାନକୁ ନେଇ ଅଡୁଆରେ ବିହାର ମୁଖ୍ୟମନ୍ତ୍ରୀ



ବିହାର : ବିହାରର ଜମୁଇ ଜିଲ୍ଲାରେ ସେପ୍ଟେମ୍ବର ୧୯ରେ ଜଣେ ନାବାଳିକାଙ୍କ ସହ ଘଟିଥିବା ଘଟଣାକୁ ନେଇ ରାଜ୍ୟ ରାଜନୀତି ସରଗରମ ହୋଇଛି। ଏହି ଘଟଣାକୁ ନେଇ ବିରୋଧୀ ଦଳଗୁଡ଼ିକ ଏନଡିଏ ସରକାରଙ୍କୁ ଘେରିବା ସହ ବିହାର ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କ ଇସ୍ତଫା ଦାବି କରିଛନ୍ତି।

ବିରୋଧୀଙ୍କ ଏହି ଦାବିର କେନ୍ଦ୍ରରେ ରହିଛି ସମ୍ରାଟ ଚୌଧୁରୀଙ୍କ ଏକ ପୁରୁଣା ବୟାନ। କିଛି ମାସ ପୂର୍ବରୁ ଏକ ନ୍ୟୁଜ୍ ଚ୍ୟାନେଲ କାର୍ଯ୍ୟକ୍ରମରେ ସେ କହିଥିଲେ ଯେ, ଯଦି କାହାର କୌଣସି ଶତ୍ରୁ ନାହାନ୍ତି, ତେବେ ରାତି ୧୨ଟାରେ ଖାଇସାରି ନିଜ ଅଞ୍ଚଳରେ ବୁଲି ଆସନ୍ତୁ। ଯଦି କେହି ତାଙ୍କୁ ଛୁଇଁଦିଏ, ତେବେ ପରଦିନ ସକାଳେ ସେ ଇସ୍ତଫା ଦେଇଦେବେ ବୋଲି ସମ୍ରାଟ କହିଥିଲେ। ଜମୁଇ ଘଟଣା ପରେ କଂଗ୍ରେସ ଓ ଆରଜେଡି ନେତାମାନେ ସମ୍ରାଟଙ୍କ ଏହି ପୁରୁଣା ବୟାନକୁ ସୋସିଆଲ ମିଡିଆରେ ଶେୟାର କରି ପ୍ରଶ୍ନ ଉଠାଇଛନ୍ତି। କଂଗ୍ରେସ ନେତ୍ରୀ ସୁପ୍ରିୟା ଶ୍ରୀନେତ ଏବଂ ଆରଜେଡି ନେତ୍ରୀ ରୋହିଣୀ ଆଚାର୍ଯ୍ୟଙ୍କ ସମେତ ଅନେକ ବିରୋଧୀ ନେତା ଏହି ପ୍ରସଙ୍ଗରେ ସମ୍ରାଟଙ୍କୁ ଘେରିଛନ୍ତି। ରୋହିଣୀ ଆଚାର୍ଯ୍ୟ କହିଛନ୍ତି ଯେ, ଜମୁଇର ଘଟଣା ପରେ ସମ୍ରାଟ ଚୌଧୁରୀ ନିଜ ପୁରୁଣା କଥାରେ ଅଟଳ ରହିଲେ ତାଙ୍କର ଇସ୍ତଫା ହୋଇଯିବା କଥା। ମଞ୍ଚ ଉପରେ ବଡ଼ ବଡ଼ କଥା କହିବା ସହଜ, କିନ୍ତୁ ମାଟିରେ ଲୋକଙ୍କ ସୁରକ୍ଷା ଦେବା ହିଁ ପ୍ରକୃତ ପରୀକ୍ଷା ବୋଲି ସେ ନିଜ ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ବିରୋଧୀ ନେତାମାନେ ପ୍ରଶ୍ନ କରିଛନ୍ତି ଯେ, ନିଜେ ଦେଇଥିବା ବୟାନ ଅନୁସାରେ ସମ୍ରାଟ ଏବେ କାହିଁକି ଇସ୍ତଫା ଦେଉନାହାନ୍ତି। ଏହାକୁ ନେଇ ବିହାରରେ ରାଜନୈତିକ ବିବାଦ ଆହୁରି ତୀବ୍ର ହୋଇଛି।

## ୟୁପି ନିର୍ବାଚନ ପୂର୍ବରୁ ମେଣ୍ଟ ଚର୍ଚ୍ଚା ଜୋର

ଉତ୍ତରପ୍ରଦେଶ : ଆଗାମୀ ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନକୁ ନେଇ ମେଣ୍ଟ ରାଜନୀତି ଜୋର ଧରିଛି । ଏଆଇଏମଆଇଏମ୍ ମୁଖ୍ୟ ଅସଦୁଦ୍ଦିନ ଓୱେସୀ କହିଛନ୍ତି, ଅକ୍ଟୋବର ୨ ସୁଦ୍ଧା ଦଳ ମେଣ୍ଟ ସମ୍ପର୍କରେ ନିଷ୍ପତ୍ତି ନେବ । ଅନ୍ୟ ଦଳଗୁଡ଼ିକ ସହ ମେଣ୍ଟ ନେଇ ଆଲୋଚନା ପାଇଁ ଏଆଇଏମଆଇଏମ୍ ପ୍ରସ୍ତୁତ ଥିବା ସେ କହିଛନ୍ତି । ସମାଜବାଦୀ ପାର୍ଟି ଓ କଂଗ୍ରେସ ସମେତ ଅନ୍ୟ ବିରୋଧୀ ଦଳଗୁଡ଼ିକ ସହ ମେଣ୍ଟର ସମ୍ଭାବନା ନେଇ ଓୱେସୀଙ୍କ ବୟାନ ପରେ ରାଜନୈତିକ ଚର୍ଚ୍ଚା ବଢ଼ିଛି । ତେବେ ଏହି ଦଳଗୁଡ଼ିକ ସହ ମେଣ୍ଟ ନେଇ ଏଯାଏଁ କୌଣସି ଚୂଡ଼ାନ୍ତ ଘୋଷଣା ହୋଇନାହିଁ । ୨୦୨୭ ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନ ପାଇଁ ଏଆଇଏମଆଇଏମ୍ ନିଜର ସାଂଗଠନିକ କାର୍ଯ୍ୟକ୍ରମ ବଢ଼ାଇଛି । ଓୱେସୀ ମେଣ୍ଟ ପାଇଁ 'ସମାନ ଚିନ୍ତାଧାରା' ଥିବା ଦଳଗୁଡ଼ିକ ସହ ଆଲୋଚନାର ସଙ୍କେତ ଦେଇଛନ୍ତି । ଏହାରି ଭିତରେ ଏଆଇଏମଆଇଏମ୍ ପକ୍ଷରୁ ଉତ୍ତରପ୍ରଦେଶରେ ନିଜର ନିର୍ବାଚନୀ ପ୍ରସ୍ତୁତି ଜୋରଦାର କରାଯାଉଛି । ବିଶେଷକରି ପଶ୍ଚିମ ଉତ୍ତରପ୍ରଦେଶର ବିଭିନ୍ନ ଆସନ ଉପରେ ଦଳ ଗୁରୁତ୍ୱ ଦେଉଥିବା ରିପୋର୍ଟ ପ୍ରକାଶ ପାଇଛି । ଦଳ ଅନ୍ୟ ଆଞ୍ଚଳିକ ରାଜନୈତିକ ଶକ୍ତି ସହ ମଧ୍ୟ ସମ୍ଭାବ୍ୟ ମେଣ୍ଟ ନେଇ ବିଚାର କରୁଛି । ଗତ ନିର୍ବାଚନରେ ଏଆଇଏମଆଇଏମ୍ ଉତ୍ତରପ୍ରଦେଶରେ ୯୫ଟି ଆସନରେ ପ୍ରାର୍ଥୀ ଦେଇଥିଲା, କିନ୍ତୁ କୌଣସି ଆସନରେ ବିଜୟୀ ହୋଇନଥିଲା । ଏବେ ଆସନ୍ତା ନିର୍ବାଚନ ପୂର୍ବରୁ ମେଣ୍ଟ ରଣନୀତି ନେଇ ଦଳ ନୂଆ ପଦକ୍ଷେପ ନେଉଛି । ଅକ୍ଟୋବର ୨ରେ ଏଆଇଏମଆଇଏମ୍ ମେଣ୍ଟ ସମ୍ପର୍କରେ ନିଜର ନିଷ୍ପତ୍ତି ସ୍ପଷ୍ଟ କରିବା ପରେ ଉତ୍ତରପ୍ରଦେଶର ରାଜନୈତିକ ସମୀକରଣ ନେଇ ଆହୁରି ସ୍ପଷ୍ଟତା ଆସିପାରେ ।

## କାନାଡ଼ାରେ ଟ୍ରେନିଂ ବିମାନ ଦୁର୍ଘଟଣାଗ୍ରସ୍ତ, ୨ ଭାରତୀୟ ଛାତ୍ରଙ୍କ ମୃତ୍ୟୁ

କାନାଡ଼ା : କାନାଡ଼ାରେ ଫ୍ଲାଇଟ୍ ଟ୍ରେନିଂ ସମୟରେ ବିମାନ ଦୁର୍ଘଟଣାରେ ଦୁଇ ଜଣ ଭାରତୀୟ ଛାତ୍ରଙ୍କ ମୃତ୍ୟୁ ହୋଇଛି । କାନାଡ଼ାସ୍ଥିତ ଭାରତୀୟ ଦୂତାବାସ (କନ୍ସୁଲେଟ୍ ଜେନେରାଲ୍ ଅଫ୍ ଇଣ୍ଡିଆ, ଭାଙ୍କୁଭର) ଦ୍ୱାରା ଦିଆଯାଇଛି । ଉଭୟ ଛାତ୍ର କାନାଡ଼ାରେ ନିଜର କମର୍ସିଆଲ୍ ପାଇଲଟ୍ ବା ଏଭିଏସନ୍ ଟ୍ରେନିଂ ଅନ୍ତର୍ଗତ ଉଡ଼ାଣର ଅଭ୍ୟାସ କରୁଥିବା ସମୟରେ ଦୁର୍ଘଟଣାର ଶିକାର ହୋଇଥିଲେ । ମୃତ ଛାତ୍ର ତାମିଲନାଡୁ ଏବଂ ପଡୁଚେରୀର ବୋଲି ଜଣାପଡିଛି । ବିମାନ ଦୁର୍ଘଟଣାରେ ଜୀବନ ହରାଇଥିବା ଉଭୟ ଛାତ୍ର ପାଇଲଟ୍ ହେବା ପାଇଁ ପ୍ରଶିକ୍ଷଣ ନେଉଥିଲେ । ମୃତକଙ୍କ ମଧ୍ୟରେ ଜଣେ ତାମିଲନାଡୁର ନିବାସୀ ମନୋଜ ଶିବକୁମାର ଓ ଅନ୍ୟଜଣେ ଶ୍ରୀଚରଣ ତିରୁଜ୍ଞାନାସମ୍ବନ୍ଥମ୍, ପୁଡୁଚେରୀର ନିବାସୀ । ଘଟଣା ପରେ ଭାଙ୍କୁଭର ସ୍ଥିତ ଭାରତୀୟ ବାଣିଜ୍ୟ ଦୂତାବାସ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଗଭୀର ଦୁଃଖ ପ୍ରକାଶ କରି ନିଜର ସମବେଦନା ସେୟାର କରିଛନ୍ତି । ଭାଙ୍କୁଭରସ୍ଥିତ ଭାରତୀୟ ବାଣିଜ୍ୟ ଦୂତାବାସ, ତାମିଲନାଡୁର ମନୋଜ ଶିବକୁମାର ଏବଂ ପୁଡୁଚେରୀର ଶ୍ରୀଚରଣ ତିରୁଜ୍ଞାନାସମ୍ବନ୍ଥମଙ୍କ ଅସମୟ ଏବଂ ଦୁଃଖଦ ନିଧନରେ ଗଭୀର ସମବେଦନା ଜ୍ଞାପନ କରୁଛି । ଏହି କଠିନ ସମୟରେ ଆମର ସମସ୍ତ ସମବେଦନା ଶୋକସନ୍ତପ୍ତ ପରିବାରବର୍ଗଙ୍କ ସହିତ ରହିଛି । ଦୂତାବାସ ଅଧିକାରୀଙ୍କ ଅନୁଯାୟୀ, ଉଭୟ ମୃତ ଛାତ୍ରଙ୍କ ପାର୍ଥିବ ଶରୀରକୁ ସମ୍ମାନଜନକ ଭାବେ ଭାରତରେ ସେମାନଙ୍କ ଗୃହରାଜ୍ୟକୁ ଫେରାଇ ଆଣିବାର ପ୍ରକ୍ରିୟାରେ ପରିଜନମାନଙ୍କୁ ସମସ୍ତ ସମ୍ଭବ କନସୁଲାର୍ ଏବଂ ଜରୁରୀ ସହାୟତା ପ୍ରଦାନ କରାଯାଉଛି ।

## ବିହାର ଭାଗଲପୁରରେ ବଡ଼ ଅଘଟଣ, ପୋଖରୀରେ ବୁଡ଼ି ୬ ଶିଶୁ ମୃତ



ବିହାର : ବିହାରର ଭାଗଲପୁର ଜିଲ୍ଲାରେ ପୋଖରୀରେ ବୁଡ଼ି ୬ ଜଣ ଶିଶୁଙ୍କ ମୃତ୍ୟୁ ଘଟିଛି । ଘଟଣାଟି ସୁଲତାନଗଞ୍ଜ ଥାନା ଅଞ୍ଚଳର ତରୈଟା ବହିଆର ଏକ ପୋଖରୀରେ ଘଟିଛି । ମୃତକଙ୍କ ମଧ୍ୟରେ ୩ ଜଣ ପୁଅ ଓ ୩ ଜଣ ଝିଅ ରହିଛନ୍ତି । ପୋଖରୀରେ ପିଲାମାନେ ଗାଧୋଉଥିବା ବେଳେ ଏଭଳି ଅଘଟଣ ଘଟିଛି । ଖବର ସୂଚନା ମିଳିବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକାକୂଳ ପରିବେଶ ଦେଖାଦେଇଛି । ସୂଚନା ଅନୁସାରେ, କରମା-ଧରମା ପର୍ବ ଅବସରରେ ଏହି ଶିଶୁମାନେ ଏକାଠି ହୋଇ ପୋଖରୀରେ ଗାଧୋଇବାକୁ ଯାଇଥିଲେ । ସେମାନେ ପୋଖରୀରେ ଥିବା ସମୟରେ ହଠାତ୍ ଜଣେ ଶିଶୁ ଗଭୀର ପାଣିକୁ ଚାଲିଯାଇଥିଲେ । ତାଙ୍କୁ ବୁଡ଼ିଯାଉଥିବା ଦେଖି ଅନ୍ୟ ଶିଶୁମାନେ ତାଙ୍କୁ ବଞ୍ଚାଇବାକୁ ପାଣି ଭିତରକୁ ଯାଇଥିଲେ । ଏହାପରେ ଜଣକ ପରେ ଜଣେ ପାଣିରେ ବୁଡ଼ିଯାଇଥିବା ଜଣାପଡ଼ିଛି ।

ଘଟଣା ସମ୍ପର୍କରେ ଜଣାପଡ଼ିବା ପରେ ବହୁ ସଂଖ୍ୟାରେ ଗ୍ରାମବାସୀ ଓ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକେ ଉଦ୍ଧାର କରି ସମସ୍ତ ଶିଶୁଙ୍କୁ ପୋଖରୀରୁ ବାହାର କରିଥିଲେ। ପରେ ପୋଲିସ ଓ ପ୍ରଶାସନିକ ଅଧିକାରୀମାନେ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଥିଲେ ।

ଉଦ୍ଧାର କରାଯାଇଥିବା ସମସ୍ତ ଶିଶୁଙ୍କୁ ତୁରନ୍ତ ରେଫରାଲ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତରମାନେ ପରୀକ୍ଷା କରି ସମସ୍ତ ୬ ଜଣଙ୍କୁ ମୃତ ଘୋଷଣା କରିଥିଲେ । ମୃତ ଶିଶୁମାନଙ୍କ ପରିଚୟ ମିଳିଛି । ଜ୍ୟୋତି କୁମାରୀ, ମୀନାକ୍ଷୀ କୁମାରୀ, ଆୟୁଷ କୁମାର, ରାହୁଲ କୁମାର, ପୂଜା କୁମାରୀ ଏବଂ ବିକାଶ କୁମାର ଭାବେ ଜଣାପଡ଼ିଛି । ସମସ୍ତେ ବିଷ୍ଣୁ ଟୋଲା ଅଞ୍ଚଳର ବାସିନ୍ଦା ଏବଂ ଭିନ୍ନ ଭିନ୍ନ ପରିବାରର ବୋଲି ଜଣାପଡ଼ିଛି ।

## ହୁତିଙ୍କ ଉପରେ ଆକ୍ରମଣରୁ ଶେଷ ମୁହୂର୍ତ୍ତରେ ଓହରିଲା ଆମେରିକା



ୱାସିଂଟନ: ୟେମେନରେ ଇରାନ-ସମର୍ଥିତ ହୁତିଙ୍କ ବିରୋଧରେ ଆମେରିକା ପ୍ରସ୍ତାବିତ ବିମାନ ଆକ୍ରମଣକୁ ଶେଷ ମୁହୂର୍ତ୍ତରେ ସ୍ଥଗିତ କରିଛି। ରିପୋର୍ଟ ଅନୁଯାୟୀ, ଆକ୍ରମଣ ପାଇଁ ଟାର୍ଗେଟ୍ ତାଲିକା ଅନୁମୋଦନ ହୋଇସାରିଥିଲା ଏବଂ ଯୁଦ୍ଧବିମାନରେ ବୋମା ଲୋଡ୍ କରାଯାଉଥିଲା। ଏହି ସମୟରେ ରବିବାର ଟ୍ରମ୍ପ ଆକ୍ରମଣ ନ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହାର କିଛି ଦିନ ପୂର୍ବରୁ ଟ୍ରମ୍ପ ତାଙ୍କ ପରାମର୍ଶଦାତାଙ୍କୁ ହୁତିଙ୍କ ବିରୋଧରେ ସାଉଦି ଆରବର ଯୁଦ୍ଧରେ ସିଧାସଳଖ ହସ୍ତକ୍ଷେପ ନ କରିବା କଥା କହିଥିଲେ। କିନ୍ତୁ ଗୁରୁବାର ସାଉଦି ଯୁବରାଜ ମହମ୍ମଦ ବିନ୍ ସଲମାନଙ୍କ ଫୋନ୍ ପରେ ପେଣ୍ଟାଗନକୁ ଆକ୍ରମଣ ପାଇଁ ପ୍ରସ୍ତୁତ ହେବାକୁ କହିଥିଲେ। ହୁତିମାନେ ଲୋହିତ ସାଗର ଅଞ୍ଚଳରେ ନିଜ ନିୟନ୍ତ୍ରଣ ବଢ଼ାଉଥିବାରୁ ସାଉଦି ଆରବ ଆମେରିକାର ସାମରିକ ସହାୟତା ଲୋଡ଼ିଥିଲା। ତେବେ ଟ୍ରମ୍ପଙ୍କ ଘନିଷ୍ଠ ପରାମର୍ଶଦାତାଙ୍କ ମଧ୍ୟରୁ ଅନେକେ ହୁତିଙ୍କ ବିରୋଧରେ ଆକ୍ରମଣକୁ ବିରୋଧ କରିଥିଲେ।

ଇରାନ ସହ ଚାଲିଥିବା ଯୁଦ୍ଧ ମଧ୍ୟରେ ୟେମେନରେ ଆଉ ଏକ ଯୁଦ୍ଧମୋର୍ଚ୍ଚା ଖୋଲିବା ନେଇ ସେମାନେ ପ୍ରଶ୍ନ ଉଠାଇଥିଲେ। ହ୍ୱାଇଟ୍ ହାଉସ୍ ଟ୍ରମ୍ପଙ୍କ ନିଷ୍ପତ୍ତି ପରିବର୍ତ୍ତନ ନେଇ କୌଣସି ଆଧିକାରିକ ବିବୃତି ଦେଇନାହିଁ। ତେବେ ଜଣେ ଆମେରିକୀୟ ଅଧିକାରୀ କହିଛନ୍ତି, ସାଉଦି ଆରବ ସହ ଆମେରିକାର ପ୍ରତିରକ୍ଷା ସହଯୋଗ ରହିଛି ଏବଂ ସହଯୋଗୀଙ୍କ ସୁରକ୍ଷା ପାଇଁ ଆମେରିକା ପ୍ରତିବଦ୍ଧ। ଟ୍ରମ୍ପ କହିଛନ୍ତି, ହୁତିମାନେ ଆମେରିକା ବିରୋଧରେ ଆକ୍ରମଣ ନ କରିବାକୁ ସଙ୍କେତ ଦେଇଛନ୍ତି ଏବଂ ଆମେରିକା ସେମାନଙ୍କ ସହ ଯୋଗାଯୋଗରେ ଅଛି । ଅନ୍ୟପକ୍ଷେ, ସାଉଦି ଆରବ ଉପରେ ହୁତିଙ୍କ ଆକ୍ରମଣ ଜାରି ରହିଥିବାରୁ ରିୟାଦ ଉପରେ ଚାପ ବଢ଼ିଛି। ଏହି ପରିସ୍ଥିତିରେ ଟ୍ରମ୍ପ ଇରାନ ପ୍ରସଙ୍ଗରେ ମଧ୍ୟ ଶୀଘ୍ର ବଡ଼ ନିଷ୍ପତ୍ତି ନେଇପାରନ୍ତି ବୋଲି ରିପୋର୍ଟରେ କୁହାଯାଇଛି।

## ପଞ୍ଜାବୀ ୟୁଟ୍ୟୁବର୍ ମନି ସୋକର୍ ଗିରଫ

ଜଳନ୍ଧର: ବେଆଇନ ଅସ୍ତ୍ର ରଖିବା ଓ କାରବାର ସନ୍ଦେହରେ ପଞ୍ଜାବୀ ୟୁଟ୍ୟୁବର୍ ମନପ୍ରୀତ ସିଂହ ଓରଫ୍ ମନି ସୋକର୍‌ଙ୍କ ସମେତ ୩ ଜଣଙ୍କୁ ପୁଲିସ ଗିରଫକରିଛି। ସେମାନଙ୍କଠାରୁ ୫ଟି ବିଦେଶୀ ପିସ୍ତଲ ଓ ୫ଟି ଜୀବନ୍ତ ଗୁଳି ଜବତ ହୋଇଛି। ବେଆଇନ ଅସ୍ତ୍ର ଯୋଗାଣରେ ଜଡିତ ଏକ ସନ୍ଦିଗ୍ଧ ଗ୍ୟାଙ୍ଗ ବିରୋଧରେ ଚାଲିଥିବା ସ୍ୱତନ୍ତ୍ର ଅଭିଯାନ ସମୟରେ ଏହି କାର୍ଯ୍ୟାନୁଷ୍ଠାନ ହୋଇଛି। ଅନ୍ୟ ଦୁଇ ଗିରଫ ଅଭିଯୁକ୍ତ ହେଲେ ଦିଲପ୍ରୀତ ସିଂହ ଓ ମେହର୍ ସିଂହ ଓରଫ୍ ପ୍ରିନ୍ସ। ପୁଲିସ ସୂଚନା ଅନୁଯାୟୀ, ସେପ୍ଟେମ୍ବର ୧୮ରେ ଜାଣ୍ଡିଆଲା ମୋଡ଼ ନିକଟରେ ଯାନବାହନ ଯାଞ୍ଚ ବେଳେ ଏକ ମହୀନ୍ଦ୍ରା ସ୍କର୍ପିଓକୁ ଅଟକାଯାଇଥିଲା। ଯାଞ୍ଚସମୟରେ ଗାଡ଼ିରେ ଥିବା ମନପ୍ରୀତ ଜଣେ ପୁଲିସ ଅଧିକାରୀଙ୍କ ଉପରକୁ ଗୁଳି ଚଳାଇବାକୁ ଉଦ୍ୟମ କରିଥିବା ଏବଂ ପରେ ଦୁଇ ରାଉଣ୍ଡ ଗୁଳି ଫୁଟିଥିବା ପୁଲିସ କହିଛି। ଏଥିରୁ ଗୁଳି ନିକଟସ୍ଥ ଏକ ଭୋଜନାଳୟର କାନ୍ଥରେ ବାଜିଥିଲା। ପୁଲିସ ଉଭୟ ମନପ୍ରୀତ ଓ ଡ୍ରାଇଭର ଦିଲପ୍ରୀତଙ୍କୁ କାବୁ କରିଥିଲା। ପରେ ମନପ୍ରୀତଙ୍କୁ ଜେରା କରାଯିବା ସମୟରେ ଆଉ ୪ଟି ପିସ୍ତଲ ଓ ୨ଟି ଜୀବନ୍ତ ଗୁଳି ଜବତ ହୋଇଥିଲା। ଏହାକୁ ମିଶାଇ ମୋଟ ୫ଟି ପିସ୍ତଲ ଓ ୫ଟି ଜୀବନ୍ତ ଗୁଳି ଜବତ ହୋଇଛି। ଏହି ମାମଲାରେ ସେପ୍ଟେମ୍ବର ୧୯ରେ ମନପ୍ରୀତ ଓ ଦିଲପ୍ରୀତଙ୍କୁ ଏବଂ ୨୦ରେ ମେହର୍‌ଙ୍କୁ ଗିରଫ କରାଯାଇଥିଲା। ଜବତ ଅସ୍ତ୍ର କେଉଁଠାରୁ ଆସିଥିଲା ଏବଂ ଏହାର ଯୋଗାଣ ନେଟୱର୍କରେ ଆଉ କେଉଁମାନେ ଜଡିତ, ସେ ନେଇ ପୁଲିସ ତଦନ୍ତ ଜାରି ରଖିଛି।

# ୭୦୦ ଗ୍ରାମ ଓଜନ ପାଇଁ ଭାଙ୍ଗିଗଲା ସୁଚିକାଙ୍କ ସ୍ୱର୍ଣ୍ଣ ସ୍ୱପ୍ନ

ନୂଆଦିଲ୍ଲୀ, ୨୧।୯: ଭାରତୀୟ ମିକ୍ସଡ ମାର୍ଶଲ ଆର୍ଟସ ବା ଏମଏମଏ ଚେହେରା ଭାବେ ଉଭୟ ହୋଇଛନ୍ତି ସୁଚିକା ତାରିୟାଲ। ସେ ଏସିଆନ ଗେମ୍ସର ମହିଳା ୬୦ କେଜି ବର୍ଗରେ ଦେଶ ପାଇଁ ଜିତିଛନ୍ତି ଐତିହାସିକ ବ୍ରୋଞ୍ଜ ପଦକ। ହେଲେ ଗୋଟିଏ ନିୟମ ପାଇଁ ସୁଚିକାଙ୍କ ସ୍ୱର୍ଣ୍ଣ ପଦକ ସ୍ୱପ୍ନ ଚୁରମାର ହୋଇ ଯାଇଛି। ସେ ପ୍ରଚଳିତ ନିୟମ ଯୋଗୁ ସ୍ୱର୍ଣ୍ଣ ପଦକ ମୁକାବିଲା ଖେଳିବାରୁ ବଞ୍ଚିତ ହୋଇଛନ୍ତି। ସୁଚିକାଙ୍କୁ ସିଙ୍ଗାପୁରର ହୁଇ ହୁନ ଟେଓ ଅତ୍ୟନ୍ତ ରୋମାଞ୍ଚକର ମୁକାବିଲାରେ ହରାଇ ଦେଇଛନ୍ତି।

ସୋମବାର ସକାଳେ ଖେଳା ଯାଇଥିବା ସେମିରେ ସୁଚିକା ଓ ଟେଓ ସେମାନଙ୍କ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ସେମାନଙ୍କ ଲଢ଼େଇ ଦେଖି ଜଜମାନେ ମଧ୍ୟ କାହା ସପକ୍ଷରେ ନିଷ୍ପତ୍ତି ଦେବେ, ତା'କୁ ନେଇ ଦ୍ୱନ୍ଦ୍ୱରେ ପଡିଥିଲେ। ସୁଚିକା ନିଜର ଜୁଡୋ ଖେଳର କଳା ଦେଖାଇ ପ୍ରତିପକ୍ଷ ଟେଓଙ୍କୁ ତଳେ ପକାଇ ଜବରଦସ୍ତ ମୁଥ ମାରିଥିଲେ। ତେବେ ଟେଓ ଏହାକୁ କୌଣସି ପ୍ରକାରର ନିୟନ୍ତ୍ରଣ କରି ନେଇଥିଲେ। ଏଥିଯୋଗୁ ପ୍ରଥମ ରାଉଣ୍ଡ ସିଙ୍ଗାପୁର ଷ୍ଟାର ଟେଓଙ୍କ ସପକ୍ଷରେ ଯାଇଥିଲା।

ଦ୍ୱିତୀୟ ରାଉଣ୍ଡରେ ସୁଚିକା କମବ୍ୟାକ କରିଥିଲେ। ବେଶ ଚମତ୍କାର ଢଙ୍ଗରେ ଦ୍ୱିତୀୟ ରାଉଣ୍ଡକୁ ଜିତି ନେଇଥିଲେ। ଫଳରେ ମ୍ୟାଚ୍ ତୃତୀୟ ରାଉଣ୍ଡକୁ ଯାଇଥିଲା। ଏହି ରାଉଣ୍ଡରେ ଦୁଇ ଖେଳାଳି ପରସ୍ପରକୁ କଡା ଟକ୍କର ଦେଇଥିଲେ।ମୁକାବିଲା ପୂରା କାଣ୍ଟେକି ଟକ୍କର ହୋଇଥିଲା। କିନ୍ତୁ ଶେଷରେ ଜଜମାନେ ଟେଓଙ୍କ ସପକ୍ଷରେ ରାୟ ଦେଇଥିଲେ। ଏହାକୁ ସୁଚିକା ବିରୋଧ କରିଥିଲେ। ଏପରି କି ସେ ମ୍ୟାଟକୁ ମଧ୍ୟ ଯାଇ ନଥିଲେ। ଲଢେଇ ଶେଷ ହେବା ପରେ ଏମଏମଏ ଫେଡରେସନ ଏଥିରେ ହସ୍ତକ୍ଷେପ କରିଥିଲା। ରେଲ୍ଟକୁ ପରାଜୟରୁ ଟାଇ କରିବାକୁ ୧୦୦୦ ଡଲାର ପେଁଠକ କରାଯାଇଥିଲା। ପାରମ୍ପରିକ ଭାବେ ୩ ଜଣ ବିଚାରପତି ରୁହନ୍ତି, କିନ୍ତୁ ବାସ୍ତବରେ ଭାରତର ଆବେଦନର ବିଚାର ୧୦ ଜଣ ଜଜ କରିଥିଲେ।



ଜଜମାନେ ତନତନ କରି ଭିଡିଓ ଫୁଟେଜ ଯାଞ୍ଚ କରିବା ପରେ ରେଜଲ୍ଟ ଟାଇ ହୋଇଥିବା ଘୋଷଣା କରିଥିଲେ। କିନ୍ତୁ ଏହି ସମୟରେ ଏମଏଲଏ ପାଇଁ ପ୍ରଚଳିତ ନିୟମ ଲାଗୁ ହୋଇଥିଲା। ସୁଚିକାଙ୍କ ଠାରୁ ଟେଓଙ୍କ ଓଜନ ୭୦୦ ଗ୍ରାମ କମ ଥିବାରୁ ନିୟମ ଅନୁସାରେ ତାଙ୍କୁ ସେମି ଫାଇନାଲରେ ବିଜେତା ଘୋଷଣା କରାଯାଇଥିଲା।

ଏସିଆନ ଏମଏମଏ ନିୟମର ସ୍ପଷ୍ଟ ଭାବେ କୁହାଯାଇଛି ଯେ ସମୟ ଓ ଅତିରିକ୍ତ ସମୟରେ ଟାଇ ସ୍ଥିତି ସୃଷ୍ଟି ହେଲେ ପ୍ରଥମେ ବିଜେତା ଚୟନ ପାଇଁ ସେମାନଙ୍କୁ ମିଳିଥିବା ଚେତାବନୀର ବିଚାର କରାଯିବ।

ଯଦି ଉଭୟ ଖେଳାଳି ସମାନ ଚେତାବନୀ ପାଇଛନ୍ତି, ତା'ହେଲେ ସେମାନଙ୍କୁ ଦିଆଯାଇଥିବା ପରାମର୍ଶର ବିଚାର ଫେଡରେସନ କରିବ। ଯଦି ଖେଳାଳିଙ୍କୁ ସମାନ ପରାମର୍ଶ ମିଳିଛି, ତା'ହେଲେ ଲଢ଼ ପୂର୍ବରୁ ସେମାନଙ୍କର ଓଜନକୁ ବିଚାରକୁ ନିଆଯିବ।

ଲଢ଼ ପୂର୍ବରୁ ଯଦି ସେମାନଙ୍କ ଓଜନ ପୂରା ସମାନ ରହିଛି, ତା'ହେଲେ ଲଢ଼ ପରର ଓଜନ ଦେଖାଯିବ। ଯଦି ଏହା ମଧ୍ୟ ସମାନ ଆସିବ, ତା'ହେଲେ ୩ ଜଣ ସହାୟକ ରେଫରୀ ପତାକା ଦେଖାଇ ବିଜେତାଙ୍କୁ ଘୋଷଣା କରିବେ।

ଆଜିର ଘଟଣାରେ ସୁଚିକାଙ୍କ ଓଜନ ଦେଖାଯାଇଥିଲା। ଏହି ସମୟରେ ତାଙ୍କ ଓଜନ ପ୍ରତିପକ୍ଷ ଟେଓଙ୍କ ତୁଳନାରେ ୭୦୦ ଗ୍ରାମ ଅଧିକ ଥିବା ଜଣା ପଡିଥିଲା। ଏଥିଯୋଗୁ ମ୍ୟାଚ୍‌କୁ ଟେଓ ଓଜନ ହିସାବରେ ବିଜେତା ହୋଇଛନ୍ତି। ଓଜନ ଯୋଗୁ ୩୬ ବର୍ଷୀୟ ସୁଚିକା ମ୍ୟାଚ୍ ହାରି ଯାଇଛନ୍ତି ସତ, କିନ୍ତୁ ସେ ଭାରତୀୟ ଏମଏମଏ ଯୋଦ୍ଧାଙ୍କ ପାଇଁ ନୂଆ ସମ୍ଭାବନା ସୃଷ୍ଟି କରିପାରିଛନ୍ତି।

## ୧୩ ବର୍ଷୀୟ ସ୍କୁଲ ଛାତ୍ରୀ ଜିତିଲେ ସ୍ୱର୍ଣ୍ଣ

ଟୋକିଓ, ୨୧।୯: ବୟସ ମାତ୍ର ୧୩। ସ୍କୁଲରେ ପାଠ ପ?ୁଛନ୍ତି। ହେଲେ ଏସିଆ ମହାଦେଶର ସବୁଠାରୁ ବଡ କ୍ରୀଡା ମହାକୁମ୍ଭରେ ବଡବଡ ଖେଳାଳିଙ୍କୁ ଦେଇଛି ଚକମା। ମାତ୍ର ୧୩ ବର୍ଷ ବୟସରେ ଚାଇନାର ୟୁ ଜିଦି ବନି ଯାଇଛନ୍ତି ଏସିଆନ ଗେମ୍ସ ଚାମ୍ପିୟନ। ଏହି ସୁଇମର୍? ଜଣଙ୍କ ଏସିଆନ ଗେମ୍ସରେ ରେକର୍ଡ ସୃଷ୍ଟି କରି ମହିଳା ୨୦୦ ମିଟର ବଟରଫ୍ଲାଏରେ ହାସଲ କରିଛନ୍ତି ସ୍ୱର୍ଣ୍ଣ ପଦକ। ୧୩ ବର୍ଷୀୟ ସ୍କୁଲ ଛାତ୍ରୀ ଜଣଙ୍କ କେବଳ ସ୍ୱର୍ଣ୍ଣ ଜିତି ନାହାନ୍ତି, ବରଂ ଏସିଆନ ଗେମ୍ସ ରେକର୍ଡକୁ ମଧ୍ୟ ଭାଙ୍ଗି ଦେଇଛନ୍ତି। ସେ ମାତ୍ର ୨.୦୫.୦୮ ସମୟସୀମା ମଧ୍ୟରେ ନିଜର ରେସ କରିଛନ୍ତି। ଦ୍ୱିତୀୟ ସ୍ଥାନରେ ଥିବା ଟାଙ୍ଗ ମୋହନଙ୍କ ଟାଇମିଂ ଠାକୁ ଏହା ୩ ସେକେଣ୍ଡ କମ। ୟୁ ଜିଦିଙ୍କ ପୂର୍ବରୁ ଏସିଆନ ଗେମ୍ସରେ ଏତେ କମ ସମୟରେ କେହି ବି ୨୦୦ ମିଟର ବଟରଫ୍ଲାଏ ରେସ୍? ଶେଷ କରିନଥିଲେ। ଏବେ ୟୁ ନୂଆ ରେକର୍ଡ ସୃଷ୍ଟି କରିଛନ୍ତି।

# ଜହିର ଖାନ ସିଏସ୍‌କେର ମୁଖ୍ୟ କୋଚ୍

ଚେନ୍ନାଇ, ୨୧।୯: ଆସନ୍ତା ୨୦୨୭ ଆଇପିଏଲ ପୂର୍ବରୁ ବଡ ଘୋଷଣା କରିଛି ଚେନ୍ନାଇ ସୁପର କିଙ୍ଗସ। ଭାରତୀୟ କ୍ରିକେଟ ଟିମର ପୂର୍ବତନ ଦ୍ରୁତ ବୋଲର ଜହିର ଖାନ ହୋଇଛନ୍ତି ଚେନ୍ନାଇ ସୁପର କିଙ୍ଗସର ନୂଆ ମୁଖ୍ୟ କୋଚ୍। ୨୦୧୧ ଦିନିକିଆ ବିଶ୍ୱକପ ଜିତିଥିବା ଦଳରେ ଜହିର ଖାନ ରହିଥିଲେ।

କିଛି ଦିନ ତଳେ ଷ୍ଟେଫେନ ଫ୍ଲେମିଂ ଚେନ୍ନାଇ ସୁପର କିଙ୍ଗସ ମୁଖ୍ୟ କୋଚ ପଦ ଛାଡିଥିଲେ। ଫ୍ଲେମିଂ ୨୦୦୮ରେ ଆଇପିଏଲ୍‌ର ପ୍ରଥମ ସଂସ୍କରଣରେ ଖେଳାଳି ଭାବେ ଚେନ୍ନାଇ ସହ ଯୋଗ ଦେଇଥିଲେ। ପରବର୍ତ୍ତୀ ବର୍ଷ ଅର୍ଥାତ ୨୦୦୯ରେ ସେ ମୁଖ୍ୟ କୋଚ୍ ଦାୟିତ୍ୱ ଗ୍ରହଣ କରିଥିଲେ। ପରବର୍ତ୍ତୀ ୧୮ ବର୍ଷ ଧରି ସେ ମୁଖ୍ୟ କୋଚ ହୋଇ ରହିଥିଲେ।



ତାଙ୍କ ନେତୃତ୍ୱରେ ସିଏସକେ ୫ଟି ଆଇପିଏଲ୍ ଟାଇଟଲ୍ ଜିତିଥିବା ବେଳେ ୨ଟି ଚାମ୍ପିଅନ୍ସ ଲିଗ୍ ଟି-୨୦ ଟ୍ରଫି ସହ ୧୨ଥର ପ୍ଲେଅଫ୍‌ରେ ଓ ୧୦ଥର ଫାଇନାଲ୍‌ରେ ପହଞ୍ଚିଥିଲା। ମହେନ୍ଦ୍ର ସିଂହ ଧୋନି ଓ ଫ୍ଲେମିଂଙ୍କ ଯୋଡିଙ୍କୁ ନେଇ ସେହି ସମୟରେ ବେଶ ଚର୍ଚ୍ଚା ହେଉଥିଲା।

ତେବେ ୨୦୨୩ରେ ପଞ୍ଚମ ଆଇପିଏଲ୍ ଟାଇଟଲ୍ ଜିତିବା ପରଠାରୁ ଚେନ୍ନାଇର ପ୍ରଦର୍ଶନ ତଳକୁ ଖସିବାରେ ଲାଗିଥିଲା। ଗତ ତିନିଟି ସଂସ୍କରଣରେ ଦଳ ପ୍ଲେଅଫ୍‌ରେ ପହଞ୍ଚିବାରେ ବିଫଳ ହୋଇଛି। ୨୦୨୫ରେ ପ୍ରଥମ ଥର ପାଇଁ ସିଏସକେ ପଏଣ୍ଟ ଟେବୁଲ୍‌ର ସର୍ବନିମ୍ନ ସ୍ଥାନରେ ରହିଥିଲା। ଚଳିତ ବର୍ଷ ୧୦ ଦଳ ବିଶିଷ୍ଟ ଟୁର୍ଣ୍ଣାମେଣ୍ଟରେ ଅଷ୍ଟମ ସ୍ଥାନରେ ଅଭିଯାନ ଶେଷ କରିଥିଲା। ଏବେ ଜହିର ଖାନଙ୍କ କୋଚିଂରେ ଚେନ୍ନାଇ ତା'ର ୨୦୨୭ ଅଭିଯାନ ଆରମ୍ଭ କରିବ। ଚେନ୍ନାଇର ମୁଖ୍ୟ କୋଚ୍ ହେବା ପୂର୍ବରୁ ଜହିର ଖାନ ଏକାଧିକ ଆଇପିଏଲ ଫ୍ରାଞ୍ଚାଇଜ ସହ କାମ କରି ସାରିଛନ୍ତି।

ସେ ମୁମ୍ବାଇ ଇଣ୍ଡିଆନ୍ସ, ଦିଲ୍ଲୀ କ୍ୟାପିଟାଲ୍ସ ଓ ନିକଟରେ ଲକ୍ଷ୍ନୌ ସୁପର ଜାଏଣ୍ଟସ ସହ ଯୋଡି ହୋଇ ରହିଥିଲେ। ଏବେ ତାଙ୍କ ୟେଲୋ ବାହିନୀରେ ଦେଖିବାକୁ ମିଳିବ। ସେ ଏବେ ମହେନ୍ଦ୍ର ସିଂହ ଧୋନିଙ୍କ ସହ ମିଶି ଆଇପିଏଲରେ ଚେନ୍ନାଇ ପାଇଁ କାମ କରିବେ।

୨୦୧୭ରେ ଜହିର ଖାନ ପ୍ରାରମ୍ଭିକ ପର୍ଯ୍ୟାୟରେ ଭାରତର ବୋଲିଂ କୋଚ ଭାବେ ନିଯୁକ୍ତି ପାଇଥିଲେ। ଏହି ସମୟରେ ଅନୀଲ କୁମ୍ବଲେ କୋଚ ରହିଥିଲେ। କିନ୍ତୁ ରବି ଶାସ୍ତ୍ରୀ ମୁଖ୍ୟ କୋଚ ହେବା ପରେ ଜହିର ଖାନଙ୍କୁ ବୋଲିଂ ପରାମର୍ଶଦାତା ଭାବେ ଦାୟିତ୍ୱ ମିଳିଥିଲା। ଭାରତ ପାଇଁ ଜହିର ଖାନ ୯୨ଟି ଟେଷ୍ଟ, ୨୦୦ ଦିନିକିଆ ଓ ୧୭ଟି ଟି-୨୦ ଖେଳିଛନ୍ତି। ୨୦୧୧ ଦିନିକିଆ ବିଶ୍ୱକପରେ ସେ ୨୧ଟି ୱିକେଟ ନେଇଥିଲେ। ଆଇପିଏଲରେ ସେ ମୁମ୍ବାଇ ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ପାଇଁ ମଧ୍ୟ ମ୍ୟାଚ୍ ଖେଳିଛନ୍ତି।

## କଳିଙ୍ଗ ଷ୍ଟାଡିୟମରେ ରାଜ୍ୟ ପୁଲିସ ହକି ଚାମ୍ପିଅନସିପ୍ ଆରମ୍ଭ

ଭୁବନେଶ୍ୱର: ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଆଜି (ସୋମବାର) ୭୬ତମ ରାଜ୍ୟ ପୋଲିସ ହକି ଚାମ୍ପିଅନସିପ୍-୨୦୨୬ର ଶୁଭାରମ୍ଭ ହୋଇଛି। ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ତଥା ପୂର୍ବତନ ଆଇପିଏସ୍ ଅଧିକାରୀ ପ୍ରକାଶ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଛନ୍ତି। ଏହି ଚାମ୍ପିଅନସିପ୍‌ରେ ରାଜ୍ୟର ବିଭିନ୍ନ ରେଞ୍ଜ ଓ ବାଟାଲିଅନରୁ ୧୮ଟି ପୋଲିସ ଦଳର ୩୬୦ ଜଣ ଖେଳାଳି ଅଂଶଗ୍ରହଣ କରୁଛନ୍ତି। ପ୍ରତିଯୋଗିତା ଆସନ୍ତା ୨୫ ସେପ୍ଟେମ୍ବର ପର୍ଯ୍ୟନ୍ତ ଚାଲିବ। ଚାମ୍ପିଅନସିପ୍‌ର ପ୍ରଥମ ଦିନରେ ଅନୁଷ୍ଠିତ ମ୍ୟାଚ୍‌ଗୁଡ଼ିକରେ କମିଶନରେଟ୍-ବି ୬-୦ ଗୋଲ୍‌ରେ କୋରାପୁଟ ଜିଲ୍ଲାକୁ ପରାସ୍ତ କରିଥିଲା। ସେହିପରି ବ୍ରହ୍ମପୁର ଜିଲ୍ଲା ୩-୧ ଗୋଲ୍‌ରେ ଓଏସ୍‌ଏପି ୮ମ ବାଟାଲିୟନ୍, ଛତ୍ରପୁରକୁ ପରାସ୍ତ କରିଥିଲା। ଅନ୍ୟ ଏକ ମ୍ୟାଚ୍‌ରେ ୪ର୍ଥ ଆଇଆର୍ ବାଟାଲିୟନ୍, ଦେବଗଡ଼ ପେନାଲ୍ଟି ସୁଟ୍‌ଆଉଟ୍‌ରେ ୪-୨ ଗୋଲ୍‌ରେ ଓଏସ୍‌ଏପି ୩ୟ ବାଟାଲିୟନ୍, କୋରାପୁଟକୁ ପରାସ୍ତ କରିଥିବା ବେଳେ ଓଏସ୍‌ଏପି ୪ର୍ଥ ବାଟାଲିୟନ୍, ରାଉରକେଲା ୪-୦ ଗୋଲ୍‌ରେ ଓଆଇଏସ୍‌ଏଫ୍, ଭୁବନେଶ୍ୱରକୁ ପରାସ୍ତ କରିଥିଲା।

## ଟେବୁଲ ଟେନିସରେ ଭାରତର ଦମଦାର ପ୍ରଦର୍ଶନ

# ପାକିସ୍ତାନକୁ ହରାଇଲେ ପୁରୁଷ ଓ ମହିଳା ଦଳ

ନୂଆଦିଲ୍ଲୀ, ୨୧।୯: ଜାପାନର ଆଇଚି-ନାଗୋୟାରେ ଚାଲିଥିବା ଏସିଆନ ଗେମ୍ସର ଟେବୁଲ ଟେନିସରୁ ଆସିଛି ବଡ ଖବର। ମହିଳାଙ୍କ ଭଳି ଭାରତୀୟ ପୁରୁଷ ଟିମ ମଧ୍ୟ ଚୀରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଚିତପଟାଙ୍ଗ କରିଛନ୍ତି।

ସୋମବାର ସକାଳେ ଭାରତୀୟ ମହିଳା ଟିମ ଏକତରଫା ଭାବେ ପାକିସ୍ତାନକୁ ୩-୦ ଗୋଲରେ ପରାସ୍ତ କରିଥିଲେ। ଅପରାହ୍ନରେ ଭାରତୀୟ ପୁରୁଷ ଟିମ ମଧ୍ୟ ପାକିସ୍ତାନ ବିପକ୍ଷରେ ଦମ ଦେଖାଇଛି। ପୁରୁଷ ଟିମ ବି ପାକିସ୍ତାନକୁ ଏକତରଫା ଭାବେ ୩-୦ରେ ହରାଇ ଦେଇଛି।




ପୁରୁଷ ଟେବୁଲ ଟେନିସର ଏହି ଟିମ ଇଭେଣ୍ଟରେ ଭାରତ ପାଇଁ ପ୍ରଥମ ମୈଦାନକୁ ଓହ୍ଲାଇଥିଲେ ହରମିତ ଦେଶାଇ। ତାଙ୍କର ମୁକାବିଲା ପାକିସ୍ତାନର ମହମ୍ମଦ ଖାନଙ୍କ ସହ ହୋଇଥିଲା। ଏହି ମୁକାବିଲାକୁ ହରମିତ ବିନା କୌଣସି ପରିଶ୍ରମରେ ବେଶ ସହଜରେ ଜିତି ନେଇଥିଲେ। ସେ ୧୧-୪, ୧୧-୩ ଓ ୧୧-୫ରେ ଗେମ ଜିତି ସ୍ଥିତିକୁ ୧-୦ କରି ଦେଇଥିଲେ।

ଏହାପରେ ଦ୍ୱିତୀୟ ମୁକାବିଲା ଖେଳିବାକୁ ଓହ୍ଲାଇଥିଲେ ଅଭିଜ୍ଞ ସତିୟାନ ଗଣଶେଖରନ। ତାଙ୍କର ମୁକାବିଲା ଆବ୍ୱାସ ଖାନଙ୍କ ସହ ହୋଇଥିଲା। ସେ ଏହାକୁ ୧୧-୧, ୧୧-୮ ଓ ୧୧-୯ରେ ଜିତି ନେଇଥିଲେ। ଫଳରେ ଭାରତ ୨-୦ରେ ଆଗୁଆ ହୋଇ ଯାଇଥିଲା।

୨-୦ ପଛରେ ଥିବା ପାକିସ୍ତାନକୁ ଏହି ଗେମକୁ ଯେମିତି ହେଲେ ଜିତିବାର ଥିଲା। ନିଜର ସମ୍ମାନ ପାଇଁ ଦଳ ଲଢେଇ କରିବାକୁ ଚାହିଁଥିଲା। ଏଥର ପାକିସ୍ତାନର ମହମ୍ମଦ ଖାନଙ୍କୁ ମୈଦାନକୁ ଛାଡିଥିବା ବେଳେ ତାଙ୍କ ସାମ୍ନାରେ ଥିଲେ ଭାରତର ପୟାସ ଜୈନ। ନିଜର ଦୁଇ ସାଥୀ ଖେଳାଳିଙ୍କ ଭଳି ଜୈନ ମଧ୍ୟ କମାଲ କରିଥିଲେ। ସେ ୧୧-୪, ୧୧-୩ ଓ ୧୧-୫ରେ ଗେମ ଜିତି ନେଇଥିଲେ। ଏହି ବିଜୟ ସହ ଭାରତ ୩-୦ରେ ପାକିସ୍ତାନକୁ ହରାଇ ଦେଇଛି।

ମ୍ୟାଚ୍ ପୂର୍ବରୁ ଓ ମ୍ୟାଚ୍ ପରେ ଦୁଇ ଦେଶର ଖେଳାଳି ପରସ୍ପର ସହ ହାତ ମିଳାଇବା ମଧ୍ୟ ଦେଖିବାକୁ ମିଳିଛି। ପୂର୍ବରୁ କ୍ରିକେଟରେ ଦୁଇ ଦେଶର ଖେଳାଳି ହାତ ନ ମିଳାଇବାର ପରମ୍ପରା ଗତବର୍ଷ ଏସିଆ କପରୁ ଦେଖିବାକୁ ମିଳିଥିଲା।ହେଲେ ଟେବୁଲ ଟେନିସରେ ଏହି ପରମ୍ପରା ବଦଳିଛି। ଭାରତ ଓ ପାକିସ୍ତାନ ଖେଳାଳି ପରସ୍ପର ସହ ହାତ ମିଳାଇଛନ୍ତି। ଏହାପୂର୍ବରୁ ମହିଳା ଟିମର ଖେଳାଳିମାନେ ପରସ୍ପର ସହ ହାତ ମିଳାଇଥିଲେ। ଭାରତ ପାଇଁ ଏହି ସଫଳତା ଆଣିଛନ୍ତି ସୂତୀର୍ଥା ମୁଖାର୍ଜୀ, ସିଣ୍ଡରେଲା ଦାସ ଓ ଶ୍ରୀଜା ଅକୁଳା। ଟେବୁଲ ଟେନିସରେ ଭାରତ ଓ ପାକିସ୍ତାନ ଖେଳାଳି ହାତ ମିଳାଇଥିବା ଦେଖିବାକୁ ମିଳିଥିଲା। ପଶ୍ଚିମବଙ୍ଗର ସିଣ୍ଡରେଲା ଦାସ ଓ ସୁତୀର୍ଥା ମୁଖାର୍ଜୀ ପାକିସ୍ତାନ ଖେଳାଳିଙ୍କ ସହ ହାତ ମିଳାଇଥିଲେ। ତେବେ ଏହାକୁ ନେଇ ବିବାଦ ସୃଷ୍ଟି ହୋଇନି। କାରଣ ସବୁ ଖେଳାଳି ସେମାନଙ୍କ ପାକିସ୍ତାନୀ ପ୍ରତିଦ୍ୱନ୍ଦ୍ୱୀଙ୍କ ସହ ହାତ ମିଳାଉଛନ୍ତି।

## ଜାତୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ସିବିଏସସି ଇଷ୍ଟ ଜୋନରେ ଏପିଜୟ ସ୍କୁଲ୍‌ର ଦୁଇ ଛାତ୍ରୀ



ଖୋର୍ଦ୍ଧା, ୨୧।୯: ଏପିଜୟ ସ୍କୁଲ୍ ଭୁବନେଶ୍ୱର ପାଇଁ ଏକ ଗୌରବମୟ ମୁହୂର୍ତ୍ତ। ବିଦ୍ୟାଳୟର ସପ୍ତମ-'ଏ' ଶ୍ରେଣୀର ନବିଷ୍ଣା ବେହେରା ଓ ଅଷ୍ଟମ-'ଡି' ଶ୍ରେଣୀର ସାନ୍ଭି ମିଶ୍ର ନିଜର ଉତ୍କୃଷ୍ଟ କ୍ରିକେଟ୍ ପ୍ରଦର୍ଶନ ମାଧ୍ୟମରେ ଆଗାମୀ ସି ବି ଏସ ସି ଜାତୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ପାଇଁ ଚୟନିତ ହୋଇଛନ୍ତି।ଖୋର୍ଦ୍ଧାସ୍ଥିତ କେ ଟି ଗ୍ଲୋବାଲ ସ୍କୁଲ ରେ ଅଗଷ୍ଟ ୨୩ରୁ ୨୯ ତାରିଖ ୨୦୨୬ ପର୍ଯ୍ୟନ୍ତ ଆୟୋଜିତ ସି ବି ଏସ ସି ଫାର ଇଷ୍ଟ ଜୋନ କ୍ରିକେଟ ଟୁର୍ନାମେଣ୍ଟ ରେ ଉଭୟ ଛାତ୍ରୀ ଉତ୍କୃଷ୍ଟ ପ୍ରଦର୍ଶନ କରିଥିଲେ। ଏହାପରେ ସେମାନେ ଆଗାମୀ ଜାତୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ସି ବି ଏସ ସି ଇଷ୍ଟ ଜୋନ କୁ ପ୍ରତିନିଧିତ୍ୱ କରିବେ। ଏହି ଗୌରବମୟ ସଫଳତାରେ ଏପିଜୟ ସ୍କୁଲ୍ ମ୍ୟାନେଜମେଣ୍ଟ ଏବଂ ପ୍ରଧାନଶିକ୍ଷକ ଅତୁନ ରଥ ଅତ୍ୟନ୍ତ ଖୁସି ବ୍ୟକ୍ତ କରିଛନ୍ତି। ସେମାନେ ନବିଷ୍ଣା ବେହେରା ଓ ସାନ୍ଭି ମିଶ୍ରଙ୍କୁ ହାର୍ଦ୍ଦିକ ଅଭିନନ୍ଦନ, ଆଶୀର୍ବାଦ ଓ ଶୁଭକାମନା ଜଣାଇଛନ୍ତି। ଜାତୀୟ ମଞ୍ଚରେ ଉଭୟ ଛାତ୍ରୀ ଉତ୍କୃଷ୍ଟ ପ୍ରଦର୍ଶନ କରି ବିଦ୍ୟାଳୟର ଗୌରବ ବଢ଼ାନ୍ତୁ ବୋଲି ସେମାନେ କାମନା କରିଛନ୍ତି।ଏହି ଚୟନରେ କୋଚ୍ ଶ୍ରୀ ସନ୍ଦୀପ କୁମାର ପାଇକରାୟ ମଧ୍ୟ ଅତ୍ୟନ୍ତ ଆନନ୍ଦିତ। ନବିଷ୍ଣା ଓ ସାନ୍ଭିଙ୍କ କଠିନ ପରିଶ୍ରମ, ନିଷ୍ଠା ଓ କ୍ରୀଡ଼ା ପ୍ରତି ସମର୍ପଣ ପାଇଁ ସେ ଗର୍ବିତ ବୋଲି ।

# ହକି ଆସୋସିଏସନ୍ ଅଫ୍ ଓଡ଼ିଶାର ନିର୍ବାଚନ ସ୍ଥଗିତ

ଭୁବନେଶ୍ୱର : ହକି ଆସୋସିଏସନ୍ ଅଫ୍ ଓଡ଼ିଶା (ଏଚଏଓ)ର ନିର୍ବାଚନ ତଦାରଖ କରିବା ପାଇଁ ନିଯୁକ୍ତ ନିର୍ବାଚନ ଅଧିକାରୀ ନିର୍ବାଚନ ପ୍ରକ୍ରିୟାକୁ ସ୍ଥଗିତ ରଖିଛନ୍ତି । ଅନେକ ଜିଲ୍ଲା ୟୁନିଟ୍‌ର ଗଠନ ଓ ପ୍ରଶାସନିକ ପରିଚାଳନା ସମ୍ପର୍କିତ ଗୁରୁତର ପ୍ରଶ୍ନ ଉପରେ ସେ ହକି ଇଣ୍ଡିଆର ମାର୍ଗଦର୍ଶନ ଲୋଡ଼ିଛନ୍ତି ।

ହକି ଇଣ୍ଡିଆର ସଭାପତି ଓ ସାଧାରଣ ସମ୍ପାଦକଙ୍କ ନିକଟରେ ଦାଖଲ କରାଯାଇଥିବା ଏକ ରିପୋର୍ଟରେ, ନିର୍ବାଚନ ଅଧିକାରୀ ଅଞ୍ଜନୀ କୁମାର ମିଶ୍ର, ଆଇଏଏସ (ଅବସରପ୍ରାପ୍ତ), ପ୍ରଶ୍ନ ଉଠାଇଛନ୍ତି ଯେ ଅନେକ ସ୍ଥାୟୀ ଅନୁବନ୍ଧିତ ଜିଲ୍ଲା ୟୁନିଟ୍‌ର ପରିଚାଳନା କମିଟିଗୁଡ଼ିକ ଯଥାବିଧି, ନିରପେକ୍ଷ ଓ ଗଣତାନ୍ତ୍ରିକ ନିର୍ବାଚନ ମାଧ୍ୟମରେ ଗଠିତ ହୋଇଛି କି ନାହିଁ। ରିପୋର୍ଟରେ ଦର୍ଶାଯାଇଛି ଯେ ଅନେକ ଜିଲ୍ଲାରେ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ ଓ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀଙ୍କୁ ସଭାପତି ଏବଂ/କିମ୍ବା ସମ୍ପାଦକ ଭାବେ ଦର୍ଶାଯାଇଛି । କେତେକ କ୍ଷେତ୍ରରେ ସେମାନଙ୍କୁ "ପଦାନୁସାରେ" ପଦାଧିକାରୀ ଭାବେ ଦର୍ଶାଯାଇଛି । ଅନେକ ମାମଲାରେ ନିର୍ବାଚନ କାର୍ଯ୍ୟବିବରଣୀ ଓ ସହାୟକ ଦସ୍ତାବିଜ ଦାଖଲ କରାଯାଇନଥିବା କଥା ମଧ୍ୟ ରିପୋର୍ଟରେ ଉଲ୍ଲେଖ ରହିଛି । ଏହାସହ ନିର୍ବାଚନ ଅଧିକାରୀ କହିଛନ୍ତି ଯେ "ବର୍ତ୍ତମାନ ପ୍ରାପ୍ତ ଦସ୍ତାବିଜଗୁଡ଼ିକ ଏହା ପ୍ରମାଣିତ କରୁନାହିଁ" ଯେ ଅନେକ ଜିଲ୍ଲା ୟୁନିଟ୍‌ର ପରିଚାଳନା କମିଟିଗୁଡ଼ିକ ପ୍ରଯୁଜ୍ୟ ନିୟମାବଳୀ ଅନୁଯାୟୀ ଯଥାବିଧି ଅନୁଷ୍ଠିତ ନିର୍ବାଚନ ମାଧ୍ୟମରେ ଗଠିତ ହୋଇଛି ।

ଏହା ପରେ ରିପୋର୍ଟରେ ନିର୍ବାଚନ ମଣ୍ଡଳୀ ସମ୍ପର୍କରେ ଏକ ସିଧାସଳଖ ପ୍ରଶ୍ନ ଉଠାଯାଇଛି । ଏଥିରେ ପଚରାଯାଇଛି ଯେ ଏପରି ପଦାଧିକାରୀମାନଙ୍କ ଦ୍ୱାରା ମନୋନୀତ କିମ୍ବା ଅଧିକୃତ ପ୍ରତିନିଧିମାନଙ୍କୁ ସେମାନଙ୍କ ନିଯୁକ୍ତିର ଆଇନଗତ ଓ ପ୍ରଶାସନିକ ଆଧାର ପ୍ରଥମେ ସ୍ଥାପିତ ନକରି ଚୂଡ଼ାନ୍ତ ନିର୍ବାଚନୀ ତାଲିକାରେ ସାମିଲ କରାଯାଇପାରିବ କି ନାହିଁ । ନିର୍ବାଚନ ଅଧିକାରୀ ବିଶେଷ ଭାବେ ହକି ଇଣ୍ଡିଆର ମାର୍ଗଦର୍ଶନ ଲୋଡ଼ିଛନ୍ତି ଯେ ପଦାନୁସାରେ ନିଯୁକ୍ତ ସଭାପତି କିମ୍ବା ସମ୍ପାଦକଙ୍କ ଦ୍ୱାରା ଅଧିକୃତ ପ୍ରତିନିଧିମାନେ ଚୂଡ଼ାନ୍ତ ନିର୍ବାଚନୀ ତାଲିକାର ଅଂଶ ହୋଇପାରିବେ କି ନାହିଁ; ସରକାରୀ ପ୍ରଶାସନିକ ଅଧିକାରୀମାନଙ୍କୁ ପଦାନୁସାରେ ପଦାଧିକାରୀ ଭାବେ ନିଯୁକ୍ତ କରିବା ଏଚଏଓର ଉପନିୟମ ଓ ହକି ଇଣ୍ଡିଆର ଆବଶ୍ୟକତା ସହ ସମନ୍ୱୟପୂର୍ଣ୍ଣ କି ନାହିଁ; ଏବଂ ଏହି ପ୍ରସଙ୍ଗଗୁଡ଼ିକର ସମାଧାନ ନହେବା ପର୍ଯ୍ୟନ୍ତ ନିର୍ବାଚନ ଆଗକୁ ବଢ଼ିପାରିବ କି ନାହିଁ।

## ଆଜମଙ୍କ ଉପରେ ବର୍ଷିଲେ ଆକ୍ରମ

ଇସଲାମାବାଦ, ୨୧।୯: ବାବର ଆଜମଙ୍କ ଅଧିନାୟକତ୍ୱ ଉପରେ ପ୍ରଶ୍ନ ଉଠାଇ ୱାସିମ ଆକ୍ରମ କହିଛନ୍ତି ଯେ ଲର୍ଡସରେ ଖେଳାଯାଇଥିବା ଦ୍ୱିତୀୟ ଟେଷ୍ଟ ପରେ ହିଁ ତାଙ୍କର ତୁରନ୍ତ ପଦରୁ ଓହରିଯିବା ଉଚିତ ଥିଲା। ମାଞ୍ଚେଷ୍ଟରରେ ଏକ କାର୍ଯ୍ୟକ୍ରମରେ ୱାକାର ୟୁନିସଙ୍କ ସହ କଥାବାର୍ତ୍ତା ବେଳେ ଆକ୍ରମ ବାବରଙ୍କ ମନ୍ତବ୍ୟକୁ ଉପହାସ କରି ପଚାରିଥିଲେ, 'ଯଦି ତୁମକୁ ଦଳରେ ହେଉଥିବା ପରିବର୍ତ୍ତନ ବିଷୟରେ ଜଣା ନଥିଲା, ତେବେ ତୁମେ ସେଠାରେ କ'ଣ କରୁଥିଲ ତୁମେ କ'ଣ ସେଠାକୁ ଚଣା ବିକ୍ରି କରିବାକୁ ଯାଇଥିଲ"

# ଏସିଆନ ଗେମ୍ସ ହକି : ୧୭-୧ରେ ଜିତିଲା ଭାରତ

ନୂଆଦିଲ୍ଲୀ, ୨୧।୯: ଜାପାନରେ ଚାଲିଥିବା ଏସିଆନ ଗେମ୍ସରେ ଭାରତୀୟ ମହିଳା ହକି ଟିମ୍‌ର ବିଜୟ ଅଭିଯାନ ଜାରି। ପ୍ରଥମ ମ୍ୟାଚ୍‌ରେ ଉଜବେକିସ୍ତାନକୁ ୧୯-୦ରେ ହରାଇଥିବା ଭାରତ ଆଜି ଇଣ୍ଡୋନେସିଆ ବିପକ୍ଷରେ ପୁଣି କରିଛି ଗୋଲ ବର୍ଷା।ଭାରତୀୟ ମହିଳା ହକି ଟିମ ୧୭-୧ ଗୋଲରେ ଇଣ୍ଡୋନେସିଆକୁ ହରାଇ ଦେଇଛି। ଭାରତ ପାଇଁ ଓଡିଆ ଝିଅ ସୁନେଲିତା ଟପ୍ପ ଡବଲ ଗୋଲ କରିଛନ୍ତି। ସେହିପରି ଫରୱାଡ ଦୀପିକା ଶେରାୱତ, ଋତୁଜା ଦାଦାସୋ ପିସାଲ ଓ ନବନୀତ କୌର ମ୍ୟାଚ୍‌ରେ ହାସଲ କରିଛନ୍ତି ହ୍ୟାଟ୍ରିକ। ୟ୨୨ ବର୍ଷୀୟ ଦୀପିକା ମ୍ୟାଚ୍‌ର ୮ମ, ୨୮ତମ ଓ ୪୦ତମ ମିନିଟରେ ଗୋଲ ସ୍କର କରିଛନ୍ତି। ଉଜବେକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ସେ ୮ଟି ଗୋଲ ସ୍କର କରିଥିଲେ। ସେହିପରି ଋତୁଜା ୧୫ତମ, ୨୦ତମ ଓ ୩୮ତମ ଏବଂ ନବନୀତ ୩୫ତମ, ୫୬ତମ ଓ ୫୭ତମ ମିନିଟରେ ଗୋଲ କରି ଭାରତକୁ ବିଜୟ ଭେଟି ଦେଇଛନ୍ତି।



ଏମାନଙ୍କ ବ୍ୟତୀତ ଓଡିଶାର ସୁନେଲିତା ୧୧ତମ ଓ ୩୦ତମ, ଲାଲରେମସିଆମି ୧୩ତମ ଓ ୧୬ତମ ଏବା ସାକ୍ଷୀ ରାଣା ୨୫ତମ ଓ ୫୭ତମ ମିନିଟରେ ଇଣ୍ଡୋନେସିଆକୁ ଗୋଲ ଦେଇଥିଲେ।ଅଧିନାୟକ ସଲିମା ଟେଟେ ଓ ଇଶିକା ଚୌଧୁରୀ ମଧ୍ୟ ଗୋଟିଏ ଲେଖାଏ ଗୋଲ ସ୍କର କରିଛନ୍ତି। ଇଣ୍ଡୋନେସିଆ ପାଇଁ ଏକମାତ୍ର ଗୋଲ ୩୨ତମ ମିନିଟରେ ଆସିଥିଲା। ଇନ୍‌ନେସ ଆଦିତ୍ୟା ଏହି ଗୋଲ ସ୍କର କରିଛନ୍ତି। ଭାରତ ଏସିଆନ ଗେମ୍ସରେ ୨ଟି ମ୍ୟାଚ୍ ଖେଳିଥିବା ବେଳେ ଉଭୟରେ ବାଜିମାତ କରିଛି। ସେହିପରି ୨ଟି ମ୍ୟାଚ୍‌ରେ ଦଳର ଗୋଲ ସଂଖ୍ୟା ୩୬ରେ ପହଞ୍ଚି ଯାଇଛି। ଦଳ ବୁଧବାର ଥାଇଲ୍ୟାଣ୍ଡ ବିପକ୍ଷରେ ନିଜର ତୃତୀୟ ମ୍ୟାଚ୍ ଖେଳିବ। ଭାରତୀୟ ମହିଳା ହକି ଟିମକୁ ୨୦୨୮ ଲସ ଆଞ୍ଜେଲେସ ଅଲିମ୍ପିକ୍ସ ପାଇଁ ସିଧାସଳଖ ଯୋଗ୍ୟତା ଅର୍ଜନ କରିବାକୁ ହେଲେ ଏସିଆନ ଗେମ୍ସରେ ଯେମିତି ହେଲେ ବି ସ୍ୱର୍ଣ୍ଣ ପଦକ ଜିତିବାକୁ ପଡିବ।

# ଅମିତ ଶାହାଙ୍କୁ ଭେଟିଲେ ଗୌତମ ଗମ୍ଭୀର

ନୂଆଦିଲ୍ଲୀ, ୨୧।୯: ଭାରତୀୟ କ୍ରିକେଟ ଦଳର ମୁଖ୍ୟ କୋଚ ଗୌତମ ଗମ୍ଭୀର ସୋମବାର କେନ୍ଦ୍ରୀୟ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ସାକ୍ଷାତ କରିଛନ୍ତି। ଏହି ସାକ୍ଷାତକାରର ଫଟୋ ଗମ୍ଭୀର ନିଜ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଏହାକୁ ସେ ଏକ ସୌହାର୍ଦ୍ଦପୂର୍ଣ୍ଣ ସାକ୍ଷାତକାର ବୋଲି ଉଲ୍ଲେଖ କରିବା ସହ ଅମିତ ଶାହାଙ୍କ ସମୟ ଓ ମାର୍ଗଦର୍ଶନ ପାଇଁ କୃତଜ୍ଞତା ଜଣାଇଛନ୍ତି।ସାକ୍ଷାତକାର ସମୟରେ ଗୌତମ ଗମ୍ଭୀର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ଭଗବାନ ଗଣେଶଙ୍କ ଏକ ମୂର୍ତ୍ତି ଉପହାର ଦେଇଥିଲେ। ଏହି ମୁହୂର୍ତ୍ତର ଫଟୋ ମଧ୍ୟ ଗମ୍ଭୀର ଶେୟାର କରିଛନ୍ତି। ଗୌତମ ଗମ୍ଭୀର ୯ ଜୁଲାଇ ୨୦୨୪ରେ ଭାରତୀୟ ପୁରୁଷ କ୍ରିକେଟ ଦଳର ମୁଖ୍ୟ କୋଚ ଭାବେ ନିଯୁକ୍ତ ହୋଇଥିଲେ। ଏହା ପୂର୍ବରୁ ସେ ଭାରତୀୟ ଜନତା ପାର୍ଟିର ସାଂସଦ ମଧ୍ୟ ରହିଥିଲେ। ଗମ୍ଭୀରଙ୍କ କୋଚିଂରେ ଭାରତ ୨୦୨୫ ଚାମ୍ପିଅନ୍ସ ଟ୍ରଫି ଜିତିଥିଲା। ଏହା ପରେ ୨୦୨୬ରେ ଭାରତ ଟି-୨୦ ବିଶ୍ୱକପ ଟାଇଟଲ ମଧ୍ୟ ଜିତିଛି।

# ବୁମରାଙ୍କୁ ବିରୋଧ କରିଥିଲେ ଅଗରକର

ନୂଆଦିଲ୍ଲୀ, ୨୧।୯: ଅଜିତ ଅଗରକରଙ୍କୁ ନେଇ ନୂଆ ତଥ୍ୟ ସାମ୍ନାକୁ ଆସୁଛି। ରୋହିତ ଶର୍ମାଙ୍କ ପ୍ରସଙ୍ଗରେ ବିସିସିଆଇର ବରିଷ୍ଠ ଅଧିକାରୀ ଏବଂ ଭିଭିଏସ ଲକ୍ଷ୍ମଣଙ୍କ ସହ ମତଭେଦକୁ ଅଗରକରଙ୍କ ମୁଖ୍ୟ ଚୟନକର୍ତ୍ତା ପଦରୁ ଓହରିଯିବାର କାରଣ ଭାବରେ ଦର୍ଶାଯାଉଥିଲେ ମଧ୍ୟ, ପ୍ରକୃତ ବିବାଦର ମୂଳ କାରଣ ଥିଲେ ଯଶପ୍ରୀତ ବୁମରା। ୨୦୨୩ରେ ମୁଖ୍ୟ ଚୟନକର୍ତ୍ତା ଭାବେ ଦାୟିତ୍ୱ ଗ୍ରହଣ କରିବାର ଅଳ୍ପ ସମୟ ମଧ୍ୟରେ ହିଁ ବିସିସିଆଇ ଅଧିକାରୀଙ୍କ ସହ ଅଗରକରଙ୍କ ସମ୍ପର୍କ ଖରାପ ହେବା ଆରମ୍ଭ ହୋଇଯାଇଥିଲା।ଦାୟିତ୍ୱ ଗ୍ରହଣ କରିବାର ମାତ୍ର ଦ୍ୱିତୀୟ ବୈଠକରୁ ହିଁ ସମସ୍ୟା ଦେଖାଦେଇଥିଲା। କାହାକୁ ଅଧିନାୟକତ୍ୱ ପ୍ରଦାନ କରାଯିବ, ଋତୁରାଜ ଗାଏକୱାଡ ନା ଯଶପ୍ରୀତ ବୁମରାସେ ନେଇ ଅଗରକର ଏବଂ ବିସିସିଆଇ ପ୍ରଶାସନ ମଧ୍ୟରେ ମତଭେଦ ସୃଷ୍ଟି ହୋଇଥିଲା।

ଏହି ଘଟଣା ୨୦୨୩ ମସିହାରେ ଘଟିଥିଲା, ଯେତେବେଳେ ଅଗଷ୍ଟ ମାସରେ ଭାରତୀୟ ଦଳର ଆୟର୍ଲାଣ୍ଡ ଗସ୍ତ ଏବଂ ତା' ପର ମାସରେ ଏସିଆ କପ ଆୟୋଜିତ ହେବାର ଥିଲା। ଅଗରକର ଦଳର ନେତୃତ୍ୱ ନେବା ପାଇଁ ଋତୁରାଜ ଗାଏକୱାଡଙ୍କ ସପକ୍ଷରେ ମତ ଦେଇଥିଲେ, କିନ୍ତୁ ବିସିସିଆଇ ଏଥିରେ ସହମତ ହୋଇନଥିଲା। ବୋର୍ଡ ଅଧିନାୟକତ୍ୱ ପାଇଁ ଯଶପ୍ରୀତ ବୁମରାଙ୍କୁ ପସନ୍ଦ କରିଥିଲା, କାରଣ ପ୍ରାୟ ଏକ ବର୍ଷ ଧରି ଦଳରୁ ଦୂରେଇ ରହିବା ପରେ ସେ ପ୍ରତ୍ୟାବର୍ତ୍ତନ କରୁଥିଲେ। ବୁମରାଙ୍କ ଉପରେ ଅତ୍ୟଧିକ ଚାପ ପକାଇବା ଉଚିତ ନୁହେଁ ବୋଲି ଅଗରକର ଯୁକ୍ତି ବାଢ଼ିଥିଲେ, କାରଣ ଏହା ତାଙ୍କ କାର୍ଯ୍ୟଭାର (ୱର୍କଲୋଡ) ଉପରେ ପ୍ରଭାବ ପକାଇପାରେ। ତଥାପି, ବିସିସିଆଇ ଅଗରକରଙ୍କ ମତକୁ ଅଗ୍ରାହ୍ୟ କରି ବୁମରାଙ୍କୁ ଅଧିନାୟକ ଭାବେ ନିଯୁକ୍ତ କରିଥିଲା ଏବଂ ଦର୍ଶାଇଥିଲା ଯେ ବୁମରା ନିଜେ ଏହି ଦାୟିତ୍ୱ ଗ୍ରହଣ କରିବାକୁ ଆଗ୍ରହ ପ୍ରକାଶ କରିଥିଲେ। ପରବର୍ତ୍ତୀ ସମୟରେ ଭାରତ ଆୟର୍ଲାଣ୍ଡ ବିପକ୍ଷ ତିନି ମ୍ୟାଚ ବିଶିଷ୍ଟ ଟି-୨୦ ସିରିଜକୁ ୨-୦ରେ ଜିତି ନେଇଥିଲା, ଯେଉଁଥିରେ ଶେଷ ମ୍ୟାଚ ବର୍ଷା ଯୋଗୁ ବାତିଲ ହୋଇଯାଇଥିଲା।

Published and Owned by Sri Bibhuti Bhushan Mahapatra of House No.A/2, Suraj Vihar Phase-1, Po-Baragarh Brit Colony, Bhubaneswar-751018 published from Plot No.3774, Nageshwar Tangi, Bhubaneswar, Dist-Khurda-751002 and Printed by Smt. Sandhyarani Pati at M/S Swadhikar, IDCO Plot No-6/A/B/1, Revenue Plot No-8941(P) Mancheswar Industrial Estate,Bhubaneswar-751010, Near NSIC Office,